ବାବାଜୀ ଶ୍ରୀ ବୈଷ୍ଣବଚରଣ ଦାସ

Digitized by srujanika@gmail.com

ମୁଖବନ୍ଧ

ନନ୍ଦ-ହୃଦୟାନନ୍ଦ ବ୍ରଜକୁଳଚନ୍ଦ୍ର ଶ୍ରୀକୃଷ୍ଣଙ୍କ ଲୀଳାକୁ ଯଥା ତଥା ସର୍ବ ସାଧାରଣରେ ପ୍ରଚାର କରିବା ମହାକଠିନ ବ୍ୟାପାର । କୃଷ୍ଣ ବୋଲି ଯେଉଁ ଜଣକ, ସେ ସହଜ ଜଣେ ନୁହନ୍ତି—ଗୋଟିଏ କାଳିଆନାଗ, ଏ କାଳିଆ ନାଗ ଏମିତି ସେମିତି ନାଗ ନୁହନ୍ତି, ଯେ କି କାଳିନ୍ଦୀ ହ୍ରଦରେ ପଶି ମହାଦୁଷ୍ଟ ମହାବିଷଧର କାଳୀୟ ନାଗର ମହାଗର୍ବକୁ ଦଳିଦେଇ ମହାଆନନ୍ଦରେ ମହାନୃତ୍ୟ କରି ଗୋପ ଗୋପୀମାନଙ୍କୁ ମହାସଙ୍କଟରୁ ରକ୍ଷା କରିଥିଲେ । ଏ ସେହି କାଳିଆନାଗନ୍ତି ! ସାବଧାନ ! ଏ ସାପକୁ ଯେ ଖେଳାଇବ, ସେ ଜଣେ ଭଲ (ନାଗଖେଳକ) ସାପୁଆକେଳା ହେବା ଦରକାର । ଏ ନାଗ କେବଳ ହୃଦୟ ପେଡିରେ ରହି ବଡ଼ ବିଚିତ୍ର ଖେଳ ଖେଳେ । ଏଥିକି ଗଦ, ପଦ, ଗାରଡ଼ି ଆଉ ଧୂଳି ମଧ୍ୟ ଲୋଡ଼ା, (ଗଦ—ତୁଳସୀମାଳା, ତିଳକ; ପଦ—କୃଷ୍ଣ ମନ୍ତ୍ର; ଧୂଳି—ଶ୍ରୀଗୁରୁ ବୈଷ୍ଣବଙ୍କ ପଦରଜ, ଗାରଡ଼ୀ—କାମମନ୍ତ୍ର) ସାପୁଆମାନେ ଡ଼ମ୍ବରୁ ନାଗେଶ୍ୱର ବଜାଇ ସାପକୁ ହୁଙ୍କାରୁ ବା ଗାତରୁ ବାହାର କରାଇ ନିଜ ପେଡ଼ିରେ ରଖନ୍ତି, ଭକ୍ତରୂପ ସାପୁଆ ଖୋଳ କରତାଳ ସ୍ୱରୂପ ଡମ୍ବରୁ ନାଗେଶ୍ୱର ବଜାଇ ନାମ ସଙ୍କୀର୍ତ୍ତନ ସ୍ୱରୂପ ପଦଟେଳା ଗାଇବା ମାତ୍ରେ ତତ୍କ୍ଷଣାତ୍ କାଳିଆନାଗ ତା'ର ନାଗୁଣୀ ସହିତ ବୃନ୍ଦାବନ ନାଟ୍ୟସ୍ଥଳ ହୁଙ୍କାରୁ ଆନନ୍ଦରେ ଫଣା ଟେକି ଖେଳି ଖେଳି ଆସି ସାପୁଆ ପାଖେ ପହଞ୍ଚି ଯାଏ, କିନ୍ତୁ ସାପୁଆର ଦମ୍ଭ ସାହାସ ଚାହିଁ, ନଚେତ୍ ଟିକିଏ ସତର୍କ ନୋହିଲେ ଏ ନାଗ ଫଁ କରି ଦଂଶିଦେବ । ଏଣୁ ଅନୁରୋଧ କରୁଅଛୁ କି, ଯେଉଁମାନେ ବିଷ ମନ୍ତ୍ର ଜାଣି ନ ଥିବେ, ସେମାନେ ଏ ସାପ

Digitized by srujanika@gmail.com

ଗାତରେ ହାତ ପୂରାଇବେ ନାହିଁ; ଚମ୍ପା ଖେଳାଇବାକୁ ସାହସୀ ହେବେ ନାହିଁ। ପ୍ରଥମେ ହୃଦୟ ଭିତରୁ ଅଳଆ କାଢ଼ି ସଫା କରିବେ। କୂଟ-କପଟ, ଅହଙ୍କାର, ଗର୍ବ, ହିଂସା, କାମ, କ୍ରୋଧ, ଲୋଭ, ମୋହ ଇତ୍ୟାଦି ନାନା ଅଳଆ ପୋଛି ପାଛି ଦେଇକ ପ୍ରେମ-ଜଳରେ ଧୋଇ ଭକ୍ତି ଡ଼ୋର ଲଗାଇ ଥିବେ। ନ ହେଲେ ଏ ଗୁପ୍ତଭାବରୁ ସାପ ଦଂଶି ଖସି ଚାଲିଯିବ। ପବିତ୍ର ଭାବରେ ନ ରହିଲେ ଏ ସାପ ନିଶ୍ଚୟ ଦଂଶିବ ହିଁ ଦଂଶିବ।

ଅଜକାଲି ରାସଲୀଳା ଅଭିନୟ କରିବାକୁ କେତେକ ବ୍ୟକ୍ତି ସାହସୀ ହେଉଅଛନ୍ତି, କିନ୍ତୁ ଏହି ଅପ୍ରକଟ ଲୀଳାକୁ ପ୍ରକଟ କରିବା ମହାଦୁଃସାଧ୍ୟ। ଏହା ଗୁହ୍ୟମୂର୍ତ୍ତି ନୁହେ—ସେହି କାଳିଆ ନାଗର ମହାଗରଳ। ଯୁଗଳ ମହାମନ୍ତ୍ରରେ ଦୀକ୍ଷିତ ହୋଇ ସଦ୍‌ଗୁରୁ ଉପଦେଶକ୍ରମେ ପ୍ରଧାନ ଗୁଣୀଅ ହେବା ପର୍ଯ୍ୟନ୍ତ ଏଥିରେ ପଥିକ ହୋଇ ପାରିବେ ନାହିଁ। କେହି କେହି ଏହାକୁ ବାଜେ ଲୀଳା ଯାତ୍ରା ବା ଦୃଷ୍ଟାନ୍ତପର ଜ୍ଞାନ କରନ୍ତି, କେହି କେହି ବା ଥଟ୍ଟା ତାମସାରେ ସର୍କସ, ଥିଏଟର ନ୍ୟାୟ ଏ ଅପ୍ରାକୃତ ଲୀଳାକୁ ପ୍ରାକୃତ ମନେ କରି ନାନାଦି କୁକ୍ରିୟା ଆଚରଣରେ ନିମଗ୍ନ ହୋଇ ଥାଆନ୍ତି, ଏଣୁ ପ୍ରାର୍ଥନା ପୂର୍ବକ ଜଣାଉଅଛୁ କି ଯେଉଁମାନେ ଶ୍ରୀ ଶ୍ରୀକୃଷ୍ଣଚୈତନ୍ୟ ମହାପ୍ରଭୁଙ୍କ ମନ୍ତ୍ର ଓ ତତ୍ତ୍ୱ ଉପଦେଶ ଗ୍ରହଣ କରି ନ ଥିବେ, ଯେଉଁମାନେ ଶ୍ରୀହରି ମନ୍ଦିର ଅଙ୍କିତ ଦ୍ୱାଦଶ ତିଳକ ନାମାବଳୀରେ ଦ୍ୱାଦଶାଙ୍ଗ ଭୂଷିତ ହୋଇ ନ ଥିବେ, ଯେଉଁମାନେ ଗୁରୁ କୃଷ୍ଣ ବୈଷ୍ଣବଙ୍କ ପ୍ରତି ଦୃଢ଼ବିଶ୍ୱାସ ଓ ଏକାନ୍ତ ନିଷ୍ଠା ଭକ୍ତି ରଖି ନ ଥିବେ, ଯେଉଁମାନେ ଅପ୍ରାକୃତ ପ୍ରେମମଦରେ ଭୋଳ ନ ହୋଇ ପ୍ରକୃତ ମଦ୍ୟ ମାଂସରେ ଆଶକ୍ତ ଥିବେ, ଯେଉଁମାନେ ସାଧନ ପ୍ରଣାଳୀରେ ଅନୁଭବ ନ ଥିବେ, ଯେଉଁମାନେ ପାରମାର୍ଥିକ ତତ୍ତ୍ୱ ବୁଝି ନ ଥିବେ, ଯେଉଁମାନେ ପ୍ରାଚୀନ ମହାଜନ ଓ ଗୋସ୍ୱାମୀମାନଙ୍କ ମୁଖନିଃସୃତ ଭକ୍ତିଗ୍ରନ୍ଥସମୂହ ଅଧ୍ୟୟନ କରି ନ ଥିବେ, ସେମାନେ ଏ ନିଗୂଢ଼ ଲୀଳା ଶ୍ରୀ ଶ୍ରୀ ରାଧାଗୋବିନ୍ଦଙ୍କ ତନ୍ମୟ-ରସରେ ଅଧିକାରୀ ହୋଇ ପାରିବେ ନାହିଁ। ଏଣୁ ବାରମ୍ବାର କରଯୋଡ଼ି ବିନୟ ପୂର୍ବକ ଜଣାଉଅଛୁ କି

Digitized by srujanika@gmail.com

ଗୋପୀଭାବାଶ୍ରୟ ଗ୍ରହଣ କରି ନ ଥିବା ବ୍ୟକ୍ତିମାନେ ସାବଧାନ ! ସାବଧାନ !! ସାବଧାନ ! ! ! କାରଣ:—ଏହି ରାଧାକୃଷ୍ଣ ପ୍ରେମ ଔଷଧରେ ବିଷ ଅଛି ଅମୃତ ଏକତ୍ରିତ ହୋଇଅଛି, ବିଷ ମାରଣ କରି ନ ଜାଣିଲେ ଏ ମହୌଷଧ ପାନ କରିବା ବଡ଼ କଠିନ । ଏହି ବିଷ ମାରଣ କରିବାକୁ ତିନିଜଣ ବୈଦ୍ୟଙ୍କର ଆଶ୍ରୟ ନେବାକୁ ହୁଏ ।

ପ୍ରଥମ ବୈଦ୍ୟ—ଶ୍ରୀଶ୍ରୀଗୁରୁଦେବ ଗୋସ୍ୱାମୀ ।
ଦ୍ୱିତୀୟ ବୈଦ୍ୟ—ଶ୍ରୀଶ୍ରୀକୃଷ୍ଣଚୈତନ୍ୟ ମହାପ୍ରଭୁ ।
ତୃତୀୟ ବୈଦ୍ୟ—ଶ୍ରୀଶ୍ରୀବୈଷ୍ଣବ ଗୋସାଇଁ ।

ଏହି ତିନିଜଣ ବୈଦ୍ୟଙ୍କର ପ୍ରଧାନ ଉପଦେଶ ଓ କାମରୋଗ ଚିକିତ୍ସାର ପ୍ରକୃତ ଉପାୟ ନ ଜାଣିବା ଯାଏ ଏ ମହୌଷଧ କେହି ପାନ କରି ପାରିବେ ନାହିଁ । ଯଦି ଅମାନିଆ ହୋଇ ପାନ କରିବେ, ତାହାହେଲେ ସମୟରେ ପାଗ୍ଲା ଫୁଟି ବାହାରିଲା ଭଳି ଦଶା ଭୋଗିବାକୁ ହେବ । ଏଣୁ କୃତାଞ୍ଜଳିପୂର୍ବକରେ ବିନୀତ ପ୍ରାର୍ଥନା ସହିତ ନିବେଦନ କରୁଅଛୁ କି ଯେଉଁମାନେ ଏ ନିଗୂଢ଼ ଅପ୍ରକଟ ଲୀଳାକୁ ଅଭିନୟ କରିବାରେ ପ୍ରବୃତ୍ତ ହେବେ, ସେମାନେ ଲୀଳାର ପ୍ରଣାଳୀକ୍ରମେ ବିଜ୍ଞବିଧି ଅନୁସାରେ ଏହି ଉପାସନାରେ ପ୍ରବେଶ କରିବେ, ତେବେ ପରିଣାମରେ ବିଷପାନ ଫଳ ଲାଭ କରିବାକୁ ହେବ । ଏଥିପାଇଁ ମହାକାବ୍ୟ ଗୀତଗୋବିନ୍ଦର ପଦାନୁସରଣେ ମୋର ପ୍ରମାତାମହ ବସନ୍ତରାସ ପଦକର୍ତ୍ତା ୰ ପିଣ୍ଡିକ ଶ୍ରୀଚନ୍ଦନ ବାରମ୍ବାର ବୁଝାଇ କହିଅଛନ୍ତି, ଯଥା :—

"ଅଜ୍ଞାନ ପ୍ରେମସାଗର ଜୟୋଦଶଶ୍ଚନ୍ଦ
କୀର୍ତ୍ତନ କର ଓହେ ନୈଃସଙ୍ଗଲଗ୍ନ ଭକ୍ତବୃନ୍ଦ ।"

ଏବଂ ବିଦଗ୍ଧ-ଚିନ୍ତାମଣି ପ୍ରଣେତା ୰ଅଭିମନ୍ୟୁ ସାମନ୍ତସିଂହାର ମଙ୍ଗଳାଚରଣରେ ଲେଖିଅଛନ୍ତି; ଯଥା :—

ଝୁଲ ମାର୍ଗ ପଇବେ ପଥିକେ ହେଲେ ଭ୍ରମି ।
ଝଗଡ଼ ବାଟେ ପଶିଲେ ମୂର୍ଖେ ହେବେ ତୁମେ ହେ ॥

+ + + + +

Digitized by srujanika@gmail.com

ଏହିପରି ୰ଗୋପାଳକୃଷ୍ଣ, ଦୀନକୃଷ୍ଣ, ବନମାଳୀ, କବିସୂର୍ଯ୍ୟ ବ୍ରହ୍ମା ପ୍ରଭୃତି ଭକ୍ତ କବିମାନେ ସଖୀଭାବକୁ ଆଶ୍ରୟ କରି ନିଜ ନିଜ ପଦ୍ୟାବଳୀ-ମାନଙ୍କରେ ଉକ୍ତ ବିଷୟ ଉଲ୍ଲେଖ କରି ଅଛନ୍ତି । ଏ ଅଧମ ମଧ୍ୟ ସେହି ମହାଜନମାନଙ୍କ ଭାବପୂର୍ଣ୍ଣ ସଙ୍ଗୀତ ସମ୍ଭାରରୁ କେତେକ ଗୀତ ଏହି ନାଟକମାନଙ୍କରେ ସନ୍ନିବେଶିତ କରିଅଛି । ଆଶାକରେ ସହୃଦୟ ପ୍ରେମିକ ଭାବୁକ ପାଠକବୃନ୍ଦଙ୍କୁ ଏ ବିଷୟ ଅବିଦିତ ହେବ ନାହିଁ ।

ପ୍ରକାଶ ଥାଉକି ମତ୍ପ୍ରଣୀତ ନାଟକମାନ ଯେଉଁମାନେ କୌଣସି ସ୍ଥଳରେ ଅଭିନୟ କରିବାକୁ ଇଚ୍ଛା କରିବେ, ସେମାନେ ସିଦ୍ଧ ପ୍ରଣାଳୀ ଅନୁଯାୟୀ ଏ ଅପ୍ରକଟ ଲୀଳାକୁ ପ୍ରକାଶ କରିବେ । ନଚେତ୍ ରାସଲୀଳା ନାଟକାଭିନୟର ଛପା ନିୟମାବଳୀ ଆମ୍ଭ ନିକଟରୁ କିମ୍ବା ଶ୍ରୀଧାମ ବୃନ୍ଦାବନ ସିଦ୍ଧାର୍ବଟ ଗୋସ୍ୱାମୀଙ୍କ ନିକଟରୁ ମଗାଇ ନେଇ ପାରନ୍ତି । ଇତି ।

ସତ୍ୟବାଦୀ ରାସଲୀଳା ମଣ୍ଡଳୀ
ପୋଃ ଅଃ ସାକ୍ଷୀଗୋପାଳ
। ଜି । ପୁରୀ ।

ବ୍ରଜବାସୀ
ବାବାଜୀ ଶ୍ରୀ ବୈଷ୍ଣବଚରଣ ଦାସ
ତା ୧୦ । ୧୧ । ୬୬ ମସିହା

Digitized by srujanika@gmail.com

ମାନଭଞ୍ଜନ

ନାଟକର ସାରମର୍ମ

ଶ୍ରୀକୃଷ୍ଣ ଯେପରି ଶ୍ରୀରାଧାଙ୍କର ବଶୀଭୂତ, ସେପରି ଅନ୍ୟ କାହାରି ନୁହନ୍ତି; ଏହା ହିଁ ଫଳିତାର୍ଥ । ରୂପରେ, ଗୁଣରେ ଓ ସୌଭାଗ୍ୟରେ ଯଦି ଶ୍ରୀରାଧା ସର୍ବାଧିକା, ତେବେ କାହିଁକି ଶ୍ରୀକୃଷ୍ଣ ଧନ୍ୟାକନ୍ୟା ଚନ୍ଦ୍ରାବଳୀ ଆଦି ଅନ୍ୟାନ୍ୟ ଗୋପୀମାନଙ୍କ ସଙ୍ଗେ ବିହାର କରନ୍ତି ? ଏହି ଆଶଙ୍କାରେ ଶ୍ରୀକୃଷ୍ଣ କହୁଛନ୍ତି—ତ୍ରୈଲୋକ୍ୟ ମଧ୍ୟରେ ପୃଥିବୀ ଧନ୍ୟ—ଯେଉଁ ପୃଥିବୀରେ ମୋର ବୃନ୍ଦାବନ ପୁରୀ, ସେହି ବୃନ୍ଦାବନରେ ଗୋପିକାମାନେ ଧନ୍ୟା—ଯେଉଁ ଗୋପୀମାନଙ୍କ ମଧ୍ୟରେ ମୋର ରାଧା ନାମେ ବଲ୍ଲଭୀ ଅଛି । ଏହି ମାନଭଞ୍ଜନ ନାଟକ ଖଣ୍ଡିକ ଯେଉଁ ମହାକାବ୍ୟ ଗୀତଗୋବିନ୍ଦ ନାମକ ଗ୍ରନ୍ଥର ଛାୟା ଅବଲମ୍ବନେ ବସନ୍ତରାସର ଆଶ୍ରୟ ଗ୍ରହଣ କରିଅଛି, ସେହି ମହାକାବ୍ୟ ତୃତୀୟ ସର୍ଗ ପ୍ରଥମ ଶ୍ଳୋକରେ କବିରାଜ ୰ଜୟଦେବ ଗୋସ୍ୱାମୀ କହିଅଛନ୍ତି । ଯଥା;—

କଂସାରିରପି ସଂସାରବାସନା ବଦ୍ଧ ଶୃଙ୍ଖଳାମ୍ ।
ରାଧାମାଧାୟ ହୃଦୟେ ତତ୍ୟାଜ୍ୟ ବ୍ରଜସୁନ୍ଦରୀଂ ॥

କଂସଅରି ଶ୍ରୀକୃଷ୍ଣ ସମ୍ୟକ୍ ସାରଭୂତ ରାସଲୀଳା ବାସନାରେ ବଦ୍ଧ ଶୃଙ୍ଖଳା ଶ୍ରୀରାଧାଙ୍କୁ ହୃଦୟରେ ଧାରଣ କରି ଅନ୍ୟ ବ୍ରଜସୁନ୍ଦରୀମାନଙ୍କୁ ପରିତ୍ୟାଗ କରି ଗମନ କରିଅଛନ୍ତି । ଏ ବିଷୟ ଏ ନାଟକର ପ୍ରଥମ ଅଙ୍କ ଯାହା କି "ବସନ୍ତ ଉତ୍ସବ ବା ଈର୍ଷାମାନ" ନାମରେ ଉଲ୍ଲେଖ ଅଛି । ପ୍ରେମିକ ରସିକ ଭକ୍ତଗଣ ତାହା ଆସ୍ୱାଦନ କରି ତନ୍ମୟ ସୁଖର ଅଧିକାରୀ ହୁଅନ୍ତୁ ।

Digitized by srujanika@gmail.com

ବ୍ରଜରେ ନାୟକ ଅପେକ୍ଷା ନାୟିକାଙ୍କର ରସାଧିକ୍ୟ । ବ୍ରଜ ନାୟକ ମୁକୁଟମଣି ଶ୍ରୀକୃଷ୍ଣଚନ୍ଦ୍ର ନାୟିକା-ମୁକୁଟମଣି ଶ୍ରୀରାଧା ରାଣୀଙ୍କ ସମ୍ମିଳନରେ ଶ୍ରୀ ଚୈତନ୍ୟଙ୍କ ଏଗାର ବୈମଧିକ୍ୟ ପ୍ରକଟ ନ କରି ନାୟିକାଙ୍କ ସମରସବାଦୀ ଭକ୍ତମାନଙ୍କ ମତ ମଣ୍ଡନ କରି ଅଛନ୍ତି । (ଭକ୍ତିମୂଳ ରସଶାସ୍ତ୍ରର ଆଦିଗୁରୁ)

ଶ୍ରୀରାଧାଙ୍କର ପଞ୍ଚସ୍ପୃହା କିପରି ହୋଇଥିଲା, ଶ୍ରବଣ କରନ୍ତୁ,—

୧ମ ଜିହ୍ୱା, ୨ୟ ନାସିକା, ୩ୟ କର୍ଣ୍ଣ, ୪ର୍ଥ ତ୍ୱକ୍, ୫ମ ଚକ୍ଷୁ । (ଏହି ପଞ୍ଚଇନ୍ଦ୍ରିୟଙ୍କ ସ୍ପୃହା କୁହାଗଲା ।) ଶ୍ରୀରାଧାଙ୍କ ନୟନଯୁଗଳ ଶ୍ରୀକୃଷ୍ଣଙ୍କ ରୂପରେ ଲୁବ୍ଧ, ତ୍ୱକ୍ ଶ୍ରୀକୃଷ୍ଣଙ୍କ ଅଙ୍ଗ ସ୍ପର୍ଶ ପାଇଁ ପୁଲକିତ, କର୍ଣ୍ଣ ଶ୍ରୀକୃଷ୍ଣଙ୍କ ବାକ୍ୟ ଓ ବଂଶୀସ୍ୱନରେ ଉତ୍କଣ୍ଠିତ, ନାସାପୁଟ ଶ୍ରୀକୃଷ୍ଣଙ୍କ ଅଙ୍ଗ ସୌରଭରେ ପ୍ରଫୁଲ୍ଲିତ, ଆଉ ଶ୍ରୀକୃଷ୍ଣଙ୍କ ଅଧରପୁଟରେ ଜିହ୍ୱା ଅନୁରାଗିଣୀ, ଏତାଦୃଶ ଅବସ୍ଥାରେ ବିରହିଣୀ ଶ୍ରୀରାଧା କପଟତା ପୂର୍ବକ ମହାଧୈର୍ଯ୍ୟ ଅବଲମ୍ବନ କରି ଅଧୋବଦନରେ ରହିଲେ ମଧ୍ୟ ବାହାରେ ବିକାର ଦ୍ୱାରା ଅକୁଳା ହୁଅନ୍ତି । ବୃଷଭାନୁଜେମା କୃଷ୍ଣ ବିରହରେ ଉନ୍ମାଦିନୀ ହୋଇ ପାଗଳିନୀ ନାମ ବହି ଅଛନ୍ତି । ମନୁଷ୍ୟ ଈଦୃଶ ଦଶାରେ ଅବଶ୍ୟ ହିଁ ବିପୁଳ ବିରହରେ ଉନ୍ମତ୍ତ ହୁଏ ସତ୍ୟ, କିନ୍ତୁ ସେହି ଶୋକ ଦଶାରେ କ୍ଷୁତ୍ପିପାସା ଓ କ୍ଳାନ୍ତ ଥାଏ; ଶ୍ରୀରାଧାଙ୍କର ତାହା ନ ଥିଲା । ସେ ଏକମନ ଏକ ଧ୍ୟାନରେ କ୍ଷୁତ୍ପିପାସା ଓ ଭ୍ରାନ୍ତି ବର୍ଜିତା ହୋଇ ମହାଯୋଗରେ ଏକାବେଳକେ ତନ୍ମୟମନା ହୋଇଥିଲେ । ଯେତେବେଳେ ମଧ୍ୟେ ମଧ୍ୟେ ହୃଦୟ ମଧ୍ୟରେ କୃଷ୍ଣଦର୍ଶନ ନ ପାଆନ୍ତି, ତେତେବେଳେ ହା କୃଷ୍ଣ ! ହା କୃଷ୍ଣ ! ବୋଲି କରୁଣ ସ୍ୱରରେ ରୋଦନ କରନ୍ତି । ତାହାଙ୍କର ଅନୁନୟ ବିନୟରେ ଏବଂ କାତର ଉକ୍ତିରେ ବନର ପଶୁ ପକ୍ଷୀ ମଧ୍ୟ ରୋଦନ କରନ୍ତି, ପୁଣି ଯେତେବେଳେ କୃଷ୍ଣ ଦର୍ଶନ ଲାଭ କରନ୍ତି ତେତେବେଳେ ତାଙ୍କର ଆଉ ଆନନ୍ଦର ସୀମା ରହେ ନାହିଁ । ସେ ପ୍ରେମପୂର୍ଣ୍ଣ ପଙ୍କଜ ନୟନରେ କୃଷ୍ଣଙ୍କୁ ନାନା ଭଙ୍ଗିରେ ଅବଲୋକନ

Digitized by srujanika@gmail.com

କରନ୍ତି, ସେ ଶୋଭା-ସମ୍ପଦ କିଏ ବର୍ଣ୍ଣିପାରିବ ? ଯେତେବେଳେ ହାସ୍ୟ ଛଟାରେ ତାଙ୍କ ବିଧୁବଦନଟି ଅତି ରମଣୀୟ କାନ୍ତି ଧାରଣ କରେ । ସେ ନିଜ ଭାବରେ ବିହ୍ୱଳା ହୋଇ ପ୍ରାଣବନ୍ଧୁଙ୍କର କେତେ ସ୍ତବ କରନ୍ତି, କେତେ ଅଧର ଦଂଶନ କରନ୍ତି ଏବଂ ଆନନ୍ଦ ଅଶ୍ରୁ ବର୍ଷଣ କରନ୍ତି । ତାଙ୍କର ହାସ, କାନ୍ଦ, ଅଙ୍ଗଭଙ୍ଗି ଓ ଅସ୍ଫୁଟନାଦ ଶ୍ରବଣରେ କିଏ ବା ଧୈର୍ଯ୍ୟ ଧରି ରହିବ ? କୃଷ୍ଣାମ୍ବିକା ଯଶୋଦା ଯେତେବେଳେ ବିଶ୍ୱଜଗତକୁ କୃଷ୍ଣମୟ ଦେଖନ୍ତି, ସେତେବେଳେ ବିସ୍ମୟ ବ୍ୟାପାର ଉପସ୍ଥିତ ହୁଏ । କୃଷ୍ଣ ପ୍ରେମମୟୀ ଯଶୋଦା ଊର୍ଦ୍ଧ୍ୱବାହୁ ହୋଇ କୃଷ୍ଣ ଲାଭ ଆଶାରେ ଏକା-ବେଳକେ ଉନ୍ମତ୍ତା ହୁଅନ୍ତି ଏବଂ କୃଷ୍ଣ ବୋଲି ସମସ୍ତଙ୍କୁ ଧରିବାକୁ ଧାଆଁନ୍ତି, ବେଳେ ବେଳେ ନୀଳଇନ୍ଦୀବରବିନିନ୍ଦିତ ଆଖିଡ଼ୋଳା ଯୋଡ଼ିକ ଲେଉଟାଇ ଦେଇ ଥକା ହୋଇ ରହିଯାଆନ୍ତି । ତାଙ୍କର ଏହି ଅଦ୍ଭୁତ ବ୍ୟାପାର ଦେଖି ସଖିମାନେ ରାଇ ବିରହିଣୀ ବୋଲି କହନ୍ତି । ସେହି କାରଣରୁ ଏ ନାଟକର ଦ୍ୱିତୀୟ ଅଙ୍କଟି "ବିରହମାନ" ବୋଲି ଆଖ୍ୟାତ ହୋଇଅଛି ।

ଏପରି ଶ୍ରୀମତୀ ରାଧାରାଣୀ କାହିଁକି ଦୁର୍ଜ୍ଜୟମାନିନୀ ହୋଇଥିଲେ ତାହାର ପ୍ରକୃତ କାରଣ ସାଧାରଣରେ ବ୍ୟକ୍ତ କଲିଁ । କାରଣ ଏହା ସମସ୍ତଙ୍କର ବୋଧଗମ୍ୟ ନୁହେଁ । ଅଧିକାଂଶ ବ୍ୟକ୍ତିଙ୍କ ବିବେଚନାରେ ଶ୍ରୀରାଧା ଚନ୍ଦ୍ରାବଳୀଙ୍କ ପ୍ରତି ବୈରିତା ରଖି ଶ୍ରୀକୃଷ୍ଣଙ୍କଠାରେ ଦୁର୍ଜ୍ଜୟମାନ ପ୍ରକାଶ କରିଥିଲେ । କିନ୍ତୁ ତାହା ନୁହେଁ; ପୂର୍ବ ମହାଜନ ଓ ଗୋସ୍ୱାମୀମାନଙ୍କ ପ୍ରଣୀତ ପରମାର୍ଥ ଗ୍ରନ୍ଥମାନ ପାଠକଲେ ଜାଣି ପାରିବେ ଯେ ପ୍ରକୃତ ମାନର ତାତ୍ପର୍ଯ୍ୟ କଅଣ ? ମହାକାବ୍ୟ ଗୀତଗୋବିନ୍ଦରେ କବିରାଜ ଜୟଦେବ ଗୋସ୍ୱାମୀ ମହାଶୟଙ୍କ ସୁମଧୁର ଶ୍ଲୋକରୁ ଭାବୁକ ଭକ୍ତମାନେ ଅବଶ୍ୟ ବୁଝିପାରିଥିବେ, ଅଥଚ ମଧ୍ୟ ସେହି ରାଧାପ୍ରେମ ଓ ଭାବ କାନ୍ତିକୁ ଅଙ୍ଗୀକାର କରି ଏହି ଧନ୍ୟ କଳିଯୁଗରେ ଶ୍ରୀଶ୍ରୀଗୌରାଙ୍ଗ ମହାପ୍ରଭୁ ସ୍ୱୟଂ ଅବତୀର୍ଣ୍ଣ ହୋଇ ଭକ୍ତମଣ୍ଡଳୀରେ ଯେଉଁ ସମସ୍ତ ପ୍ରେମ ପ୍ରକଟ କରିଯାଇଛନ୍ତି, ସାଧକ ଓ ଉପାସକମାନଙ୍କୁ ତାହା ଅବିଦିତ ନୁହେଁ ।

Digitized by srujanika@gmail.com

ତଥାପି ଶ୍ରୀଗୁରୁ ବୃନ୍ଦ ବୈଷ୍ଣବଙ୍କ କୃପାରୁ ଯାହା ଯାହା ସ୍ମରଣ ହୋଇଅଛି ଏ ସାନସ୍ଥାନ୍ତେ ଅଧମ ଏହି ନାଟକରେ ତାହା ପ୍ରକାଶ କରିଅଛି । ଭକ୍ତବୃନ୍ଦ ! କ୍ଷମା ସହିତ "ଦୁର୍ଜ୍ଜୟମାନ" ର ସାରମର୍ମ୍ମ ଏହି ପୁସ୍ତକର ତୃତୀୟ ଓ ଚତୁର୍ଥ ଅଙ୍କରୁ ହୃଦୟଙ୍ଗମ କରିବେ ।

ଶ୍ରୀରାଧା କାହିଁକି ମାନିନୀ ହେଲେ ଓ ଶ୍ରୀରାଧାଙ୍କ ପାଦ ଶ୍ରୀକୃଷ୍ଣ କାହିଁକି ଧରିଥିଲେ ତାହାର ପ୍ରକୃତ କାରଣ ନ ଜାଣି ବହିରଙ୍ଗ ବ୍ୟକ୍ତିମାନେ ତେବେ କେତେ ପ୍ରକାର ବୁଝିଥାଆନ୍ତି । ଏଣୁ ଏ ଅଧମ ତାହାର ସୂକ୍ଷ୍ମାର୍ଥ ଜଣାଉଛି; ଶ୍ରବଣ କରନ୍ତୁ ;—

ଶ୍ରୀରାଧା ଯେପରି ଶ୍ରୀକୃଷ୍ଣଙ୍କୁ ମନ ମଧ୍ୟରେ ସର୍ବଦା ଭାବ ଦେଉଥାନ୍ତି ଶ୍ରୀକୃଷ୍ଣ ଶ୍ରୀରାଧାଙ୍କୁ ସେପରି ଭାବ ପାରି ନ ଥିବାରୁ ନିଜେ ଶ୍ରୀକୃଷ୍ଣ ଦୋଷ ସ୍ୱୀକାର କରିଥିଲେ । ଶ୍ରୀରାଧାଙ୍କର ଏକନିଷ୍ଠ ପ୍ରେମ, ଶ୍ରୀକୃଷ୍ଣଙ୍କର ବହୁନିଷ୍ଠ ପ୍ରେମ । ଏହି ହେତୁ ଶ୍ରୀରାଧା "ହେ ବହୁବଲ୍ଲଭ ! ହେ ଚନ୍ଦ୍ରାବଳୀ ନାଥ ! ହେ ଚନ୍ଦ୍ରାବଳୀ କୋଡ଼ଭୃଙ୍ଗ" ବୋଲି ରୋଷଛଳରେ ସମ୍ବୋଧନ କରି ପାଖରୁ ଅନ୍ତର କରିଥିଲେ । ଶ୍ରୀରାଧିକା ପୂର୍ବରୁ ଶ୍ରୀକୃଷ୍ଣଙ୍କ ଲାଗି ଲୋକ, ବେଦ, ଦେହ, ଗେହ ଓ ବ୍ୟବହାରାଦି ସମସ୍ତ ପୂର୍ଣ୍ଣ ପରିତ୍ୟାଗ କରିଥିଲେ କିନ୍ତୁ ଶ୍ରୀକୃଷ୍ଣ ତାହା କରି ପାରି ନାହାନ୍ତି । ସୁତରାଂ 'ଯେ ଯଥା ମାଂ ପ୍ରପଦ୍ୟନ୍ତେ' ଇତ୍ୟାଦି ପ୍ରତିଜ୍ଞା ଭଙ୍ଗ ହେଲା । ଏହି କାରଣରୁ ଶ୍ରୀକୃଷ୍ଣ ନିଜର ଅପରାଧ କ୍ଷମା ନିମନ୍ତେ ଶ୍ରୀରାଧାଙ୍କୁ ବହୁବାର ବିନମ୍ରୀ ହୋଇଥିଲେ ଏବଂ କହିଥିଲେ, "ହେ ରାଧେ ! ତୁମ୍ଭର ସଂଯୋଗ ନିର୍ଦ୍ଦୋଷ ଅର୍ଥାତ୍ କାମଗନ୍ଧରୂପ ପ୍ରତୀୟମାନ ହେଲେ ପୂବା ନିର୍ମ୍ମଳ ପ୍ରେମମୟ । ଯାହା କି ତୁମ୍ଭେ ସୁଦୃଢ଼ ଶୃଙ୍ଖଳ ସମ୍ୟକ୍ ପ୍ରକାରେ ଛେଦନ କରି ମୋତେ ଭଜନ କରୁଅଛ, ଅର୍ଥାତ୍ ପରମ ଅନୁରାଗରେ ଆତ୍ମା ସମର୍ପଣ କରୁଅଛ । ତୁମ୍ଭର ସେହି ସାଧୁକୃତ୍ୟ ଦେବ ପରମାଣରେ ଆୟୁ ଲାଭ କଲେ ମଧ୍ୟ ମୁଁ ତୁମ୍ଭ ଋଣ ଶୁଝି ପାରିବି ନାହିଁ । ତୁମ୍ଭ ସୌଶୀଲ୍ୟ ଦ୍ୱାରା ତାହାର ପ୍ରତିକାର ହେଉ ।

Digitized by srujanika@gmail.com

ଶ୍ରୀରାଧାଙ୍କ ପ୍ରେମରେ କାମ ଅର୍ଥାତ୍ ଆତ୍ମେନ୍ଦ୍ରିୟ ତୃପ୍ତି ବାଞ୍ଛାର ଗନ୍ଧ ମାତ୍ର ନାହିଁ । ସର୍ବ ଭକ୍ତ ମୁକୁଟମଣି ଶ୍ରୀରାଧାଙ୍କ ପ୍ରେମ ଯେ ଅତ୍ୟନ୍ତ ମହାପ୍ରଭମ ନିଃସ୍ୱାର୍ଥମୟ, ତାହା ବର୍ଣ୍ଣନାତୀତ । କୃଷ୍ଣମାଧୁର୍ଯ୍ୟ, ଅର୍ଥାତ୍ ସର୍ବ ଅବସ୍ଥାରେ କୃଷ୍ଣଙ୍କର ଯେ କି ସୁରୁଚା, ଶ୍ରୀରାଧାଙ୍କ ପ୍ରେମ ତାହାକୁ ପୁଷ୍ଟ କରେ; ତହିଁରେ ସନ୍ତୁଷ୍ଟ ହୋଇ ଶ୍ରୀକୃଷ୍ଣ-ମାଧୁର୍ଯ୍ୟ, ପ୍ରେମକୁ ବର୍ଦ୍ଧିତ କରୁଅଛୁ । ଏଠାରେ ଯଦି ଶ୍ରୀରାଧିକାଙ୍କ ପ୍ରେମ ଓ ଶ୍ରୀକୃଷ୍ଣଙ୍କ ମାଧୁର୍ଯ୍ୟ ପୂର୍ଣ୍ଣ ବଢ଼ିବାର ସମ୍ଭାବନା ନାହିଁ, ତଥାପି ପରସ୍ପରଙ୍କ ସମ୍ମିଳନରେ ପରସ୍ପରଙ୍କ ବୃଦ୍ଧିରୂପ ବିରୁଦ୍ଧ ଧର୍ମଦ୍ୱାରା ଶ୍ରୀରାଧା ଶ୍ରୀକୃଷ୍ଣଙ୍କ ଅସାଧାରଣ ଭଗବତ୍ତା ପ୍ରକାଶ ହେଉଅଛୁ ଏବଂ ଜଗତରେ ମଧ୍ୟ ରୂପ ଗୁଣବତୀ ନାୟିକାମାନଙ୍କର ରୂପ ଗୁଣବାନ ନାୟକମାନଙ୍କଠାରେ ପ୍ରୀତି, ନାୟକମାନଙ୍କ ମାଧୁରୀ ବଢ଼ାଇଥାଏ, ଏବଂ ସେହି ମାଧୁରୀ ନାୟିକାମାନଙ୍କର ପ୍ରୀତି ବଢ଼ାଇଥାଏ; ତାହା ଅପୂର୍ଣ୍ଣ ଓ ସ୍ୱାର୍ଥମୟ ଏବଂ ସ୍ୱାଭାବିକ ନୁହେଁ । ଶ୍ରୀରାଧାକୃଷ୍ଣଙ୍କ ପ୍ରେମ ଓ ମାଧୁର୍ଯ୍ୟ ପୂର୍ଣ୍ଣ ଏବଂ ସ୍ୱାଭାବିକ ଓ ସ୍ୱାର୍ଥହୀନ ହୋଇ ବୃଦ୍ଧିପାଇଅଛୁ, ଏହା ହିଁ ଯଥାର୍ଥ । ପ୍ରାକୃତ ନାୟିକା ନାୟକମାନଙ୍କ ପ୍ରେମଠାରୁ ଶ୍ରୀଶ୍ରୀରାଧାଗୋବିନ୍ଦଙ୍କ ପ୍ରେମ ବିଲକ୍ଷଣତା ଅଛି । ଯାହା କି ନାଗଲୋକ, ନରଲୋକ ଓ ଦେବଲୋକ ଇତ୍ୟାଦିରେ ଦୁର୍ଲ୍ଲଭ । ସେହି ଅଲୌକିକ ଓ ଅପ୍ରାକୃତ ପ୍ରେମ ଆଉ ଅବ୍ୟକ୍ତ ଲୀଳାକୁ ସେହି ଲୀଳାମୟ ସର୍ବଶକ୍ତିମାନ୍ ଏକା ବ୍ୟକ୍ତ କରି ପାରନ୍ତି, ନଚେତ୍ ଅନ୍ୟ କାହାର ସାଧ୍ୟ ନୁହେଁ ।

ସ୍ୱାଭାବିକ ପରମାବସ୍ଥାର ନାମ—ରାଗ । ସେହି ରାଗ ବ୍ରଜପୁର ଭକ୍ତ-ମାନଙ୍କଠାରେ ଅଭିବ୍ୟକ୍ତଭାବେ ନିତ୍ୟ ବିରାଜିତ । ଏଠାରେ ଭକ୍ତ ଶବ୍ଦରେ ନିତ୍ୟ ବ୍ରଜପରିକର । ଇଚ୍ଛାମୟ ଭଗବାନ ସ୍ୱଇଚ୍ଛାରେ ଯେପରି ଖେଳରେ ହାରି ଶ୍ରୀଦାମଙ୍କୁ କାନ୍ଧରେ ବହନ କରୁଥିଲେ, ଦଧିଭାଣ୍ଡ ଭାଙ୍ଗି ବାତ୍ସଲ୍ୟମୟୀ ଜନନୀ ଯଶୋଦାଙ୍କ କର୍ତ୍ତୃକ ବନ୍ଧନ ହୋଇଥିଲେ, ସେହିପରି ମାନର ହେତୁ ହୋଇ ମାନିନୀ ଶ୍ରୀରାଧାଙ୍କ ଦ୍ୱାରା ଭର୍ତ୍ସିତ ହେବା ଏବଂ ଚରଣ ଧରି କ୍ଷମା ପ୍ରାର୍ଥନା କଲେ ସୁଦ୍ଧା ଉପେକ୍ଷିତ ହେବା ପ୍ରଭୃତି ଲୀଳା ଆଚରଣ

Digitized by srujanika@gmail.com

କର ରାଗମାର୍ଗର ଭକ୍ତମାନଙ୍କର (ବ୍ରଜପରିକରମାନଙ୍କର) ଭକ୍ତିମାନ୍ ଲୋକମାନଙ୍କୁ ଶିକ୍ଷା ଦେଇଥାଇ ଅଛନ୍ତି; ତାହାହିଁ ଏ ନାଟକରେ ବର୍ଣ୍ଣିତ ହେଲା । କାରଣ, ଏହି ସବୁ ଲୀଳା ଶୁଣି ଲୋକେ ବ୍ରଜପରିକରଗଣଙ୍କ ଆନୁଗତ୍ୟ ଭକ୍ତି କରିବେ; ଏହାହିଁ ଶ୍ରୀଶ୍ରୀ ଭଗବାନଙ୍କର ଅଭିପ୍ରାୟ ।

ଶ୍ରୀଚୈତନ୍ୟ ଚରିତାମୃତେ, ଯଥା :—

"ବ୍ରଜେର ନିର୍ମଳ ରାଗ ଶୁନି ଭକ୍ତଗଣ ।
ରାଗମାର୍ଗେ ଭଜେ ଯେନ ଛାଡ଼ି ଧର୍ମ କର୍ମ ।"

ପୁଣି

ଶ୍ରୀଚୈତନ୍ୟ ଚରିତାମୃତ ଆଦିଲୀଳା ୪ର୍ଥ ପରିଚ୍ଛେଦରେ ଲୀଳାମୟ ବୃନ୍ଦାବନଚନ୍ଦ୍ର ନିଜେ କହିଅଛନ୍ତି, ଯଥା :—

"ଆମାହୈତେ ରାଧା ପାୟ ଯେ ଜାତୀୟ ସୁଖ ।
ତାହା ଆସ୍ୱାଦିତେ ଆମି ସଦାଇ ଉନ୍ମୁଖ ॥
ନାନା ଯତ୍ନ କରି ଆମି ନାରି ଆସ୍ୱାଦିତେ ।
ସେ ସୁଖ ମାଧୁର୍ଯ୍ୟ ଘ୍ରାଣେ ଲୋଭ ବାଢ଼େ ଚିତ୍ତେ ॥
ରସ ଆସ୍ୱାଦିତେ ଆମି କୈଲ ଅବତାର ।
ପ୍ରେମ ରସ ଆସ୍ୱାଦିଲ ବିବିଧ ପ୍ରକାର ॥
ରାଗ ମାର୍ଗେ ଭକ୍ତ ଭକ୍ତି କରେ ଯେ ପ୍ରକାରେ ।
ତାହା ଶିଖାଇଲ ଲୀଳା ଆଚରଣ ଦ୍ୱାରେ ॥

ଏହି ସବୁ ସିଦ୍ଧାନ୍ତ ପରମ ନିଗୂଢ଼ ଅଟେ । ଶ୍ରୀଶ୍ରୀଚୈତନ୍ୟ ଚରିତାମୃତ ଆଦିଲୀଳା ଚତୁର୍ଥ ପରିଚ୍ଛେଦରେ ୰ କୃଷ୍ଣଦାସ କବିରାଜ ଗୋସ୍ୱାମୀ ମହାଶୟ ଲେଖିଅଛନ୍ତି, ଯଥା ;—

Digitized by srujanika@gmail.com

" ଏ ସବୁ ସିଦ୍ଧାନ୍ତ ଗୂଢ଼ କହିତେ ନା ଜୁୟାୟ ।
ନା କହିଲେ କେହ ଇହାର ଅନ୍ତ ନାହିଁ ପାୟ ॥

ଅତଏବ କହି କିଛୁ କରିଞା ନିଗୂଢ଼ ।
ବୁଝିବେ ରସିକ ଭକ୍ତ ନା ବୁଝିବେ ମୂଢ଼ ॥

ହୃଦୟେ ଧରୟେ ଯେ ଚୈତନ୍ୟ ନିତ୍ୟାନନ୍ଦ ।
ଏ ସବ ସିଦ୍ଧାନ୍ତେ ସେଇ ପାଇବେ ଆନନ୍ଦ ॥

ଏ ସବ ସିଦ୍ଧାନ୍ତ ରସ ଆମ୍ରେର ପଲ୍ଲବ ।
ଭକ୍ତଗଣ କୋକିଲେର ସର୍ବଦା ବଲ୍ଲଭ ॥

ଅଭକ୍ତ ଉଷ୍ଟ୍ରେର ଇଥେ ନା ହୟ ପ୍ରବେଶ ।
ତବେ ଚିତ୍ତେ ହୟ ମୋର ଆନନ୍ଦ ବିଶେଷ ॥

ଯେ ଲାଗି କହିତେ ଭୟ ସେ ଯଦି ନା ଜାନେ ।
ଇହା ବଇ କିବା ସୁଖ ଆଛେ ତ୍ରିଭୁବନେ ?"

ଉଷ୍ଟ୍ର ଜିହ୍ୱାରେ ଆମ୍ର ମୁକୁଳର ଆସ୍ୱାଦ ଗ୍ରହଣ କରିବାର ଶକ୍ତି ନାହିଁ; ସୁତରାଂ କଣ୍ଟକ ଚର୍ବଣରେ ମୁଖ କ୍ଷତ ହୁଏ, ତଥାପି ତ୍ୟାଗ କରିପାରେ ନାହିଁ, କେବଳ ଦୁଃଖ ଭୋଗ କରେ। ଏହିପରି ଅଭକ୍ତମାନଙ୍କ ହୃଦୟରେ ଭକ୍ତିରସ ଆସ୍ୱାଦନର ଶକ୍ତି ନାହିଁ, ନାନା ଦୁର୍ବାସନାରେ ସର୍ବଦା ବ୍ୟଥିତ; ତଥାପି ତାହା ତ୍ୟାଗ କରି ପାରନ୍ତି ନାହିଁ ବୋଲି ଅଭକ୍ତଙ୍କୁ ଉଷ୍ଟ୍ର ସଙ୍ଗେ ତୁଳନା ଦିଆ ଯାଇଅଛି ।

ଅନେକ ବ୍ୟକ୍ତି ଏହି ମାନଭଞ୍ଜନ ନାଟକର ଅଭିନୟ ଦର୍ଶନ କରି ସାଧାରଣ ଭାବରେ ବୁଝିଥାନ୍ତି ଓ ନାନା ପରିହାସ କରନ୍ତି, କିନ୍ତୁ ସେମାନେ ଯଦି ଯୁଗଳ ମୂର୍ତ୍ତିଙ୍କର ପ୍ରକୃତ ଭାବ ବୁଝି ପାରି ଥାନ୍ତେ, ଏପରି ଭାବନ୍ତେ ନାହିଁ। ଶ୍ରୀକୃଷ୍ଣଚନ୍ଦ୍ର ଭକ୍ତ ପ୍ରେମରେ ଏତେ ବଶୀଭୂତ ଯେ, ତାଙ୍କର ପରମଭକ୍ତ ଶିରୋମଣି ଶ୍ରୀରାଧାରାଣୀଙ୍କ ଲାଗି ମାଳତୀ,

Digitized by srujanika@gmail.com

ନାପିଭୁଣୀ, ଘଷାବୁଣୀ ଓ ଶେଷରେ ଯୋଗୀ ହେବା ପର୍ଯ୍ୟନ୍ତ ଗଳ୍ପ । ଆପଣମାନେ ଏହ "ମାନଭଞ୍ଜନରୁ" ଜାଣି ପାରିବେ, ଭଗବାନ ଭକ୍ତର କପଟ ଅଧୀନ ।

ଯାହା ହେଉ ଏ ଗ୍ରନ୍ଥକୁ ପ୍ରକୃତ ଭକ୍ତି ଭାବରେ ସମସ୍ତେ ବୁଝନ୍ତୁ । ଏହାହିଁ ଶ୍ରୀ ଶ୍ରୀ ଗୁରୁ ଗୌରାଙ୍ଗ ଦେବଙ୍କ ପାଦପଦ୍ମରେ ଏ ଭକ୍ତିହୀନ କାଙ୍ଗାଳର ଏକାନ୍ତ ପ୍ରାର୍ଥନା । ଇତି ।

ଶ୍ରୀ ଶ୍ରୀ ରାଧାଗୋବିନ୍ଦ ରାସଲୀଳା ମଣ୍ଡଳୀ
। ମୁ । କଟକ, ଝାଙ୍ଗୀ
ତା ୧ । ୬ । ୩୦

ନିବେଦକ
ପ୍ରଭୁପାଦାଶ୍ରିତ—
ବାବାଜୀ ଶ୍ରୀବୈଷ୍ଣବ ଚରଣ ଦାସ

ଚତୁର୍ଥ ସଂସ୍କରଣ ବିଜ୍ଞାପନ ।

ମଦ୍ ବିରଚିତ ଓ ଗ୍ରନ୍ଥିତ ଏହ ମାନଭଞ୍ଜନ ନାଟକ ଖଣ୍ଡିକ ଉପରୋକ୍ତ ତା ୧ । ୬ । ୩୦ ରେ ତୃତୀୟବାର ମୁଦ୍ରିତ ହୋଇଥିଲା । ପରମ କରୁଣାମୟ ଶ୍ରୀ ଶ୍ରୀ ଗୁରୁଗୋବିନ୍ଦଙ୍କ ଅପାର କରୁଣା ବଳରୁ ଅବଧି ଛମାସ ମଧ୍ୟରେ ଏକହଜାର ପୁସ୍ତକ ବିକ୍ରୟ ଶେଷ ହୋଇ ଯିବାରୁ ବର୍ତ୍ତମାନ ଏ ଗ୍ରନ୍ଥକୁ ଉତ୍ତମ ରୂପେ ସଂଶୋଧନ କରି ଓ ସ୍ଥାନେ ସ୍ଥାନେ ପରିବର୍ତ୍ତନ ଓ ପରିବର୍ଦ୍ଧନ ପୂର୍ବକ ଚତୁର୍ଥ ଥର ମୁଦ୍ରିତ କରାଇଲି । ଆଶା କରୁଁ ସହୃଦୟ ପାଠକ ପାଠିକାମାନେ ସାଦରେ ଗ୍ରହଣ କରିବେ । ଇତି ।

ଶ୍ରୀଶ୍ରୀରାଧାଗୋବିନ୍ଦ ରାସଲୀଳା ମଣ୍ଡଳୀ
କଟକ
ତା ୫ । ୨ । ୩୦

ଆପଣମାନଙ୍କର
ବାବାଜୀ
ଶ୍ରୀ ବୈଷ୍ଣବ ଚରଣ ଦାସ

Digitized by srujanika@gmail.com

ପ୍ରସ୍ତାବନା

(ମଙ୍ଗଳାଚରଣ ଶ୍ଳୋକ)

ମାଙ୍ଗଲ୍ୟଂ ଦଧି ଅକ୍ଷତଂ ପ୍ରଦୀପକଂ ବସ୍ତ୍ରାତରୁ ସ୍ଥାପନଂ ।
ଅମ୍ବୁପୂର୍ଣ୍ଣଘଟଂ ସପୀତ ଦୁକୂଳଂ ଦୁର୍ବାଦଳଂ ତଣ୍ଡୁଳଂ ॥
ଚୂତଂ ପଲ୍ଲବ ନାରକେଳ ସହିତଂ ଘଟୋପରି ସ୍ଥାପିତଂ ।
ଶ୍ରୀ ଗୋବିନ୍ଦ ସୁବର୍ଦ୍ଧିବାସ କୁରୁତେ ନାନାଦି ବାଦ୍ୟୋତ୍ସବଂ ॥

ଶ୍ରୀଗୁରୁବନ୍ଦନା

(ବ୍ରଜ ବେଶ ଧାରଣ କରିଥିବା ଅଷ୍ଟନାୟିକାଙ୍କ ବାଳକମାନେ ଏକଧାଡ଼ିରେ ଠିଆହୋଇ ଅର୍ଘ୍ୟ ବନ୍ଦାପନା ଥାଳୀମାନ ହସ୍ତରେ ଧରି ସମସ୍ୱରରେ ଗାଇବେ :—)

ଅଜ୍ଞାନ ତମିରେ ଚକ୍ଷୁ ଅନ୍ଧକାର ଥିଲା ।
ଜ୍ଞାନାଞ୍ଜନ ଦେଇ ଯେହୁ ଦୂରୀଭୂତ କଲା ହେ ॥
ଏବଂଭୂତ ଶ୍ରୀଗୁରୁଙ୍କ ଚରଣ ତଳେ ଧ୍ୟାଇ ।
ଭକ୍ତିଭାବରେ ପ୍ରଣମୁଛୁଁ ପୁନଃପୁନଃ ହୋଇ ହେ ॥
ଜୟ ଜୟ ଶ୍ରୀକୃଷ୍ଣ ଚୈତନ୍ୟ ଗୌରଚନ୍ଦ୍ର ।
ସାକ୍ଷାତେ ଈଶ୍ୱର ପ୍ରଭୁ ମଧୁର ଅସ୍ୱାଦ ହେ ॥

Digitized by srujanika@gmail.com

ପ୍ରସ୍ତାବନା

କୋଟି ଜନ୍ମାର୍ଜିତ ପୁଣ୍ୟେ ଯେ ଲବ୍ଧ ନ ହୁଏ ।
ଗୁରୁ କୃପା ହେଲେ ସେ ଯେ ଏ ତତ୍ତ୍ୱକୁ ପାଏ ହେ ॥
ଶିକ୍ଷାଗୁରୁ କୃପାମୟୀ ଶ୍ରୀମତୀ କିଶୋରୀ ।
ମଦନମୋହନ ଅଙ୍ଗେ ନିବାସ ଯାହାର ହେ ॥
ସେହି ଶିକ୍ଷାଗୁରୁ ପାଦପଦ୍ମେ ଅର୍ଚ୍ଚେ କରି ।
ବନ୍ଦନା କରୁଛୁଁ ଆମ୍ଭେ ସର୍ବେ ଅନୁସରି ହେ ॥

(ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଓ ଗୌରନିତାଇ ପ୍ରତିମୂର୍ତ୍ତି ଏବଂ ତୁଳସୀ ବୃକ୍ଷରୂପା ବୃନ୍ଦାଦେବୀଙ୍କୁ ଅର୍ଘ୍ୟ ବନ୍ଦାପନା ପୁଷ୍ପାଞ୍ଜଳି ଦେଇ ନମସ୍କାର କରି ବାଳକଗଣ ଧୀରେ ଧୀରେ ପ୍ରସ୍ଥାନ)

ପରଦା ପତନ



Digitized by srujanika@gmail.com

ପ୍ରସ୍ତାବନା

ଯୁଗଳ ବନ୍ଦନା

(ନୃତ୍ୟସ୍ଥଳେ ଯୁଗଳମୂର୍ତ୍ତି ପ୍ରେମାବେଶେ ଦଣ୍ଡାୟମାନ, ଅଷ୍ଟସଖୀ ଚାମର-ଅଲଟ ହସ୍ତେ ବ୍ୟଜନ କରୁ କରୁ ସୁମଧୁର ସ୍ୱରେ 'ଗାଇବେ)

ବୃନ୍ଦାରଣ୍ୟ ସାର୍ବଭୌମପଦମଣ୍ଡିତ, ରାଧାଗୋବିନ୍ଦ !
ସର୍ବ ବ୍ରଜବାସୀ ନେତ୍ର ସମ୍ପତ୍ତି, ରାଧାଗୋବିନ୍ଦ !
ମହାଭାବୋଜ୍ଜ୍ୱଳ ରସ ଶ୍ରୀ ମୂର୍ତ୍ତି, ରାଧାଗୋବିନ୍ଦ !
ରଙ୍କାବଧୂରଞ୍ଜୟୀ ଚନ୍ଦ୍ରଦ୍ୟୁତି, ରାଧାଗୋବିନ୍ଦ !
ସର୍ବାଶ୍ରୟ ସର୍ବଗ ସନାତନ, ରାଧାଗୋବିନ୍ଦ !
କିଶୋର ବୟସ ନିତ୍ୟ ନୂତନ, ରାଧାଗୋବିନ୍ଦ !
ଗୋକୁଳେଶ୍ୱରୀ ବାତ୍ସଲ୍ୟ ସଦନ, ରାଧାଗୋବିନ୍ଦ !
ନିଜ ପରିଜନ ଜୀବଜୀବନ, ରାଧାଗୋବିନ୍ଦ !
ଗୋଷ୍ଠ କୁଳଜା ନିକର ବେଷ୍ଟିତ, ରାଧାଗୋବିନ୍ଦ !
ନାନାରତ୍ନାଳଙ୍କାର ବିଭୂଷିତ, ରାଧାଗୋବିନ୍ଦ !
ରାସମଣ୍ଡଳ ମଧ୍ୟେ ବିରାଜିତ, ରାଧାଗୋବିନ୍ଦ !
ରୁଦ୍ରସରସୀରୁହ ବଂଶୀ ହସ୍ତ, ରାଧାଗୋବିନ୍ଦ !
ଚିନ୍ତ ଚିନ୍ତ ଏ ଯୁଗଳଚରଣ, ରାଧାଗୋବିନ୍ଦ !
ପ୍ରାଣ ସମର୍ପି ପଶିଲି ଶରଣ, ରାଧାଗୋବିନ୍ଦ !

(୰ ଗୋପାଳକୃଷ୍ଣ)

ପ୍ରେମାନନ୍ଦେ ବ୍ରଜସୁନ୍ଦରୀଗଣ ହୁଳହୁଳି ପକାଇବା ସମୟେ

ପରଦା ପତନ

Digitized by srujanika@gmail.com

ମାନଭଞ୍ଜନ ନାଟକ

(ବସନ୍ତ ଉତ୍ସବ ବା ଈର୍ଷାମାନ ଆରମ୍ଭ)

ପ୍ରଥମ ଅଙ୍କ

ପ୍ରଥମ ଦୃଶ୍ୟ

ଗୌରୀ ମନ୍ଦିର

(ପ୍ରସନ୍ନମୟୀ ଗୌରୀମୂର୍ତ୍ତି ଦଣ୍ଡାୟମାନା ଓ ମୁଗ୍ଧା କନ୍ୟାଗଣ
କରଯୋଡ଼ ବନ୍ଦନା ଗୀତ ଗାଉଥିବା)

ବନ୍ଦନା

ଜୟ ଜୟ ଭଗବତୀ ଦେବୀ କାତ୍ୟାୟନୀ ।
ମହାଯୋଗିନୀ ମାହେଶ୍ୱରୀ ଜଗତ ଜନନୀ ମା । ୧ ।

Digitized by srujanika@gmail.com

ନମସ୍ତେ ଙ୍କିଦ୍ଧବାଦ୍ଧନୀ ମଦ୍ଧକ୍ଷମର୍ଦ୍ଦିନୀ ।
ନମସ୍ତେ ଚଣ୍ଡିକେ ମାତଃ ତୈଲୋକ୍ୟ ତାରିଣୀ ମା । ୨ ।
ନମସ୍ତେ ନମସ୍ତେ ସର୍ବ ମଙ୍ଗଳଦାୟିନୀ ।
ନମସ୍ତେ ଅଭୟହସ୍ତା ମହେଶ ମୋହିନୀ ମା । ୩ ।
କର ଏହି କୃପା ମାତଃ ଯେନ ଗୋ ଦୟିନୀ ।
ବର ଦିଅ ପ୍ରାଣପତି ହୋନ୍ତୁ ଚକ୍ରପାଣି ମା । ୪ ।

ପୌର୍ଣ୍ଣମାସୀ—(ପ୍ରବେଶ କରି) ଭକ୍ତିମତୀ ମୁଗ୍ଧା କନ୍ୟାଗଣ !
ତୁମ୍ଭମାନଙ୍କ ପୂଜାରେ ମୁଁ ବଡ଼ ଆନନ୍ଦିତା ହେଲି ।
ଏବେ କଲ୍ୟାଣ କରୁଛି, ଶୀଘ୍ର ବୃନ୍ଦାବନଚନ୍ଦ୍ର
ତୁମ୍ଭମାନଙ୍କ ପତି ରୂପରେ ପ୍ରାପ୍ତ ହୁଅନ୍ତୁ ।
(ଅନ୍ତର୍ଦ୍ଧାନ)

ପ୍ରଥମା କନ୍ୟା—ଅହା, ଭଗବତୀ ପୌର୍ଣ୍ଣମାସୀଙ୍କର କି ଅସୀମ ଦୟା !

ଦ୍ୱିତୀୟା କନ୍ୟା—ତା' ନ ହେଲେ ଏପରି ବର ଦିଅନ୍ତେ ?

ତୃତୀୟା କନ୍ୟା—ସଖି ! ଦେଖ, ନବବସନ୍ତ ଆଜି ବୃନ୍ଦାବନରେ
ବିହାର କଲାଣି !

ଚତୁର୍ଥୀ କନ୍ୟା—ଏ ବ୍ରଜମଣ୍ଡଳରେ ଯେ ନାଗରୀମାନଙ୍କ ମନରେ
କାମ ଜ୍ୱର ପଡ଼ିଲାଣି ।

Digitized by srujanika@gmail.com

ଗୀତ

ବ୍ରଜମଣ୍ଡଳରେ, ନାଗରୀ ମନରେ,
ପଶିଲା କାମର ଶର ।
କେଳି ସୁରସରେ, ନାଗର ସଙ୍ଗରେ,
ମିଳନ ହେବ କପର ?
ଶରଦରେ ଶଭୋଳ,
(ସର୍ବେ) ପ୍ରେମରେ ହୋଇ ଅକୁଳ । ୧ ।
ଯମୁନା ତଟରେ, କାନ୍ତ ପ୍ରାନ୍ତରେ,
କୁସୁମ ପ୍ରଫୁଲ୍ଲ ଅତି ।
ମିଳି ଭୃଙ୍ଗକୁଳ, ହେଲେଣି ଚଞ୍ଚଳ,
ଏ ଫୁଲେ ସେ ଫୁଲେ ମାତି ।
ବହୁଲଣି (ଦେଖ ବହୁଲଣି)
ମଳୟ ମରୁତ ବହୁଲଣି ।
କୁହୁ କୁହୁ ପିକ ଗାଇଲଣି । ୨ ।
(କନ୍ୟାଗଣ ନାଚି ନାଚି ଗୀତ ଗାଇ ଗାଇ ପ୍ରସ୍ଥାନ)

ପଟ୍ଟପରିବର୍ତ୍ତନ

Digitized by srujanika@gmail.com

ପ୍ରଥମ ଅଙ୍କ

ଦ୍ୱିତୀୟ ଦୃଶ୍ୟ

ଶ୍ରୀରାଧାଙ୍କ କୁସୁମ ଉଦ୍ୟାନ

(ଲଳିତା ଓ ବିଶାଖା ସହିତ ଶ୍ରୀରାଧାଙ୍କ ପ୍ରବେଶ)

ଗୀତ

ନବ ବସନ୍ତ ସମୟ ।
ନବ ବୃନ୍ଦାବନ ରସମୟ ଗୋ । ଘୋଷା ।

ମଳୟ ଅଚଳ— କୋଳରୁ ପ୍ରବଳ
ଦକ୍ଷିଣା ପବନ ବହିଲା,
ବଲ୍ଲୀଲତା ସବୁ, ନୂତନ ପଲ୍ଲବ,
ରସାଳ ମୁକୁଳ ଧଇଲା । ୧ ।

ନବ ମାଧବୀକା, ମଧୁପ ଜୀବିକା,
ମଲ୍ଲୀ ବଲ୍ଲୀ ଫୁଲେ ଭରିଲା;
କାଥଳୀ କମଳ, ନୀଳୋତ୍ପଳ ଫୁଲେ,
ଗନ୍ଧ ଗନ୍ଧବହ ଧଇଲା । ୨ ।

ଦ୍ୱିରଦେ ଉଲ୍ଲାସ, ହୋଇଣ ପଳାଶ,-
କୁସୁମ ବିକାଶ କରାଇଲା ।
ନିକୁଞ୍ଜ ଭୁବନେ, ରମ୍ୟ ଉପବନେ,
କୋକିଳ ପଞ୍ଚମେ ଗାଇଲା । ୩ ।

Digitized by srujanika@gmail.com

ବିଶାଖା—ରାଧେ ! ବସନ୍ତ ନବୀନ ମଦନଙ୍କୁ ଘେନି ବୃନ୍ଦାବନରେ ପ୍ରବେଶ ହେଲାଣି । ଧନି ! ମୋହନଙ୍କଠାରେ ଅଭିମାନ କରିବୁ ନାହିଁଟି ?

ଲଳିତା—ରାଧେ ! ଦ୍ୱିଜ ରାଜ ଅଜ ଋତୁରାଜ ଏ ଦୁହିଙ୍କ ସାହାଯ୍ୟରେ କାମରାଜା ବୃନ୍ଦାବନରେ ଚକ୍ରବର୍ତ୍ତୀ ହେଲାଣି । କୋକିଳ ଡାକୁଆ ହୋଇ ଡାକ ଡାକି ନବଶରହରିଣୀମାନଙ୍କ ହୃଦୟକୁ ଚମକାଇଲାଣି । ଧନି ! ମୋହନଙ୍କଠାରେ ଅଭିମାନିନୀ ହେବୁ ନାହିଁଟି ?

ବିଶାଖା—ରାଧେ ! ନବପଲ୍ଲବ ଗୁଡ଼ିକ ସ୍ୱର୍ଣ୍ଣ ପତାକା ହୋଇ ଉଡ଼ିଲାଣି । ଅଉ ଶୁକ, କପୋତ, କୁମ୍ଭାଟୁଆ ପ୍ରଭୃତିଙ୍କ କଣ୍ଠଧ୍ୱନି ପାଦାନ୍ତ ବାଦ୍ୟନାଦ ହେଲାଣି । ଧନି ! ମୋହନଙ୍କଠାରେ ଅଭିମାନ କରିବୁ ନାହିଁଟି ?

ଲଳିତା—ରାଧେ ! ମଦନ ଫୁଲଧନୁ ଧରି ଭ୍ରମରଠାରେ ଗୁଣଦେଇ ଝଙ୍କାର ନାଦରେ ଅଶୋକ, ଚୂତ, କମଳ, ନଆଳୀ, ନୀଳୋତ୍ପଳ ଏହି ପଞ୍ଚଶରକୁ ଛାଡ଼ିଲାଣି । ଧନି ! ମୋହନଙ୍କଠାରେ ଅଭିମାନିନୀ ହେବୁ ନାହିଁଟି ?

ବିଶାଖା—ରାଧେ ! ମଳୟ ପବନ ମୃଦୁଳ ଗ୍ରମର ଧରି ଚାଲିଲାଣି, ନାଗେଶ୍ୱର ଫୁଲଗୁଡ଼ିକ ଧବଳଛତ୍ର ଟେକିଲେଣି । ଧନି ! ମୋହନଙ୍କଠାରେ ଅଭିମାନ କରିବୁ ନାହିଁଟି ?

ଲଳିତା—ରାଧେ ! ଦେଖିଲଣି ଗୋ ! ଏ କେତକୀଫୁଲ ଗୁଡ଼ିକୁ ଦାଢ଼ୁଆ କୁନ୍ତ ଅଉ ଛୁରିଅନା ଫୁଲଗୁଡ଼ିକୁ ଛୁରି କରି

Digitized by srujanika@gmail.com

ଶରଛ୍ରୀମାନଙ୍କୁ ମାରିବାକୁ କାମ ଉଦ୍ୟମ କଲାଣି । ଝିଲ !
ଦମ୍ଭ ରଖି ଧୈର୍ଯ୍ୟଧର; ଅମ୍ବର ମୋହନ ରାଜା ଥିଲେ ଘ୍ଲର
କାମରାଜା କଅଣ କରି ପାରିବ ?

ରାଧା—(ଉତ୍କଣ୍ଠାରେ) ସଖି ! ମୋର ମନ ହେଉଚି ଏଇ ବସନ୍ତ
ସମୟରେ ପ୍ରାଣବଲ୍ଲଭଙ୍କ ସଙ୍ଗେ ବିହାର କରିବାକୁ ।
ମୋତେ ଅଣିଦିଅ ସଖି !

ଗୀତ

ଶୁଣ ପ୍ରିୟ ସହଚରୀ !
ଅଣିଦିଅ ମୋର କୁଞ୍ଜବିହାରୀ ଗୋ ।
ଏତେ କହୁଛି ମୁଁ କର ଧରି, ସଜନି ଗୋ । ୧ ।
ଗଲା ମାଳି ମୋର ନିଅ ଗୋ (ଲଳିତେ)
ଗିରିବରଧାରୀ ଗଳାରେ ଦିଅ ଗୋ ।
ଶୁତେ କୁଞ୍ଜକୁ ବେଗେ କରାଅ, ସଜନି ଗୋ । ୨ ।
ଘଉଏ ନ ରହୁ ଚଳ ।
ଘନଶ୍ୟାମଙ୍କୁଟି ଉଦ୍ଧବ ମୋର ଗୋ ।
ତାଙ୍କୁ କୋଟି କୋଟି ନମସ୍କାର, ସଜନି ଗୋ । ୩ ।
ଅଶା ମୋ ନାହିଁ କାହିଁରେ ।
ଅସିବାକୁ ପଥ ରୁହିଁଛି ଧୀରେ ଗୋ ।
ହାଟ ହେଲେ ହେଉ ଜଗତରେ, ସଜନି ଗୋ । ୪ ।

Digitized by srujanika@gmail.com

ଶତ୍ରୁକୁ ଦେଉଛୁ ବନ୍ଧ ।
ଶୃଙ୍ଖଳ କର ରଖନ୍ତୁ ଏଣିକି ଗୋ ।
ଯାଇଁ କହ ଯା ବେଣୁପାଣିକି, ସଜନି ଗୋ । ୫ ।

(ଗୀତ ଗାଇ ଗାଇ ଦୁଇ ସଖିଙ୍କ ସହିତ ପ୍ରସ୍ଥାନ)

ପଟ୍ଟ ପରିବର୍ତ୍ତନ

ପ୍ରଥମ ଅଙ୍କ

ତୃତୀୟ ଦୃଶ୍ୟ

ଚନ୍ଦ୍ରାବଳୀଙ୍କ ପୁଷ୍ପ ଉଦ୍ୟାନ

(ଚନ୍ଦ୍ରାବଳୀ, ଶୈବ୍ୟା, ପଦ୍ମାଙ୍କ ପ୍ରବେଶ)

ଗୀତ

ଅଇଲା ବସନ୍ତ ରାଜା ଶ୍ରୀ ବୃନ୍ଦା କାନନ ।
ମଳୟ ପବନ ବହେ ଆମୋଦବର୍ଦ୍ଧନ ଗୋ । ୧ ।
ତରୁଲତା ପଲ୍ଲବିତ ଶୋଭା ପ୍ରକାଶିଲା ।
ବନଭୂମି କାନ୍ତି ବୃଦ୍ଧି ପରିମଳ ହେଲା ଗୋ । ୨ ।
ସୁରଙ୍ଗ ପଲ୍ଲବ ଶୋଭା ସକଳ ଦ୍ରୁମରେ ।
କି ଅବା ଇନ୍ଦୁର ବୃଷ୍ଟି ଦ୍ୱାଦଶ ବନରେ ଗୋ । ୩ ।

Digitized by srujanika@gmail.com

କାଇ ଯୂଇ ପ୍ରଫୁଲ୍ଲିତ ମଲ୍ଲୀ ବିକଶିଲା ।
ମାଳତୀ ମାଧବୀ ଫୁଟି ସୁଗନ୍ଧ ଦୂଷିତ ଗୋ । ୪ ।
ସୁନାସୀ ସୁ-ନାସୀ ପର ପ୍ରଭା ପ୍ରକାଶିଲା ।
ପାଟଳ କୁଟଜର ରଙ୍ଗଶାଢ଼ୀ ବେ ବାନ୍ଧିଲା ଗୋ । ୫ ।

ପଦ୍ମ—(ଚନ୍ଦ୍ରାବଳୀଙ୍କ ପ୍ରତି ହସି ହସି) ସଖି ! ଏ ନୀଳମଣି ମାଳାରେ କଅଣ ଜପୁଛ ?

ଚନ୍ଦ୍ରାବଳୀ—ପଦ୍ମେ ଗୋ ! ତୁମେ କଣ ଜାଣି ନାହଁ ? ମୋ ନୀଳମଣିଙ୍କ ନାମ ଗୁଣକୁ ଏହା ଜପୁଛି ।

ଶୈବ୍ୟା—ସଖି ! ତାଙ୍କୁ ପାଇବାକୁ ସବୁ ଗଉରୀ ପୂଜା କରୁଛ ?

ଚନ୍ଦ୍ରାବଳୀ—ହଁ ସଖି ! ତାଙ୍କର ଲାଗି ଏତେ କଥା ।

ପଦ୍ମ – ଆଜ କଣ ଗଉରୀ ପୂଜା ସମ୍ଭାର ମନେ ପଡୁନାହିଁ ?

ଚନ୍ଦ୍ରାବଳୀ—ହଁ ସଖି ! ମନେ ପଡ଼ୁଛି ।

ଶୈବ୍ୟା—ତେବେ ଆସ, ଫୁଲ ତୋଳି ଚଞ୍ଚଳ ଯିବା ।

ପଦ୍ମ—ସଖି ! ତେଣେ ଭଦ୍ରା, ଶ୍ୟାମଳା ପୂଜାଦ୍ରବ୍ୟ ଯୋଗାଡ଼ କରି ସାରି ଥିବେଣି; ଆସ, ଆସ ।

ଗୀତ

ଭଦ୍ରା ଶ୍ୟାମା ବାମା ପ୍ରେମା, ନବ ଅନୁରାଗ ଧାମା,
ଧନ୍ୟା ଏହ ସକଳ ଅଙ୍ଗନା (ସଖି ଗୋ)

Digitized by srujanika@gmail.com

ଯତନେ ଗେଉନା ଭୁଲି,   ପାଇବାକୁ ବନମାଳୀ,
ଭାଗ୍ୟାଧିନା ବ୍ରତେ ତନମନା (ସଖି ଗୋ)
ଆସ ଆମେ ଦେବୀ ପୂଜା ସାର ।
ଭେଟିବା ରଙ୍ଗଣୀ କୁଞ୍ଜେ   ବଂଶୀଧାରୀଙ୍କ ସହିତେ
କାହ୍ନିଙ୍କ ଦେଇବ ମନ ମାର (ସଖି ଗୋ) ॥

ଶୈବ୍ୟା—ପଦ୍ମେ ! ସର୍ବମଙ୍ଗଳାଙ୍କ ପୂଜାକୁ ଫୁଲ ତୋଳିବା ପରା ?

ପଦ୍ମା—ମତେ କଅଣ ପଗୁରୁଛ ମ ? ପ୍ରିୟସଖି ଚନ୍ଦ୍ରାବଳୀଙ୍କି ପଗ୍ଭର ।

ଶୈବ୍ୟା—(ଚନ୍ଦ୍ରାବଳୀଙ୍କି ଆଲିଙ୍ଗନ କରି) ସଖି ! ଆଜି କଣି ଫୁଲ ତୋଳା ହେବ ନାହିଁ ?

ଚନ୍ଦ୍ରାବଳୀ—(ଅଳ୍ପ ହସି) ହଁ ତୋଳ ।

ପଦ୍ମା—ସଖି ! ଦେଖିଲଣି ଗୋ, ଏ ରଙ୍ଗଣୀ ବନଟି କେଡ଼େ ସୁନ୍ଦର ଦଶୁଛି !

ଗୀତ

ଦେଖ ଟୋ ପରାଣ ଧନ !
କେଡ଼େ ସୁନ୍ଦର ଏ ରଙ୍ଗଣୀବନ ଗୋ ।
ଆସ ଆସ ତୋଳିବା ବନ୍ଧୁନ, ସଜନୀ ଗୋ । ୧ ।
ନାଗେଶ୍ୱର ଫୁଲ ଏଥୁ ।
ନାଗରବରଙ୍କୁ ଭେଟିବା ନେଇ ଗୋ !
ଆଜ ମଣ୍ଡିବା କଳାକହ୍ନାଇଁ, ସଜନୀ ଗୋ ! ୨ ।

Digitized by srujanika@gmail.com

ବଉଳ ଫୁଲକୁ ତୋଳ,
ଗୋଟି ଗୋଟି କରି ଗୁନ୍ଥି ସକଳ ଗୋ !
ଆଜ କରିବା ବରଣମାଳ, ସଜନି ଗୋ ! । ୩ ।

ଏ ଚନ୍ଦ୍ରକାନ୍ତ ନିଅଳୀ ।
ମନ ଦେଇ ତୋଳ ପରିଣି ଅଳୀ ଗୋ !
ଶୋଭା ଦଶିବ ବରଣଥାଳୀ, ସଜନି ଗୋ । ୪ ।

(ଚନ୍ଦ୍ରାବଳୀ ସଖୀ ଦୁହିଁଙ୍କ ସଙ୍ଗେ ସଙ୍ଗେ ଫୁଲ ତୋଳି ତୋଳି ପ୍ରସ୍ଥାନ

ପଟ୍ଟ ପରିବର୍ତ୍ତନ

ପ୍ରଥମ ଅଙ୍କ

ଚତୁର୍ଥ ଦୃଶ୍ୟ

କୁସୁମିତ ବୃନ୍ଦାବନ
(ଶ୍ରୀକୃଷ୍ଣ ଓ ମଧୁମଙ୍ଗଳଙ୍କ ପ୍ରବେଶ)

ଗୀତ

ଶ୍ରୀକୃଷ୍ଣ—ଦେଖ ଫୁଲବନ   ପୁଲିନ କାନନ,
ବସନ୍ତ ସୁଷମା ହୋଇଛି ।
ଅବନୀରେ ଆଜ,   ବାଲୁକା ରାଶିରେ,
ମଳୟଜ ରଜ ଝୁରୁଛି ।

Digitized by srujanika@gmail.com

ଦେଖ ଦେଖ ମୋର ପରାଣ ବନ୍ଧୁ !
ମଧୁକର ମଧୁ ଚୁମ୍ବନେ ପଞ୍ଚୁ । ୧ ।
ତରୁଲତାକୁଳ,— ପଲ୍ଲବେ ମଞ୍ଜୁଳ,
ବହୁଛେ ମଳୟ ଅନିଳ ।
ପିକ କୁହୁରବ, ଶ୍ରବଣେ ପୂରବ,
ମଦନ ମାଦକେ ବିଭୋଳ ॥
କଦମ୍ବେ ମୟୂର, ଡାଳିମ୍ବେ ଶୁକ,
ଦ୍ରାକ୍ଷାଡ଼ାଳେ ସାରୀ ଗାଉଛନ୍ତି ଦେଖି । ୨ ।
(ଅଜ) ମହାନିରମଳ, ଶୁଦ୍ଧ ଝଲମଲ
ଛୁଟର ରଜନୀ କାଳରେ ।
ବସନ୍ତ ଉତ୍ସବ, ଅଜ ଅରମ୍ଭିବ
ନବ ବ୍ରଜବଧୂ ମେଳରେ ।
(ମୋର) ଏହୁ ନଟବର ବେଶରେ ।
ମଜ୍ଜାଇବ ତାଙ୍କୁ ପ୍ରେମେ ରସରେ । ୩ ।

ମଧୁମଙ୍ଗଳ—(ରହସ୍ୟ ଭଙ୍ଗିରେ) ହା ! ହା ! ହା ! ହା ! ହା !
ସଖା ! ଇଏତ ବଡ଼ ଆନନ୍ଦର କଥା, ମାନ ତୁମ୍ଭଙ୍କୁ ସେହି ଅବଳାମାନେ କିଣିବେ, ଅଜ ତମେ ଜିଣି ପାରିବ ନାହିଁ, ପାରିବ ନାହିଁ ।

ଗୀତ

ହେ ନାଥ ଛଇଳ, ଭଲ ତ କହିଲ,
ତୁମ୍ଭଙ୍କୁ ଅବଳା ଜିଣିବେ ।

Digitized by srujanika@gmail.com

ଖେଳା ଲୀଳା ରଙ୍ଗେ,　　　　ପ୍ରେମର ତରଙ୍ଗେ,
ତୁମ୍ଭ ମନ ଧନ କିଣିବେ ॥

ଦେଖ ଦେଖ ଘନଶ୍ୟାମ ସୁନ୍ଦର ।
ମଦନ କଲାଣି ପ୍ରେମ ଦ୍ୱନ୍ଦର ॥
ଜାଣିଥାଅ ଅହେ ଲବଣୀ ଚୋର !
ଏ କଥା ହେଲାଣି ମୋତେ ଗୋଚର ॥

(ଦେଖ) ବସନ୍ତ ସଙ୍ଗରେ ମଦନ ରାଜା ।
ଉଡାଇଲାଣି ହେ ସୁରଙ୍ଗ ଧ୍ୱଜା ॥
ବିରହୀମାନଙ୍କୁ ଦେବ ଏ ସଜା ।
ବଜାଇଲାଣି ହେ ବୀରବାଜା ॥
ଦେଖ ଦେଖ ଅହେ　ନାଚୁଅଛାନ୍ତି !
ମଧୁମଙ୍ଗଳର ନେଶ ସନ୍ତୁଷ୍ଟି ॥

(ଶ୍ରୀକୃଷ୍ଣଙ୍କୁ ଆଲିଙ୍ଗନ କରି ନାନା ଭଙ୍ଗୀ ଦେଖାଇବା)

ଶ୍ରୀକୃଷ୍ଣ—ବନ୍ଧୁ ! ତମର ଗୀତଟି ମୋତେ ବଡ଼ ଭଲ ଲାଗିଲା । ତେବେ ଆଉ ଗୋଟିଏ ଗୀତ ଗାଅ, ମୁଁ ବଂଶୀ ବଜାଇବି ।

ମଧୁ—ସଖା ! ଗୀତ ଶୁଣିବାକୁ ଇଚ୍ଛା ହେଉଛି ? ହା ! ହା ! ହା ! ହା ! ହା ! ରସିକଚନ୍ଦ୍ର ଚୂଡ଼ାମଣି କି ନା ! ସେଇତ ପେଟ ସଙ୍ଗୀତ ଗୀତକୁ ରସିଛ, ନୁହେଁ ?

Digitized by srujanika@gmail.com

ଗୀତ

ଅରେ ବାଃ ରେ ଅମର କହ୍ନାଇଁ !
(ଭ୍ରବେ) ଗୋପୀକାଙ୍କୁ ତ ନେଲ୍ ମନାଇଁ ॥
କଥା ଅଳପ ଖନାଇଁ ଖନାଇଁ ।
କେତେ ପରିହାସ ଜାଣୁ ବନାଇଁ ॥
ଭଲ କହୁଲ୍ ରେ ସଙ୍ଗୀ ଦନାଇଁ !
ନଈ ଘାଟେ ଥାଉ କେଣେ ଅନାଇଁ ?
ବାଃ ବାଃ, ତୋ ପରି ଯଦି ରସିକ ଏ ଗୋପରେ ନ ଥାନ୍ତା,
ଅଜ କଏ କହନ୍ତା ଏପରି ଘେନାଇଁ ?
ତୋର ଶିଖୀ ଚୂଳେ ମଲ୍ଲୀ ଝାଡୁଅ ।
(ତୁ) ଏ ଜଗତକୁ କଲ୍ ବାଇଅ ॥
ଭାଇ ! ତୋଠେଇଁ ଏଡ଼କି ମାୟା ।
ଟିକେ ମୋଠେଇଁ ନ କଲ୍ ଦୟା ॥
ତୁ ମୋର କାୟା, ମୁଁ ତୋର ଛାୟା ।
ତୁ ଯେତେବେଳେ ଏ କଦମ୍ବ ମୂଳରେ ରହୁ—
ବଂଶୀଟି ଭୁଇଁ କରି ଫୁଙ୍କି ଦେଉ,
ମୁଁ ତେତେବେଳେ ନାଚୁଥାଏଁ ତା ତା ଥେୟା,
ତା ତା ଥେୟା, ତା ତା ଥେୟା ॥
ବାଃ ବା ରେ ପରାଣସଙ୍ଗିଅ ।
ମୁହିଁ ଜାଣିଛୁ ତୁ ବଡ଼ ରଙ୍ଗିଅ ॥

Digitized by srujanika@gmail.com

ତୁ ତ କେତ ନୂଆ ନୂଆ ଢଙ୍ଗିଆ ।
ଘାଟ ବାଟଜଗା ଠକାଭଙ୍ଗିଆ ॥
ନବ-ତମାଲ-ଶ୍ୟାମଳ ଅଙ୍ଗିଆ ।
ବୃନ୍ଦାବନର ମତ୍ତ ମାତଙ୍ଗିଆ ॥
ଭଲ ! ସତ କହୁଛୁଟି ? ମୋ ସଙ୍ଗୀତ ତ ଶୁଣିଲ;
ଅଜ୍ କାହିଁକି ହେଉଛୁ ତଙ୍ଗତଙ୍ଗିଆ ?

ଓଃ ଜାଣିଲି ଜାଣିଲି (ରହସ୍ୟ ଛଳରେ ମୁଖ ତଳକୁ କଲେ)

ଶ୍ରୀକୃଷ୍ଣ—ସଖା ! ଏ ରହସ୍ୟ ଥାଉ, ମୋ ବଂଶୀସ୍ୱନ ଶୁଣ ।

ମଧୁ—ଅଚ୍ଛା ବଜାଅ ବଜାଅ, ଅମ୍ଭେ ଟିକିଏ ଶୁଣୁଁ ।

ଶ୍ରୀକୃଷ୍ଣ—(ବଂଶୀ ବାଦନ କଲେ)

ମଧୁ—(ବଂଶୀ ସ୍ୱନର ତାନମାନ ସଙ୍ଗେ ନୃତ୍ୟ କଲେ)

ନେପଥ୍ୟେ—(ମୁଗ୍‌ଧାକନ୍ୟାଗଣ)

ଗୀତ

ବଂଶୀ ବାଜେ ଗୋ,   ବଂଶୀ ବାଜେ ଗୋ,
ମଧୁର ମଧୁର ବୃନ୍ଦାବନେ ।
ତରୁ ଲତା ଶୁଷ୍କ ଥିଲେ,   ନବ ପଲ୍ଲବ ଧଇଲେ,
ମଦନ ମୋହନ ବେଣୁସ୍ୱନେ ଗୋ । ୧ ।

ଶ୍ରୀକୃଷ୍ଣ—(ଅଙ୍ଗ ପୁଲକିତ ହେବା ଓ ସେହି ଦିଗକୁ ମନ୍ଦ ହାସରେ ଗୁହିଁବା)

ମଧୁ—ସଖା ! ଏ ବଂଶୀସ୍ୱନ ତ ଅଉ ବାଜା ରହିବ ନାହିଁ—ଦେଖୁଛୁ ,

Digitized by srujanika@gmail.com

ହେଇ, ଶୁଣ ଶୁଣ, ନୂତନା ଗୋପୀମାନେ
କପଟ ଭକ୍ତନ ହୋଇ ଦଉଛନ୍ତିଲେଣି ।
ଏ ଝଙ୍କ କଅଣ କମ ଝୁଙ୍କ ?
ଏଥର ବଂଶୀଟିକୁ ଭଲ କରି ଫୁଙ୍କ ।
ଅହେ ଯୁବତୀବୃନ୍ଦ ! ଅମ୍ଭେ ଖସିଲୁ ଦେଖ ।

(ପ୍ରସ୍ଥାନ)

ଶ୍ରୀକୃଷ୍ଣ—(ସ୍ୱଗତଃ) ମୁଁ ଯାଉଛି, ଏହି ତମାଳ ମୂଳରେ ଲୁଚି ରହି ଏ ମୁଗ୍ଧାକନ୍ୟାମାନଙ୍କ ରଙ୍ଗ ରହସ୍ୟ ଦେଖିବି ।

(ପ୍ରସ୍ଥାନ)

(ମୁଗ୍ଧାକନ୍ୟାଗଣ ଗୀତ ଗାଇ ଗାଇ ନାଚି ନାଚି ପ୍ରବେଶ)

ଗୀତ

ବାଜୁଛି ଗୋ ମୋହନ-ବଂଶୀ ।
ଆସ ଦେଖିଯିବା ସଖୀ ! ଗୋପପୁର ଶଶୀ । ଘୋଷା ।
ମଧୁର ସ୍ୱନ ପଞ୍ଚମେ ଆସୁଅଛି ଭାସି ।
ନେବ ଥନ ଥନ ମନ ହେଉଛି ଉଦାସୀ । ୧ ।
ଛନ୍ଦା ଚରଣ ଅମ୍ବର ଫନ୍ଦା ଗୋ ସୁହାସୀ ।
ବନ୍ଧା ଦେଇ ପରାଣକୁ ହୋଇବା ଗୋ ଦାସୀ । ୨ ।

ଶ୍ରୀକୃଷ୍ଣ—(ନେପଥ୍ୟରୁ ହସି ହସି) ମୁଗ୍ଧେ ! ମୁଁ ଜାଣି ପାରୁଛି, ଭ୍ରମର ବଡ଼ ଭାଗ୍ୟବାନ ।

[illegible]—କପଟ ?

ଶ୍ରୀକୃଷ୍ଣ—ଭ୍ରମର ବିନା କଅଳୀ ପାଶକୁ ଯାଏ,

Digitized by srujanika@gmail.com

ନିଜେ ନିଜେ ନଳିନୀ ଯଦି ଭ୍ରମର ପାଖକୁ ଆସେ,
ତେବେ ଏ ଭାଗ୍ୟରୁ ବଳି ଭାଗ୍ୟ ଅଛି ?

ଧନ୍ୟା—ଧୂର୍ତ୍ତ ଲମ୍ପଟ ! ଲବଣୀଶ୍ରେଷ୍ଠ କଥା କଣ ପାଶୋରି ଦେଲଣି କି ?

ଗୀତ

ଶୁଣ ଶୁଣ ଶୁଣ ହେ ବସନଚୋର ଶୁଣ ।
ପାଶୋରି ଦେଲଣି କି ଲବଣୀ ଶ୍ରେଷ୍ଠ ଗୁଣ ?
ଭୁଲିଗଲ, ମନ୍ ଭୁଲିଗଲ,
ଲବଣୀ ଶ୍ରେଷ୍ଠ କଥା କି ଭୁଲି ଗଲ ? । ୧ ।
କେଉଁଠାରୁ ଶିଖିଲ ଏ ନବରଙ୍ଗ ଭଙ୍ଗୀ ।
ଏ ଚାପରି ଛୁଟିଯିବ, କେଡ଼େ ଅନୁରାଗୀ ॥
ସବୁ ଛୁଟିଯିବ । ଏ ଚାପରି ଭଙ୍ଗୀଯାକ ସବୁ ଛୁଟିଯିବ । ୨ ।
ଆମ୍ଭ ମନ ଧନ କାହିଁପାଇଁ ଶ୍ରେଷ୍ଠ କଲ ?
ଯୋଗେ ଧରା ପଡ଼ିଲ ହେ ଲମ୍ପଟ ଛଇଳ !
ଧରା ପଡ଼ିଛନ୍ତି । ଶଠଚୋର (ଏବେ ଦୁହେଁ) ଧରା ପଡ଼ିଛନ୍ତି । ୩ ।
ଗୁହାରି କରିବୁ ଆମ୍ଭେ ମଦନରାଜାକୁ ।
କେ ଜାଣି କି ଦଣ୍ଡ ଦେବ ଚୋରର ମନକୁ ॥
ଜଣା ପଡ଼ୁଛି ? କାମରାଜାର ଦଣ୍ଡ ଜଣା ପଡ଼ୁଛି ? । ୪ ।
(ତାର) ଚପରାଶି ମତ୍ତ ପିକ ଡାକେ ଘନ ଘନ ।
ନ ପଳାଇଲେ ହେ ବନ୍ଧୁ ! ହୋଇବ ବନ୍ଧନ ॥

Digitized by srujanika@gmail.com

ବାନ୍ଧି ଘେନିଯିବ ।
ମଉଡ଼ିବ ଦୂତ ହୋଇ, ବାନ୍ଧି ଘେନିଯିବ । ୫ ।
ଉପରୋଧ ତଳେ ସହୁ ! ନ କର ଏହାଙ୍କୁ ।
ବାନ୍ଧ ବାହୁଫାଶେ ନେବା ରାଜାର ପାଶକୁ ।
କେବେ ନ ଛାଡ଼ିବା ।
ନାଗରବରଙ୍କୁ ନ ଛାଡ଼ିବା ।
କାମରାଜା ପାଶେ ବାନ୍ଧିନେବା । କେବେ ନ ଛାଡ଼ିବା । ୬ ।

(ଗୁରବଦଗରୁ ବେଢ଼ି ଶ୍ରୀକୃଷ୍ଣଙ୍କୁ ଟାଣି ଧରିବା ଅଭିନୟ)

ଶ୍ରୀକୃଷ୍ଣ—(ମନ୍ଦହାସରେ) ସ୍ୱଗ୍ନେ ! ଦୋଷୀ ପ୍ରଜା ଯଦି ହାକର ହୋଇ ନିଜ ଦୋଷ ମାନିଯାଏ, ତେବେ ରାଜା କଣ ତାକୁ ଦଣ୍ଡ ଦିଏ ? କଥାରେ ଅଛି ପରା, ହାକରକୁ ମୁଣ୍ଡକାଟ ଛାଡ଼ ।

ଧନ୍ୟା—(ସଖୀଙ୍କ ପ୍ରତି) ସଖି ! ଇଏ ତ ନିଜଦୋଷ ମାନି ଯାଉଛନ୍ତି, ଆଉ ଦଣ୍ଡଦେବା କଅଣମ ? ଏବେ ଆସ, ଗୀତ ଗାଇ ଗାଇ ଏ ବନଫୁଲ ଗୁଡ଼ିକ ବନବିହାରୀଙ୍କି ସଜାଇ ଦେବା ।

ସମସ୍ତେ—(ଗୀତ ଗାଇ ଫୁଲହାରରେ ଶ୍ରୀକୃଷ୍ଣଙ୍କୁ ମଣ୍ଡିବା ଅଭିନୟ)

ଗୀତ

ବନ ଫୁଲହାରେ,   ବନବିହାରୀଙ୍କି,
ବନବେଶେ ସାଜ ଦିଅ ଗୋ ।
ନୀଳ କଳେବର,   ବଦନ ସୁନ୍ଦର,
ଅଧରୁ ଅମୃତ ପିଅ ଗୋ । ଘୋଷା ।

Digitized by srujanika@gmail.com

ଗଳାରେ ଦିଅ ଓଗୋ କଅଳୀ ମାଳ,
ଅଙ୍ଗେ ଦିଅ ଚୂଆ ଚନ୍ଦନ ଚୋଳ,
ଚଳି ଚଳି ବନମାଳୀଙ୍କ ସଙ୍ଗରେ
ବସନ୍ତ ଉତ୍ସବ ଗାଅ ଗୋ । ୧ ।
ବାଙ୍କଚୂଳେ ଖଞ୍ଜ ମଲ୍ଲିମାଳକୁ,
ମିଶାଇ ସଖି ! କେତକୀ ଦଳକୁ,
ସେବତୀ ଫୁଲରେ ମକର କୁଣ୍ଡଳ
ଯଗଳ କର୍ଣ୍ଣେ ଦିଆଅ ଗୋ । ୨ ।

(ଜନୈଗଣ ଆନନ୍ଦରେ ଶ୍ରୀକୃଷ୍ଣଙ୍କୁ ଫୁଲରେ ସୁବେଶ କରିବା ଅଭିନୟ)

ଲଳିତା ପ୍ରବେଶ

ଲଳିତା— (ସ୍ୱଗତଃ) ଆଜ ପ୍ରେମମୟୀ ବୃଷଭାନୁଜେମାଙ୍କ ଆଦେଶରେ ଏ ବୃନ୍ଦାବନକୁ ଫୁଲ ତୋଳି ଆସିଥିଲି, କିନ୍ତୁ ଭଲ କଥାଟିଏ ତ ଦେଖିଲିଣି ! ଲୁଚି ରହି ଏମାନଙ୍କ ରଙ୍ଗ-ରହସ୍ୟ ଆଜ ଟିକିଏ ଦେଖେଁ । (ଲୁଚିବାକୁ ପ୍ରସ୍ଥାନ)

ଜନୈ—ନାଗର ! ଆସ, ଏଇ ଲବଙ୍ଗଲତା-କୁଞ୍ଜ-ଅଗଣାରେ ନାଚିବା ।

ଶ୍ରୀକୃଷ୍ଣ—ହେଉ, ଭଲକଥା ।

(ସମସ୍ତେ ମଧୁର ନୃତ୍ୟରେ ମଗ୍ନ ହେଲେ)

ଲଳିତା—(ଲତାଗହଳରୁ ବାହାରି କ୍ରୋଧରେ) ଲମ୍ପଟ ! ତୁମ୍ଭର ଏହି ଆଚରଣ ? ତୁମ୍ଭର ଏହି ବ୍ୟବହାର ? ତୁମ୍ଭର

Digitized by srujanika@gmail.com

ଏହୁ ବ୍ରହ୍ମଚର୍ଯ୍ୟ ପ୍ରକୃତନ୍ତ୍ର (ଭୁରୁ କୁଞ୍ଚିତ କରି) ହଉ ଥାଅ, ଥାଅ; ମୁଁ ଯାଉଚି, ଏହୁକ୍ଷଣି ଅପ କଣୋଷ୍ଣଙ୍କ ଅଗରେ ତମର ଏ ନବରଙ୍ଗ ଯାକ ସବୁ କହୁଚି ଯେ ।

(ବେଗେ ପ୍ରସ୍ଥାନ)

(ଶ୍ରୀକୃଷ୍ଣ ଓ ଦୂତ୍ଧାକନ୍ୟାଗଣ ନୃତ୍ୟରେ ଅବେଶ)

ପଟ୍ଟପରିବର୍ତ୍ତନ

ପ୍ରଥମ ଅଙ୍କ

ପଞ୍ଚମ ଦୃଶ୍ୟ

କୁସୁମିତ ବନପଥ

(ତର ତର ହୋଇ ଲଳିତା ପ୍ରବେଶ)

ଲଳିତା—(ଯାଉ ଯାଉ ସ୍ୱଗତଃ) ମୋ ପ୍ରିୟ ସଖୀ ରାଧା ସହିତ ଯଦି ଏତେ କୁଟକପଟ ତେବେ ଆଉ ଏ ବ୍ରଜରେ ତମର କା'ଠାରେ ବିଶ୍ୱାସ ଥିବ ? ଏବେ ଜଣାଗଲା, ତମେ ଜଣେ ଦଗାଦିଆ ଖଣ୍ଟ । ଅଚ୍ଛା ଥାଅ, ଥାଅ, ମୁଁ ଇଚ୍ଛା ମଧ୍ୟରେ କଅଣ କରୁଚି ଦେଖ ।

(ଚଞ୍ଚଳ ଗତିରେ ପ୍ରସ୍ଥାନ)

ପଟ୍ଟ ପରିବର୍ତ୍ତନ

Digitized by srujanika@gmail.com

ପ୍ରଥମ ଅଙ୍କ

ଷଷ୍ଠ ଦୃଶ୍ୟ

ଶ୍ରୀମତୀଙ୍କ ପୁଷ୍ପ ଉଦ୍ୟାନ

(ଶ୍ରୀରାଧା ଶଶୀଖୀ ପ୍ରବେଶ)

ରାଧା—(ଆନନ୍ଦମନେ) ସଖି ଶଶୀଖୀ ! ଏ ବସନ୍ତ ସମୟରେ ଫୁଲଗୁଡ଼ିକ ଫୁଟିଥିବାରୁ ଗଛଟିମାନ କି ସୁନ୍ଦର ଦିଶୁଛି !

ଶଶୀଖୀ—ରାଧେ ! ଗଛଟିମାନ ସିନା ସୁନ୍ଦର ଦିଶୁଛନ୍ତି, ଫୁଲଗୁଡ଼ିକ ଯେ ମୋ ଅଧିକ ସୁନ୍ଦର ଦିଶୁନାହାନ୍ତି ।

ରାଧା—କାହିଁକି ସଖି ?

ଶଶୀଖୀ—ଫୁଲରେ ଭ୍ରମର ବସି ନ ଥିବାରୁ ।

ରାଧା—ଶଶୀଖୀ ! ଦେଖିଲଣି ? ଏ ମାଧବୀ ଫୁଲରେ କି ସୁନ୍ଦର ଭ୍ରମରଟିଏ ବସି ମଧୁ ପାନ କରୁଛି !

ଶଶୀଖୀ—ରାଧେ ! ମାଧବୀକି ଭ୍ରମର ବଡ଼ ଭଲ ପାଏ । ସଖି ! ଦେଖୁଛ ତ, ଏତେ ଭଲ ଫୁଲ ଫୁଟିଛି; କାହିଁକି ତେବେ ମାଧବୀ ଫୁଲକୁ ଭ୍ରମର ଛାଡ଼ି ପାରୁନାହିଁ ?

ରାଧା—(ମାଧବୀ ଲତାକୁ ଏକଲୟରେ ଚାହିଁ ରହିଲେ)

ଶଶୀଖୀ—ରାଧେ ! ତେମେ ମାଧବୀ ଫୁଲକୁ କାହିଁକି ଏତେ ଅନେଇ ରହିଛ କି ଗୋ ?

ରାଧା—(ଉତ୍କଣ୍ଠାରେ) ସଖି ! ମୋର ମାଧବ ମନେ ପଡ଼ୁଛନ୍ତି । ଆହା ! ତାଙ୍କ ଚରଣ ଚିହ୍ନ ତ ଗୃହଅଡ଼େ ଦିଶି ଯାଉଛି ।

Digitized by srujanika@gmail.com

ଗୀତ

ମାଧବୀ ଫୁଲକୁ   ଦେଖି ଗୋ ସଖୀଏ,
ମନେ ପଡ଼ୁଛନ୍ତି ମାଧବ ।
(ତାଙ୍କ) ଚରଣ ଚିହ୍ନ   ଗୃହଅଗ୍ରେ ଦିଶୁଛି,
କିଏ ତାଙ୍କୁ ଆଣିଦେବ ଗୋ ।
ଅଗୋ ପରାଣ ସଙ୍ଗିନି !
ହୃଦ-ଚନ୍ଦନ ମୋ ଚିନ୍ତାମଣି ଗୋ । ୧ ।

ଶ୍ୟାମ ଅଙ୍ଗ ଗନ୍ଧ   ପରି ମନ୍ଦ ମନ୍ଦ,
ମଳୟ ସଙ୍ଗରେ ବହେ ଗୋ ।
ଗୁଣୁ ଗୁଣୁ ହୋଇ   ଚଞ୍ଚୁ ଅସିବାର,
ମଧୁକର କାନେ କହେ ଗୋ ।
ଘନ ବରନ ମୂରତି,
ଗୃହଅଗ୍ରେ ଦିଶି ଯାଉଛନ୍ତି ଗୋ । ୨ ।

ଚନ୍ଦ୍ରାର୍ଦ୍ଧ କଳଶ—   ଧ୍ୱଜ ବଜ୍ରାଙ୍କୁଶ
ଚିହ୍ନମାନ ବାରିଜୁଛି ଗୋ ।
ସୁରଙ୍ଗ କମଳ   ଛବଙ୍କ ଦେଖିଲେ,
ଅଙ୍ଗେ ପୁଲକ ପୂରୁଛି ଗୋ ।
ଅଗୋ ପରାଣ ସଙ୍ଗିଣୀ !
ମୋତେ କିଏ ତାଙ୍କୁ ଦେବ ଆଣି ଗୋ ? । ୩ ।

Digitized by srujanika@gmail.com

ବିଶାଖା—

ଗୀତ

ବିଶ୍ୱ ଜଗତକୁ, କୃଷ୍ଣମୟ ଦେଖି,
ସବୁ ସୁଖ ଗଲି ଭୁଲି ଗୋ !
ହୃଦୟ ଫଟାଇ, ଅକୂଳେ କାନ୍ଦୁଛି,
'ହା କୃଷ୍ଣ, ହା କୃଷ୍ଣ' ବୋଲି ଗୋ !
କୃଷ୍ଣ ଗତ ପ୍ରାଣା ଧନି ! ; କୃଷ୍ଣ ମୋହିନୀ କୃଷ୍ଣ ଭାବିନୀ ଗୋ । ୧ ।

କୃଷ୍ଣ ପ୍ରେମମୟୀ, ଶ୍ରୀ କିଶୋରୀ ରାଇ,
କୃଷ୍ଣ ବାସ ପରିଧାନୀ ଗୋ !
କୃଷ୍ଣ ବିରହରେ, ଉନ୍ମାଦିନୀ ହୋଇ,
ହରୁଛୁ ଦିବା ରଜନୀ ଗୋ !
କୃଷ୍ଣ ଭ୍ରମର କୁନ୍ତଳା !; କୃଷ୍ଣ କୃଷ୍ଣ କରି ଜପାମାଳା ଗୋ । ୨ ।

ଏକା କୃଷ୍ଣ ଧ୍ୟାନେ, ଚଳୁଛୁ ଅଙ୍ଗନେ;
ମୋ କୃଷ୍ଣ କାହାନ୍ତି କହି ଗୋ !
ବୃନ୍ଦାବନେ ତରୁ,- ଲତାଙ୍କୁ ପଚାରୁ,
ହୋଇଣ କେତେ ବିନୟୀ ଗୋ !
ନେତ୍ର କରି ଥନ ଥନ; ମୁଖେ ହାଇ ଅସେ ଘନ ଘନ ଗୋ । ୩ ।

ଧନି ! କାତର ହୁଅନା, ତୋ ପ୍ରାଣବନ୍ଧୁଙ୍କୁ ଅବଶ୍ୟ ପାଇବୁ ।
ରାଧା—(ଭାବାବେଶରେ ହର୍ଷବଦନେ ରହିଲେ)

Digitized by srujanika@gmail.com

ଲଳିତା ପ୍ରବେଶ

ବିଶାଖା—ରାଧେ ! ଏଇ ଦେଖ; ଲଳିତା ସଖୀ ଆସିଲେଣି ।

ରାଧା—(ତେଣେ ଚାହିଁ ଦରହାସରେ ମୁଖ ଭଙ୍ଗୀକୁ କରି ଲାଜ ଜଳପରି ରହିଲେ)

ଲଳିତା—(ଛଳ ଭଙ୍ଗିରେ) ରାଧେ ! ଆଜି ତ ଭାରି ଆନନ୍ଦରେ ଭାସୁଛ ?

ରାଧା—ହଁ, କି ହେବ ନାହିଁ କାହିଁକି ? ଆମ ବଗିଚାରେ ଫୁଲ ନ ଥିଲା ପରି ବୃନ୍ଦାବନକୁ ଫୁଲ ତୋଳି ଯାଇ ଏତେବେଳକୁ ଦେଖା ଦେଉଛ କି ନା ?

ଲଳିତା—ରାଧେ ! ମୁଁ ତମର ଗୋଟିଏ ଶୁଭ ଖବର ଆଣିଛି ମ, ଶୁଣିବ ?

ରାଧା—(ଲାଜ ଲାଜ ହୋଇ) କଅଣ କହୁନାହଁ ?

ଲଳିତା—ମୋତେ ଯେବେ କିଛି ପୁରସ୍କାର ଦେବ, ତେବେ କହିବି ।

ରାଧା—(ମଲ୍ଲୀଫୁଲହାର ନିଜ ଗଳାରୁ ଆଣି ଲଳିତାଙ୍କ ଗଳାରେ ଦେଲେ)

ଲଳିତା—(ହସି ହସି କହିଲେ)

"ମାଅ ଲୋ ମଲି,
ମଲ୍ଲୀ ଫୁଲହାର ଆଜି ପାଇଲି"

ବିଶାଖା—ଫୁଲହାର ତ ପୁରସ୍କାର ପାଇଲି, ଏଥର କହ ।

ଲଳିତା—କହୁଛି ଶୁଣ ।

Digitized by srujanika@gmail.com

ଗୀତ

ଲଳିତ ଲବଙ୍ଗଲତା   ମୃଦୁ ପବଣୀଲନତା
କୋମଳ ମଳୟ ମନ୍ଦାନିଳେ ।
ମତ୍ତଭୃଙ୍ଗ ମଧୁପାନେ   ନିକୁଞ୍ଜ-କୁଟୀର ବନେ
କୂଜନ୍ତି ପ୍ରମତ୍ତ ପିକକୁଳେ ଗୋ ।
ହରି ବିହରେ,
ସରସ ବସନ୍ତକାଳେ ବନେ ।
ନୃତ୍ୟନ୍ତ ଯୁବତୀଜନେ   ଲମ୍ପଟ ଧୀଟ ମୋହନେ,
କରିନ୍ଥି ମାରଣେ ସାବଧାନେ ଗୋ । ୧ ।

ବିଶାଖା—ଫୁଲହାରଟି ପୁରସ୍କାର ପାଇ ବେଶ୍ ଖବରଟିଏ ଦେଲ ତ !

ରାଧା—ଲଳିତେ ! ଏ କଥା କଣ ସତ ? (ବିକଳମନେ) ସଖି !
ଗୁଲଲ ଦେଖି, ମୁଁ ଲତା ଜହାଡ଼ରେ ରହି ଶ୍ରୀକୃ-
ଚନ୍ଦ୍ରାମଣିଙ୍କର ସେଇ ଶ୍ରେଷ୍ଠ ପ୍ରୀତ ଦେଖିବ ।

ଲଳିତା—ତେବେ ଶୀଘ୍ର ଅସ, ମୋ କଥା ସତ କି ମିଛ ଦେଖିବ ।

(ଶ୍ରୀରାଧା, ଲଳିତା, ବିଶାଖାଙ୍କ ପ୍ରସ୍ଥାନ)

ପଞ୍ଚ ପରିବର୍ତ୍ତନ

ପ୍ରଥମ ଅଙ୍କ

ସପ୍ତମ ଦୃଶ୍ୟ

ବେତଣୀ କୁଞ୍ଜ

(ଶ୍ରୀକୃଷ୍ଣ ଓ ମୁଗ୍ଧା କନ୍ୟାମାନଙ୍କ ପ୍ରେମ ଖେଳ)

ମୁଗ୍ଧାଗଣ—(ସମାନ ସ୍ୱରେ ଗୀତ ଗାଉଥିବା)

Digitized by srujanika@gmail.com

ଗୀତ

ଦେଖ ସୁନ୍ଦର ଏ, ନବୀନ ନାଚୁଅ,
ଛନ୍ଦା ଚରଣ ମୂରତି ।
ବନ୍ଦାପନା କର, ମଦାର ଅଧରଙ୍କୁ,
ପଛକୁ ପକାଇ ସବୁ ନିନ୍ଦା ସ୍ତୁତି ।
ନାଚ ଗୋ ତାଳ ତାଳ, ବଜାଇ କରତାଳ,
ଅନନ୍ଦେ ସର୍ବ ବାଳୀ, ଧାଅ ଗୋ ଢୁଳଢୁଳି,
ଏ ବୃନ୍ଦାବନ ସ୍ଥଳୀ, ପ୍ରେମେ ପଡ଼ୁ ଉଚ୍ଛୁଳି । ୧ ।

ଧନ୍ୟା—ବୃନ୍ଦାବନଚନ୍ଦ୍ର ! ଏ ଦାସୀମାନଙ୍କର ସେବା ଘେନାକର ।

ଗୀତ

ହେ ବୃନ୍ଦାବନ-ମଦନ !
ଅମ୍ଭମାନଙ୍କର ତାମ୍ବୁଲ ଘେନ ହେ,
କରୁଅଛୁ ଏହୁ ନିବେଦନ, ମୋହନ ହେ । ୧ ।
ଅତର କର୍ପୂର ଚୂନ, (ହେ ମୋହନ)
ଦେଇ ଭାଙ୍ଗିଅଛୁ କରି ଯତନ ହେ,
ଭୁଞ୍ଜ, ତୋଷ ହେଉ ଅମ୍ଭ ମନ, ମୋହନ ହେ । ୨ ।
(ତାମ୍ବୁଲ ଭୁଞ୍ଜାଇ ଦେବା ଅଭିନୟ)

ଶ୍ରୀକୃଷ୍ଣ—କନ୍ୟାଗଣ ! ଅଜି ମୋର ବଡ଼ ଭାଗ୍ୟ ।

ଧନ୍ୟା—ନା, ନା, ଅମର ବଡ଼ ଭାଗ୍ୟ ।

Digitized by srujanika@gmail.com

ଗୀତ

ଗୋକୁଳର ଇନ୍ଦୁ ଅହେ ପରାଣର ବନ୍ଧୁ !
ଚରଣେ ଶରଣ ଗଲୁଁ ଦିଅ କୃପାବିନ୍ଦୁ ।
ଅହେ ଛନ୍ଦାଚରଣ !
ଫୁଲମାଳ ଦେଇ କଲୁଁ ବରଣ ହେ ।
ଏହି ସ୍ନେହ ଥାଉ ।
ଜନମେ ଜନମେ ନାଥ ହେ (ଏହି ସ୍ନେହ ଥାଉ)
ପତି ହୋଇଥାଅ
(ଅଭାଗିନୀମାନଙ୍କର ପତି ହୋଇ ଥାଅ ।)

ଶ୍ରୀକୃଷ୍ଣ—(ହସି ହସି)

ଗୀତ

ସୁକୁମାରି କୁମାରି ଗୋ ମୁଗ୍ଧା କନ୍ୟାଗଣ,
ତୁମ୍ଭେ ମୋର, ମୁଁ ତୁମ୍ଭର, ନିଶ୍ଚୟ ଗୋ ଜାଣ ।
ତୁମ୍ଭେ ମୋର, ମୁଁ ତୁମ୍ଭର ।
ସୁକୁମାରି କୁମାରି ଗୋ (ତୁମ୍ଭେ ମୋର, ମୁଁ ତୁମ୍ଭର)
(ମନୁ ଭୁଲିବ ନାହିଁ) ତୁମ୍ଭମାନଙ୍କର କଣା ମୁହିଁ,
(ମନୁ ଭୁଲିବ ନାହିଁ) କହୁଛି ଏ ମୋର ବଂଶୀ ଛୁଇଁ । ୧ ।

(ଶ୍ରୀରାଧା, ଲଳିତା, ବିଶାଖା ପ୍ରବେଶ)

ଲଳିତା—ରାଧେ ! ମୋ କଥା ସତ କି ମିଛ, ହେଉଟି ଦେଖ, କି ଲୀଳା ଲଗିଛି ?

Digitized by srujanika@gmail.com

ରାଧା—(କ୍ରୋଧରେ ଜରଜର ହୋଇ) ଲଳିତେ ! ପୂର୍ବେ ମୁର-ଦୈତ୍ୟଙ୍କୁ ଯେ ବିନାଶ କରିଥିଲେ ସେ କଣ ଏହି ଠିକ ? ସଖି ! ଏ ଲତାତଳେ ଲୁଚି ରହି ଭଲକରି ଠିକଏ ସ୍ବାଙ୍କ ରଙ୍ଗରହସ୍ୟ ଦେଖିବା । (ଲୁଚିଲେ)

ଧନ୍ୟା—ନାଗର ! ଆସ ଅବିର ଖେଳିବା ।

ଶ୍ରୀକୃଷ୍ଣ—ହେଉ ତେବେ ।

ଧନ୍ୟା—

ଗୀତ

ଅବିରତେ ଅବିରତ ଅବିର ଉଡ଼ାଅ ଗୋ ।
ମଦନମୋହନ ଅଙ୍ଗେ ଅଙ୍ଗକୁ ଜଡ଼ାଅ ଗୋ ।
ଅଗୋ, ଅଙ୍ଗକୁ ଜଡ଼ାଅ ଗୋ । ଘୋଷା ।
ଲଳିତ ବସନ୍ତ ସ୍ପର୍ଶେ ପରଣ ଗୋ ପୀତବାସେ ।
ଲଳିତେ ଲଳିତ ଭୁଜେ ଭୁଜକୁ ବେଢ଼ାଅ ଗୋ । ୧ ।

(ଶ୍ରୀରାଧା, ଲଳିତା, ବିଶାଖା ଲତା ଉହାଡ଼ରୁ ବାହାରିଲେ)

ଶ୍ରୀରାଧା—(କ୍ରୋଧରେ)

ଗୀତ

ପୂର୍ବେ ମୁର ଦୈତ୍ୟ,   ଯେ ନାଶିଥିଲେ ଗୋ !
ସେହି କି ଏହି ଲଳିତେ !
ଦେଖ ଗୋ ଦେଖ ଗୋ ସଖି ! (ପୂର୍ବେ ମୁର ଦୈତ୍ୟ)

Digitized by srujanika@gmail.com

(ଶ୍ରୀକୃଷ୍ଣ ଚମକି ପଡ଼ି ବଂଶୀ ପକାଇଦେଇ ରହିଗଲେ)

(ମୁଗ୍ଧା କନ୍ୟାଗଣ ଚାହିଁକି ସେପରି ରହିଗଲେ)।

ଗୀତାଂଶ

ଏବେ କି ସୁନ୍ଦର,　　　　ଶୋଭା ପାଉଛନ୍ତି,
କୁମାରୀମାନଙ୍କ ସହିତେ !
ଦେଖ ଦେଖ ସଖୀ !
ଏ କି ଅଟେ ସେହି ଗିରଟେକି ? । ୧ ।

ଚନ୍ଦନ ଚର୍ଚ୍ଚିତ-　　　　ନୀଳ କଳେବର,
ପୀତବାସ ବନମାଳୀ ।
ଖେଳନ ଚଞ୍ଚଳ,　　　　ରତନ କୁଣ୍ଡଳ,
ଗଣ୍ଡଯୁଗ ସ୍ଫିତଶାଳୀ ।
ଦେଖିନି ନବ ବାଳକା ।
ମାତେ ଏ କି ସେହି ଗିରଟେକି । ୨ ।

ପୀନ ପୟୋଧର,　　　　ଗୋପିନୀମାନଙ୍କର
ଲାଗିଛନ୍ତି ଶ୍ୟାମ ହୃଦେ ।
ମର୍କତ କବାଟେ　　　　କୁନ୍ଦନ ସମ୍ପୁଟେ,
ଯୋଖିଛି କେ ଜନମାଦେ ॥
ଶ୍ୟାମ ମୁଖ-କମଳ ।
ଦେଖ ବନ୍ଧୁ ବନ୍ଧୁ ଭ୍ରମ ଝାଳ; (ଶ୍ୟାମ ମୁଖ-କମଳ)

Digitized by srujanika@gmail.com

ସାକ୍ଷୀ ରହୁଥାଅ ଗୋ !

ମୋର ବଶାଖା ସଙ୍ଗିନୀ ଏବେ, ସାକ୍ଷୀ ରହୁଥାଅ ଗୋ !

ମୋର ଲଳିତା ସଙ୍ଗିନୀ ଏବେ, ସାକ୍ଷୀ ରହୁଥାଅ ଗୋ । ୩ ।

(ଈର୍ଷାପୂର୍ବକ ଗାନ କରୁଥିବା, ଶ୍ରୀକୃଷ୍ଣ ଓ କନ୍ୟାଗଣ ଚାଃବା ହୋଇ ରହୁଥିବା ।)

ପରଦା ପତନ

Digitized by srujanika@gmail.com

(ବର୍ତ୍ତମାନ ଅବସ୍ଥା)

ଦ୍ୱିତୀୟ ଅଙ୍କ

ପ୍ରଥମ ଦୃଶ୍ୟ

ଅରୁଣ କୁଞ୍ଜ

(ଶ୍ରୀରାଧା, ଲଳିତା, ବିଶାଖା ପ୍ରବେଶ)

ଶ୍ରୀରାଧା—(ବିରହ ଉତ୍କଣ୍ଠାରେ ସଖୀଙ୍କି କହିଲେ)

ଗୀତ

ଏହି ତ ଅରୁଣ କୁଞ୍ଜ ଗୋ, ସଜନି !
ଏହି ତ ଅରୁଣ କୁଞ୍ଜ ଗୋ !
କେଡ଼େ ସୁନ୍ଦର, ଦିଶେ ନ ଥିବାରୁ
ବ୍ରଜ ରସିକରାଜ ଗୋ !
ଅଗୋ ପରାଣ ସଙ୍ଗିନି !
ଚିତ୍ତ ଆକୁଳ ହୁଏ ଏ ବେଳି ଗୋ । ୧ ।

ସହିଁ ଏ ଭ୍ରମର— ମାନଙ୍କ ଝଙ୍କାର—
ନାଦ ବାଜୁ ମୋ ଶ୍ରବଣେ ଗୋ !
ପରାଣବନ୍ଧୁଙ୍କ ପ୍ରୀତି ମନେ ପଡ଼ି,
ହୃଦ ଜଳେ ଅନୁକ୍ଷଣେ ଗୋ ।

Digitized by srujanika@gmail.com

ଅଗୋ ପରାଣ ସଙ୍ଗିନି !
ଚିତ୍ତ **ଅକୁଳ** ହୁଏ ଏ ବେଳ ଗୋ ! ୨ ।

ଟିକି ଡାକ ଶୁଣି　　　　ଚକ୍ଷୁଣ ଭାଳଥ,
ମୃଦୁବାଣୀ ପଡ଼େ ମନେ ଗୋ !
ଝିଙ୍କାରି ନିସ୍ଵନ,　　　　ପ୍ରତେ ହୁଏ ଶ୍ୟାମ—
ନୂପୁର ନାଦ ଯେସନେ ଗୋ !
ଅଗୋ ପରାଣ ସଙ୍ଗିନି !
ଗୋଷ୍ଠ-ଚନ୍ଦ୍ରମା ମୋ ଚିନ୍ତାମଣି ଗୋ ! ୩ ।

ଲଳିତା—ରାଧେ ! ସେ ନିର୍ଦ୍ଦୟ ଶଠଙ୍କୁ ମନେ ପକାଅ ନା ।

ଗୀତ

ଅଗୋ ରାଧେ ସେ ନିର୍ଦ୍ଦୟ ଶଠରେ କି କାମ ।
କର୍ମକୁ **ଅଦର** ରହ ନ ଧର ତା ନାମ ଗୋ । ୧ ।

ଶ୍ରୀରାଧା—ନିର୍ଦ୍ଦୟ ନୁହନ୍ତି ସେ ତ ଦୟାମୟ ଶ୍ୟାମ ।
ମନ୍ଦ କପାଳକୁ ମୋର ହୋଇଛନ୍ତି ବାମ ଗୋ । ୨ ।

ବିଶାଖା—**ଅଗୋ** ବିଷାଦିନୀ ଦୁଃଖ ଦୂର କର ମନୁ ।
ଝାଉଁଳ ପଡ଼ୁଛୁ ବେଳୁଁ ବେଳ ସୁନା ତନୁ ଗୋ । ୩ ।

ଲଳିତା—ଦମ୍ଭଧର ଧୀର ହୁଅ ପରାଣ ପିତୁଳି ।
ଅକୁଳିଲା ନୁହ ଧନି ଗଳା ସୁନାମାଳି ଗୋ । ୨ ।

Digitized by srujanika@gmail.com

ଶ୍ରୀରାଧା—ସଖି ! ମୋର ପଞ୍ଚେନ୍ଦ୍ରିୟଯାକ ତାହାଙ୍କ ବଳେ ବଳେ ତାଙ୍କର ଅଙ୍ଗକୁ ଟାଣି ନେଉଛନ୍ତି ? ମୁଁ ତ ଅବଳା; କିପରି ଦମ୍ଭ ଧରିବ ? ହା ଜୀବନବନ୍ଧୁ ! ଦର୍ଶନ ଦିଅ ।

ଗୀତ

ଅହା ନାଥ ପ୍ରାଣନାଥ　　　ମୋହନ ମୁରଲୀହାତ
କାହିଁ ଅଛ ଦିଅ ଦରଶନ ।
ଅହେ ମଦନମୋହନ　　　ସନ୍ତାପେ ହେଲି ଦହନ
ଏବେ ଆସି କର ଆଲିଙ୍ଗନ ହେ ।
ବନ୍ଧୁ ହେ ! ଦେଖାଅ ତୁମ୍ଭର ମୁଖଇନ୍ଦୁ ।
ଦିଅ ଓଷ୍ଠ ସୁଧା ଏକ ବିନ୍ଦୁ ହେ । ୧ ।

ଲଳିତା—ରାଧେ ! ଧୈର୍ଯ୍ୟଧର, ମୁଁ ଏହିକ୍ଷଣି କୁଞ୍ଜବନକୁ ଯାଇ ତୁମ୍ଭ ହାଲଯାକ ସବୁ ଜଣାଇବି ।

ଗୀତ

ଚନ୍ଦ୍ରାବଳୀ ସଙ୍ଗେ ଖେଳି　　　କରୁଥିଲେ ବନମାଳୀ
ତୁମ୍ଭ ଭୟେ ଗୋର ପର ହେଲେ ।
ଧୈର୍ଯ୍ୟ ବହୁ ତେଜ ରୋଷ,　　　କ୍ଷମା କର ତାଙ୍କ ଦୋଷ,
ଗୃହେ ଯାଅ ବଣାଖାର ତୁଲେ ।
(ମୁଁ) ଯାଉଛି, ଯାଉଛି ।

Digitized by srujanika@gmail.com

ମୋହନଙ୍କ ନିକଟକୁ ଯାଉଛୁ, ଯାଉଛୁ ।
ସଙ୍କେତ ଅଣିବ ରାଧେ ! ଯାଉଛୁ, ଯାଉଛୁ ।
ରାଇ ବିନୋଦିନୀ ଧନୀ ! ଯାଉଛୁ ଯାଉଛୁ । ୧ ।

(ଗାଇ ଗାଇ ପ୍ରସ୍ଥାନ)

ବିଶାଖା—ରାଧେ ! ଲଳିତା ତ ଶ୍ରୀକୃଷ୍ଣଙ୍କ ନିକଟକୁ ଗଲେଣି, ଏବେ ଆସ ଘରକୁ ଯିବା ।

ରାଧା—ଚାଲ ସଖି !   (ବିଶାଖା ରାଧା ପ୍ରସ୍ଥାନ)

ଦ୍ୱିତୀୟ ଅଙ୍କ

ଦ୍ୱିତୀୟ ଦୃଶ୍ୟ

କାଳିନ୍ଦୀକୂଳ ବନ

(ଶ୍ରୀକୃଷ୍ଣ ଶୋକାକୁଳିତ ଭାବେ ପ୍ରବେଶ)

ଶ୍ରୀକୃଷ୍ଣ—(କରୁଣସ୍ୱରେ) ରାଧେ ! କେଉଁଠାରେ ଅଛ ? ଏ ଦୀନଜନର ଅପରାଧ କ୍ଷମାକର । ପ୍ରାଣାଧିକେ ! ଆଜ କେତେ ଖୋଜିବି ? ମାଧବୀ କୁଞ୍ଜ, ଅଶୋକ କୁଞ୍ଜ, ବକୁଳ କୁଞ୍ଜ, କେଶର କୁଞ୍ଜ, କଦମ୍ବ କୁଞ୍ଜ ଏହିପରି କେତେ ଖୋଜିଲି, କାହିଁ ? କେଉଁଠାରେ ତ ଦେଖିଲି ନାହିଁ ? (ବନକୁ ଚାହିଁ) ତରୁଲତାମାନେ ! ମାନମୟୀ କିଶୋରୀଙ୍କୁ ମୋର ଦେଖିଛ କି ?

Digitized by srujanika@gmail.com

ଗୀତ

କହ କହ ଗୋ ! କହ କହ ଗୋ !
ମୋର ଦୁଃଖ ଦେଖି ଦୟାବହ । ଘୋଷା ।
ବକୁଳ କୁନ୍ଦ ମନ୍ଦାର　　　　ଜାଣ ଯେଉଁ କଳାଅର
ସୁକୁମାରୀ ମୋ ଗଙ୍ଗଶିଉଳୀ ।
ନିଅଳୀ ମାଧବୀ ମଲ୍ଲୀ　　　　ଦେଖିଛ କି ମୋର ଅଳୀ
ପ୍ରାଣପ୍ରିୟା କନକପିତୁଳୀ ଗୋ । କହ କହ ଗୋ । ୧ ।
ଅଟଚା କୁନ୍ଦ କରବୀର　　　　ଦେଖିଛ କି ନାଗବର
ଯାବଟ-ବାସିନୀ ଶନୋଦନୀ ।
ଝିଙ୍ଗାର ତଗର କିଅ　　　　ଜାଣ ଯାଉଛ ମୋ ହୃଦୟ
ନ ଦେଖି ମୋ କଣ୍ଠ-ରତ୍ନମଣି ଗୋ । କହ କହ ଗୋ !
ଏ ସନ୍ତାପ ତାପ ହର　　　　ଦୁଃଖିଜନେ ଦୟାକର
ଅଗୋ ତରୁ ଲତା ବନ ଗିରି ।
ଛଳେ ମୋ ପରାଣ ଶିରୀ　　　　କାହିଁ ଅଛି ଶ୍ରୀକିଶୋରୀ

ଲକ୍ଷୀବତୀ ବୃନ୍ଦାବନେଶ୍ୱରୀ ଗୋ । କହ କହ ଗୋ ! ୩ ।
(ଜକୁଣ୍ଠାଗତେ) କାହିଁ ? କେହି ତ ଉତ୍ତର ଦେଲେ ନାହିଁ ।
ହାୟ ! ମାନିନି ! ମାନିନି ! ! ମାନିନି !!!

(ପ୍ରସ୍ଥାନ ଓ ଯବନିକା)

Digitized by srujanika@gmail.com

(ତୁଳସୀ ପ୍ରବେଶ)

ତୁଳସୀ—(ସ୍ୱଗତଃ) ଅହା ! ବୃନ୍ଦାବନଚନ୍ଦ୍ରଙ୍କର ଅଙ୍ଗ ଇଏ କି ଦଶା ?
ହେଉ ତ ବନଦେବୀ ବୃନ୍ଦା ଏଇଅଡ଼େ ଅସୁଛନ୍ତି ।

(ବୃନ୍ଦା ସହ ଶ୍ରୀକୃଷ୍ଣଙ୍କ ପ୍ରବେଶ)

ଶ୍ରୀକୃଷ୍ଣ—(କରୁଣସ୍ୱରେ)

ଗୀତ

ମୋହର କପାଳ ମନ୍ଦ କି କହିବ ବୃନ୍ଦେ ।
ଧନ୍ୟା ଗ୍ଲଉ କ୍ରୀଡାକଲି ଧନ୍ୟା କନ୍ୟାବୃନ୍ଦେ ଗୋ ॥
ପିଣ୍ଡ ଯେବେ କରେ ଗ୍ରେହୀ ପ୍ରାଣ କି ନ ଜାଣେ ।
ଲୁଚ ଦେଖିଲ ମୋ ବନ୍ଧୁ ! ଈର୍ଷାନେତ୍ର କୋଣେ ଗୋ ॥
ଅପରାଧ ଡରେ ମୁହିଁ ପାଶକୁ ନ ଗଲି ।
ବନସ୍ତ୍ରୀ ହୋଇ କୋପ ନିବାରି ନ ପାରିଲି ଗୋ ॥
ହତାଦର କଲି ବୃନ୍ଦେ ପରାଣ-ବନ୍ଧୁରେ ।
ଏହି ଦୋଷୁଁ ଭାସୁଛି ମୁଁ ସନ୍ତାପ-ସିନ୍ଧୁରେ ଗୋ ॥

ବୃନ୍ଦା—(ପ୍ରବୋଧି)

ଗୀତ

ମୁଁ କିସ କରିବ　　　　ଅହେ ଘନଶ୍ୟାମ
ଅପେ ତ ଅର୍ଜିଲ ଏହା ହେ ।
ନିଜ ଦୋଷେ ନିଜେ　　　　ଚନ୍ଦ୍ରା ଫନ୍ଦିରେ ପଡ଼ିଗଲ
ଦେଖିଲ କନକଦେହା ହେ ।

Digitized by srujanika@gmail.com

ଈର୍ଷାବତୀ ମାନଗୀତ ।

ଘୋର ମୁଁ ଭୁଲିବ[?] ପାରବ କି ହେ ? । ୧ ।

କି ଭଲ କି କଲ, ନାଗର ଛଇଳ,
ତାରେ ମହାଦୁଃଖ ଦେଲ ହେ ।
ନଷ୍ଟ ଚନ୍ଦ୍ରାପଣି, ଗୋଷ୍ଠଚନ୍ଦ୍ରମା ମୋ,
ଦୁଷ୍ଟ ଭୃଙ୍ଗ ପରି ହେଲ ହେ ।
କେତେ ହରଷରେ ବନ୍ଧୁ ।
ପଡ଼ିଗଲଟି ଲାବଣ୍ୟ ସିନ୍ଧୁ ହେ ! । ୨ ।
ସେ ରାଜ-ନନ୍ଦନୀ, ମହା ଅଭିମାନୀ,
ଶୁଣିବ କି ମୋ ଦମ୍ଭିନୀ ହେ ।
ଗୁଣି ତଳକ ଜଣିସି[?] ଗୃହଭଣା[?] !
ବସ୍ତ୍ରସ[?] ମୁରଲୀ ପାଣି ହେ ।
ପୁଣି ତା ପ୍ରେମକୁ ଦାଣ୍ଡେ,
ଭୁଣୋ[?] ଭଣି ହେଲଣି ତା ଦଣ୍ଡେ ହେ । ୩ ।

ଶ୍ରୀକୃଷ୍ଣ—(ରାଧାଙ୍କ ହାତ ଧରି)

ଗୀତ

ପଞ୍ଚବାଣ ଭର ସହିଲି ନାଗର
ଧରି କହୁଛି ତୋ କର ଗୋ ।
ଦରଦ୍ରାନିଧି ମୋ କରି-ଗମନାତ
ନରି[?] ନ ଗଲି ପାଶର ଗୋ ।

Digitized by srujanika@gmail.com

ହରଣୀ ନେତ୍ରୀଙ୍କ ପଦେ ।
ପଙ୍କଜର ଦୋଷ ମାଗ ବୃନ୍ଦେ ଗୋ ।। ୧ ।
ତରଳ ହୃଦୟର   ଶୋକ-ସନ୍ତତକୁ
ହର-ମଧ୍ୟମା ତା କର ଗୋ ।
ଜଳଦ ଗରଳ   ନୋହୁଲେ ବନ୍ଧନେ
ଅଚ ହେଲା ପଞ୍ଜରର ଗୋ ।
ଥର ଯାଉଛି ମୋ ଛାତି ।
ଧମନୀରେ ଏକା ସେ ମୋ ଗତି ଗୋ ।। ୨ ।

ବୃନ୍ଦା—(ସ୍ୱଗତଃ) ଅହା ! ଏ ବନ ମଧ୍ୟରେ ସ୍ୱାଙ୍କୁ ମୁଁ କାପର ସାନ୍ତ୍ୱନା ଦେବ ?

(ଅକୂଳରେ ଭାଲହେବା ଅଭିନୟ)

(ଲଳିତା ପ୍ରବେଶ)

ବୃନ୍ଦା—ମୋହନ ! ଦେଖ, ତୁମ୍ଭ ଭାଗ୍ୟକୁ ସଧାର ପ୍ରିୟସଖୀ ଲଳିତା ଅସିଲେଣି ।

ଲଳିତା—(ଅଶ୍ଚର୍ଯ୍ୟରେ) ବୃନ୍ଦେ ! ଇଏ କଅଣ ?
ରସିକ-ଚନ୍ଦ୍ରମାଙ୍କର ଅଜ୍ଜ ଇଏ କି ଦଶା ? ଅହା !
କାସି ନୀଳକାନ୍ତି ପର ତ ଶ୍ରୀଅଙ୍ଗ ଶୋଭାହୀନ ଦଶିଗଲାଣି !
ମୁକୁଳିତ କେଶ ଧୂଳି ଧୂସରିତ,
ମସ୍ତକରୁ ମୟୂର ଚୂଡାଟି ଖସିପଡ଼ିଛି,
ଶ୍ରୀହସ୍ତରେ ମୋହନବଂଶୀଟି ନାହିଁ,

Digitized by srujanika@gmail.com

ଅହା ! ଏ ଅବସ୍ଥା ଦେଖିଲେ କାହା ହୃଦୟ ସହିବ ?
(ଧୂଳି ଝାଡ଼ିଦେଇ) ମୋହନ ! ମୋ ପ୍ରିୟସଖୀଙ୍କ
କାମିନୀ କରିଦେଇ ତାହାଙ୍କ ଏତେ ଦୁଃଖ ସହୁଚ ?
ବୃନ୍ଦାବନଚନ୍ଦ୍ର ! ଉଠ ଉଠ, ସଚେତ ହୁଅ ।

ଶ୍ରୀକୃଷ୍ଣ—(ସଚେତ ହୋଇ ଅଶ୍ରୁପୂର୍ଣ୍ଣ ନୟନରେ କହିଲେ)
ଲଳିତେ ! ରକ୍ଷାକର ।

ଲଳିତା—ରାଧାନାଥ ! ଅଜ ଅକୁଳିତ ହୁଅନାହିଁ ! ସ୍ଥିରହୁଅ ।
ତମର ଏ ଅଧୀରତା ଦେଖି ମୋ ଅନ୍ତର ଜଳିଯାଉଚି ।

ଶ୍ରୀକୃଷ୍ଣ—ଲଳିତେ ! ତମ ପ୍ରିୟସଖୀ ସୁଖରେ ଅଛନ୍ତି ତ ?

ଲଳିତା—ମୋହନ ! ରାଧା ଦୁଃଖ ମୁଁ କଅଣ କହିବି ? ତୁମ୍ଭ ବିରହରେ ସେ ଅଳକା ସୁକୁମାରୀଟି ଯାହା ହେଲାଣି, ଶୁଣ—

ଗୀତ

ଅହେ ବଂଶୀଧାରୀ　　　　ସ୍ନେହେ ଗଲ ସରି
ତୁମ୍ଭ ନବୀନା କିଶୋରୀ । ଘୋଷା ।
ବଞ୍ଚିବାରେ ତାର　　　　ପାଞ୍ଚ ଉପାୟଙ୍କୁ
କଞ୍ଚିତରେ ଶାନ୍ତ ନ ପାରିଲ କର
(ପଡ଼) ଝର ଝର ନୟନ　　　　ନୀର ବହେ ପୂତନ୍
କର କବେଣି ଗଣ୍ଡେ,　　　　ବରସ ଦନ୍ତ ଦନ୍

Digitized by srujanika@gmail.com

ପର ହୋଇ ଶାଣିତ— ଶର ମାରେ ଅତନୁ
କା ଗତ ଅଷ୍ଟ ଗଜ— ଗଢର ତବ ତନୁ

ଅହେ ବଂଶୀଧାରୀ । ୧ ।

ଭାବ ମଣି ଜର ହାର କଲ ଦୂର,
ନ ବାନ୍ଧ ଅଙ୍ଗେ ବସନ;
ସାରସାକ୍ଷୀ ମାନ ଗାର ନବଳରେ,
ବାରମ୍ବାର ଝିତରେ କାଟେ ମୋହନ

(ପ...) ଝର ଝର ନୟନ୍ ନୀର ବହେ ମୁଞନ୍
କର ନବେଶି ଚନ୍ଦ୍ରେ, ବରସ ଧନୁ ଧନୁ
ପର ହୋଇ ଶାଣିତ— ଶର ମାରେ ଅତନୁ
କା ଗତ ଅଷ୍ଟ ଗଜ— ଗଢର ତବ ତନୁ

ଅହେ ବଂଶୀଧାରୀ । ୨ ।

ଶ୍ରୀକୃଷ୍ଣ—(ଅକୁଳିତ ଭାବେ) ଲଳିତେ ! କଅଣ କହୁଚ ?
ପ୍ରାଣେଶ୍ୱରୀ ମୋର ଏପରି ଦଶା ଭୋଗୁଚ ?
ଅହା ! ସଖି ! ଏବେ ଯାଅ, ଈର୍ଷାବତୀ କଶୋରୀଙ୍କ
ମୋ ଦୁଃଖ ନିବେଦନ କରି ଏହି କୁଞ୍ଜକୁ ଆଣ ।

Digitized by srujanika@gmail.com

ଗୀତ

ଯାଅ ଯାଅ ଗୋ ଲଳିତେ !

ମୋର ବନମାଳୀକୁ ଘେନ ଗତେ ଗୋ । ଘୋଷା ।

ସନ୍ତାପ ଅନଳ ଜଳୁଛି ପ୍ରବଳ

ଚଳି ନ ପାରୁଛି ପଦେ ଗୋ,

ଧନୀ ପାଶେ ଯାଇଁ, ମୋ ଦୁଃଖ ଜଣାଅ

ଭାସୁଛି ବହ୍ନିର-ନଦେ ଗୋ ।

ମାଗୁଅଛି କରଧର ।

ଅଣିଦଅ ମୋ ପ୍ରାଣ-ଈଶ୍ୱରୀ ଗୋ । ୧ ।

ଭାବଅଛି ମୁହିଁ ଯେତେ ଅପରାଧ

ସେ କିନା କରିବ କ୍ଷମା ଗୋ ।

କ୍ଷମା-ନିଧାନୀ ମୋ ପରମ ଦୟାଳୁ

ଶରଣ-ବତ୍ସଳ-ବାନା ଗୋ ।

କ୍ଷମା କରିଇ ମୋ ଦୋଷ ।

ବେଗେ ଏହି କୁଞ୍ଜେ ଘେନି ଅସ ଗୋ । ୨ ।

ଲଳିତା—ମୋହନ ! ତେତେବେ ମୁଁ ଯାଉଛି, ମୋ ପ୍ରିୟସଖୀ କଣୋରୀକ ଅଭିସାରଣୀ କରାଇବ । (ପ୍ରସ୍ଥାନ)

ବୃନ୍ଦା—ଗୋକୁଳଚନ୍ଦ୍ରମା ! ଅସ, ଏ ଧୀର ସମୀରରେ ଟିକଏ ବୁଲି ମନ ପ୍ରାଣ ଶୀତଳ କରିବା ।

ଶ୍ରୀକୃଷ୍ଣ—(ଅବଶ ହୋଇ ବୃନ୍ଦାଙ୍କ ସହ ଯାଉ ଯାଉ ଭାବାବେଶେ)

Digitized by srujanika@gmail.com

ଗୀତ

କାନନେ ରାଧା ଭବନେ ରାଧା ଗଗନେ ରାଧା ।
ଭୋଜନେ ରାଧା ଶୟନେ ରାଧା ସ୍ୱପନେ ରାଧା ।
ଗାୟନେ ରାଧା ବାୟନେ ରାଧା ଧ୍ୟାୟନେ ରାଧା ।
ଗଗନେ ରାଧା ପବନେ ରାଧା ବନ୍ଦନେ ରାଧା ।
ନୟନେ ରାଧା ଭଜନେ ରାଧା ପୂଜନେ ରାଧା ।
ଅର୍ଚ୍ଚନେ ରାଧା ବନ୍ଦନେ ରାଧା ସ୍ମରଣେ ରାଧା ।
ଶ୍ରବଣେ ରାଧା କୀର୍ତ୍ତନେ ରାଧା ସେବନେ ରାଧା ।
ଜୀବନେ ରାଧା ମରଣେ ରାଧା ତାରଣେ ରାଧା ।

(ଗାଇ ଗାଇ ବୃନ୍ଦାଙ୍କସହ ପ୍ରସ୍ଥାନ)

ଦ୍ୱିତୀୟ ଅଙ୍କ

ତୃତୀୟ ଦୃଶ୍ୟ

ଶ୍ରୀରାଧାଙ୍କ ଶୟନ ମନ୍ଦିର

(ଶ୍ରୀରାଧା, ବିଶାଖା, ଚିତ୍ରା, ଚମ୍ପକଲତା, ଇନ୍ଦୁରେଖା, ତୁଙ୍ଗବିଦ୍ୟା, ସୁଦେବୀ, ରଙ୍ଗଦେବୀ ବସିଥିବା)

ଶ୍ରୀରାଧା—ସଖି ଏ ଗୋ ! କି ଉପାୟ କରିବି ?
ଜୀବନବଲ୍ଲଭଙ୍କ ଶୁଭ ସମ୍ବାଦ ନେଇ ଲଳିତା ତ ଏ ପର୍ଯ୍ୟନ୍ତ ଆସିଲେ ନାହିଁ ।

Digitized by srujanika@gmail.com

ଶୋଭା—ରାଧେ ! କଥା ଅଛୁ, ବଳମ୍ୱେ କାର୍ଯ୍ୟସିଦ୍ଧି ।
ବୋଧ ହେଉଛୁ ଲଳିତା ସର୍ବ ଶୁଭରେ ଆସୁଛନ୍ତି ।

ଶ୍ରୀରାଧା—ସଖି ! ସତେ ଏ ଅଭାଗିନୀର ଦଶା ଫେରବ ?

ଶୋଭା—ରାଧେ ! ନିଶ୍ଚେ ଚନ୍ଦ୍ରାମଣି ଏ ଚନ୍ଦ୍ରା ହବବେ । କେତେ ମନ-
ଦୁଃଖ କର ନାହିଁ, ଏ ବୃଥା ଭାବନା ଛାଡ ।

ଗୀତ

ନ କର ଭାବନା ରାଧେ ! ନ କର ଭାବନା ।
(ଡ୍ରମ୍ପ) ପ୍ରାଣବନ୍ଧୁ ନୋହିବେ କ ସେ କାଳିଆ ସୁନା ଗୋ ॥
ଆସିବେ ଏକ୍ଷଣି ରାଧେ ! ଲଳିତା ସଙ୍ଗିନୀ ।
ଝୁମ୍ପୁ ଝୁମ୍ପୁ ଶୁଭୁଚ ଏ କା' ନୂପୁର ଧ୍ୱନି ଗୋ ॥
ଶୁଣ ଗୋ ଶୁଣ ଗୋ ରାଇ-ବିନୋଦିନୀ ଧନି !
ଗୁଣମଣି ପାଶୁଁ ଟି ଲଳିତା ଫେରିଲେଣି ଗୋ !

ଲଳିତା—(ଗୀତ ଗାଇ ଗାଇ ପ୍ରବେଶ ହେଲେ)

ଗୀତ

କ ଦେଖିଲି ମା ! ସରଯିବେ ବ୍ରଜରସିକ ଚନ୍ଦ୍ରମା ।
(ଘୋଷା)
ଖଞ୍ଜନଜା ନବ   ତମାଳ ପଞ୍ଜ ନ
ଗେଉଦକବଅଛୁ ଶ୍ରୀଅଙ୍ଗ ସୁଷମା । ୧ ।

Digitized by srujanika@gmail.com

ଅହା କି ବଳରେ, ଗଢ଼ିଥିଲେ ଛଳେ
ରଖ ରଖ ବୋଲି ବୃଷଭାନୁଜେମା । ୨ ।
ନୀପକୁଞ୍ଜେ ପ୍ରାଣ, ଗ୍ଲହ୍ୱରେ ଗୋ ଜାଣ
ନିଶ୍ଚୟ ଯଶୋଦା ନନ୍ଦନ ପ୍ରତିମା । ୩ ।

ରାଧେ ! ବୃନ୍ଦାବନଚନ୍ଦ୍ର ଅପଣା ଶ୍ରୀ ହସ୍ତରେ କୁସୁମଶଯ୍ୟା ରଚନା କରି ସଚକିତ ନୟନରେ ତମ ଅଭିସାର ପଥକୁ ଅନୁସରୁଛନ୍ତି । ଧନି ! ଶଳମ୍ବ ନ କରି ନୀଳ ବେଶଭୂଷା ହୋଇ କୁଞ୍ଜକୁ ଅଭିସାର କର, ନ ହେଲେ ନୀଳ ମୂରତି ସରିଯିବେ ।

ରାଧା—(ଧନ ଧନ ନେନେ ସଖିଙ୍କି ଗୁହିଁ) ଲଳିତେ ! ଅହା ! ମୋ ପ୍ରାଣବନ୍ଧୁ ଏତେ ଦୁଃଖ ସହୁଛନ୍ତି ? ହାୟ, ହାୟ, ସ... ମୁଁ କୁଞ୍ଜକୁ ଯିବି ।

ଶଶାଖା—ରାଧେ ! ତେବେ ନୀଳ ବେଶଭୂଷା ହେବ ଆସ ।

ସଖିଗଣ—

ଗୀତ

ନୀଳଶାଢ଼ୀ ପିନ୍ଧ ମୋର ରାଈ ବନୋଦନୀ
ଶ୍ରୀଅଙ୍ଗେ କସ୍ତୁରୀ ଲେପ ଗୋବିନ୍ଦ ମୋହିନୀ ।
ମର୍କତ ବଳୟ ଭୁଜେ ପିନ୍ଧ କମଳିନୀ ।
ହୃଦୟରେ ଶୋଭା ପାଉ ହାର ନୀଳମଣି । ୨ ।

Digitized by srujanika@gmail.com

ଶ୍ରୀପଦେ ନୂପୁର ଗଞ୍ଜ କଟିରେ କଙ୍କିଣୀ ।
କଣି କଣି ନାଦ ଶୁଣି କୃଷ୍ଣ ହେବେ କାଣି ।
ଅଭିସାରଣୀ ଗୋ ! (କଣୋଗ୍ରମଣି)
ବୃନ୍ଦାବନ ବିହାରଣୀ, ଅଭିସାରଣୀ ଗୋ । ୩ ।

(ହାତ ଧରାଧରି ହୋଇ ସମସ୍ତଙ୍କ ପ୍ରସ୍ଥାନ)

ପୌର୍ଣ୍ଣମାସୀଙ୍କ ପ୍ରବେଶ

ପୌର୍ଣ୍ଣମାସୀ—(ସ୍ୱଗତଃ) ଅଜ୍ଞ ମହା ପ୍ରେମମୟୀର ମହା ଆନନ୍ଦରେ ମହା ଦୁଃଖ ଉପସ୍ଥିତ ହେବ । ଈର୍ଷାମାନ, ବିରହମାନ ପରେ ଦୁର୍ଜ୍ଜୟମାନ ଯାହା କି ସହଜରେ ତୁଟିବ ନାହିଁ । ଏ ଭଳି ମହା ମାନରେ ବୃଷଭାନୁ ଜେମା ସୁକୁମାରୀ ଶ୍ରୀରାଧା ଯେ କେତେ ଦୁଃଖ ସହିବେ, ଅଜ ସୁକୁମାର ମୂରତି ନୀଳ ତନୁଟି ଯେ କେତେ କଷଣ ଭୋଗିବେ, ତାହା କିଏ କହି ପାରିବ ? ଯାହା ହେଉ, ପ୍ରେମର ବିଚ୍ଛେଦ ନ ହେଲେ ମିଳନ ସୁଖ ଉପଲବ୍ଧି ହୁଏ ନାହିଁ । ଏଣୁ ଏ ରହସ୍ୟ ହିଁ ମୋହର ଭାବନା । ଏବେ ଯାଉଛି, ଚନ୍ଦ୍ରାବଳୀ କୁଞ୍ଜେ,ଶ୍ରୀକୃଷ୍ଣଙ୍କ ମିଳନ କରାଇ,ରାଧାର ବାସକ ସଜ୍ଜା ଖଣ୍ଡିତା ପ୍ରଭୃତି ଅଷ୍ଟନାୟିକାଙ୍କ ଭାବ ଜଣାଇବ ।

(ପ୍ରସ୍ଥାନ)

Digitized by srujanika@gmail.com

ଦ୍ୱିତୀୟ ଅଙ୍କ

ଚତୁର୍ଥ ଦୃଶ୍ୟ

ବେଶଗୃହ

(ସଖୀଗଣ ବେଢ଼ି ଶ୍ରୀରାଧାଙ୍କୁ ବେଶ କରାଇବା ଅଭିନୟ)

ସଖୀଗଣ—

ଗୀତ

ସାଜ ଗୋ ! ବେଶ ସାଜ ଗୋ (ସଖି) !
ମୋହନଙ୍କ ସଙ୍ଗେ ବିଳସିବ ପରା ?
କମ୍ପା ହୁଅ ଲାଜ ଲାଜ ଗୋ । ଘୋଷା ।

ରହିଥିବେ ବନ୍ଧୁ ନିକୁଞ୍ଜ ଦୁଆରେ,
ମଣ୍ଡିବା ଶ୍ରୀଅଙ୍ଗ ଚନ୍ଦନ ଚୂଆରେ ।
ପ୍ରେମଭୋଳେ ଭୋଳେ ନେବେ ପ୍ରେମ କୋଳେ
ଗୃହେଁ ସେ ମୋହନରାଜ ଗୋ । ୧ ।

(ସମସ୍ତେ ଗୀତ ଗାଇ ଗାଇ ବେଶ କରୁଥିବା ଅଭିନୟ)

ଲଳିତା—(ଶ୍ରୀରାଧାଙ୍କ ଚିବୁକରେ ଭ୍ରମରକା ବନ୍ଦ୍ ଦେଇ କହିଲେ)
ରାଧେ ! ଏ ବେଶକୁ ଦେଖି ଆଜ ମଦନମୋହନ ମୋହିତ ହୋଇଯିବେ ।

Digitized by srujanika@gmail.com

ଶଶୀଙ୍କୀ—ତା ନୋହୁଥିଲେ ରାଧା ଅମର ମୋହନ-ମନ-ମୋହନୀ
ନାମ ବହୁ ଥାଆନ୍ତେ କି ?

(ଗୀତ ଗାଇ ଗାଇ ବୃନ୍ଦାଙ୍କ ପ୍ରବେଶ)

ଗୀତ

(ରାଧେ) ହୋଇଥାଅ ବେଶ କୁଞ୍ଜକୁ ଯିବ ପରା ।
ଦେଇଛନ୍ତି ସଙ୍କେତ ସେ ମୁରଲୀଧରା ଗୋ । (ଘୋଷା)
ବାମ ଚମରକୁ ଜିଣି— ବାର କୁନ୍ତଳର ବେଣୀ,
ଯତନେ ସଜାଡ଼ି ଖଞ୍ଜି କେତକୀ ଝରା ଗୋ । ୧ ।
ଜଉଜ ଯୁଗଳେ ଚନ୍ଦ, ଲେଖି ମୃଗମଦ ଫନ୍ଦ,
ହୃଦରେ ଲମ୍ବାଅ ସ୍ଥୂଳ ମୁକୁତା ହାରା ଗୋ । ୨ ।

(ଗୀତ ଗାଇ ଗାଇ ରାଧାଙ୍କ ଗଳାରେ ହାର ଦେଇ
କେତକୀ ପୁଷ୍ପ ଝରାଟି ମସ୍ତକରେ ଖୋସିଦେଲେ)

ଲଳିତା—ରାଧେ ! ବୃନ୍ଦାଙ୍କଠାରୁ ତ ସଙ୍କେତ ପାଇଲ, ଏଥର
ଅଭିସାର କର ।

ଶ୍ରୀରାଧା—ହଁ, ଚାଲ ସଖି !

ଶଶୀଙ୍କୀ—ଚାଲ ଗୋ, ଚାଲ ।

ସଖୀଗଣ—(ଆନନ୍ଦମନେ)

ଗୀତ

ଚାଲ ଚାଲ ଚାଲ କୁଞ୍ଜେ କୁଞ୍ଜରଗାମିନୀ !
ଚାହିଁଥିବେ ପଥ ଚଉରେଶ୍ୱର ନୀଳମଣି । ଘୋଷା ।

Digitized by srujanika@gmail.com

ବାଜୁ କିଣି କିଣି କଟି କିଙ୍କିଣୀ-ଲଳିତେ ।
ଧର ଗୋ ତାମ୍ବୂଳବଟା ସଙ୍ଗିନୀ ଲଳିତେ ! । ୧ ।
କର୍ପୂର ଗନ୍ଧ ଚନ୍ଦନ ଧର ଗୋ ବିଶାଖେ !
ଚାଳ ଗୋ କୃଷ୍ଣ ଚାମର ଚମ୍ପକଲତିକେ ! । ୨ ।
ନୀଳ ପୀତ ବାସ ଧର ଚିତ୍ରା ବିଚକ୍ଷଣା !
ବଜାଅ ଗୋ ତୁଙ୍ଗଭଦ୍ରା ମୃଦୁ ମୃଦୁ ବୀଣା । ୩ ।
ଆରମ୍ଭ ଗୋ ନୃତ୍ୟଗୀତ ଅଗୋ ଇନ୍ଦୁରେଖା !
ସୁବାସିତ ଜଳ ଝରି ଧର ସୁଦେବୀକା ! । ୪ ।
ରାଗ ରାଗିଣୀ ଉଚ୍ଚାର ଅଗୋ ରଙ୍ଗଦେବୀ !
ମିଳନ ହୋଇବେ କୁଞ୍ଜେ ବଲ୍ଲଭ ବଲ୍ଲଭୀ । ୫ ।

(ସଖୀଗଣ ଗୀତ ଗାଇ ଗାଇ ପ୍ରସ୍ଥାନ)

ପଟ୍ଟ ପରିବର୍ତ୍ତନ

ଦ୍ୱିତୀୟ ଅଙ୍କ

ପଞ୍ଚମ ଦୃଶ୍ୟ

କୁସୁମିତ ବନପଥ

(ଅଭିସାରିଣୀ ଶ୍ରୀରାଧାଙ୍କ ସହ ସଖୀଗଣ ପ୍ରବେଶ)

ଗୀତ

ଭାନୁ ନୃପତି କୁମାରୀ !
କୁଞ୍ଜବନେ ହୁଅ ଅଭିସାରୀ ଗୋ ! ଘୋଷା ।

Digitized by srujanika@gmail.com

ଜୟ ଶ୍ରୀ ରାଧିକେ,　　　　　　ଜୟ ଗୋବର୍ଦ୍ଧିକେ,
ଅଜନମ ସୁକୁମାରୀ ଗୋ !
କୃଷ୍ଣ ପ୍ରାଣାଧିକେ,　　　　　　ପ୍ରେମ ଅମ୍ବୁଧିକେ,
ଶ୍ରୀ ବୃନ୍ଦାବନ ଈଶ୍ୱରୀ ଗୋ !
ଭାନୁ ନୃପତି କୁମାରୀ ।। ୧ ।

(ସଖିମାନେ ଯେ ଯାହା ସେବା ଖଟଣୀରେ ଥିବା ଓ ଶ୍ରୀରାଧାଙ୍କ ପଦତଳେ ମଣାଇ ପ୍ରସ୍ଥାନ)

ପଟ୍ଟ ପରିବର୍ତ୍ତନ

ଦ୍ୱିତୀୟ ଅଙ୍କ

ଷଷ୍ଠ ଦୃଶ୍ୟ

ନିଭୃତ ନିକୁଞ୍ଜ

ଶ୍ରୀକୃଷ୍ଣ—(ଭାବାବେଶେ ଦଣ୍ଡାୟମାନ)

ଗୀତ

ଅହା ପରାଣ ଈଶ୍ୱରୀ !
ସାହା ମୋର ନବୀନ କିଶୋରୀଟି । ଘୋଷା ।
ତୋ ଅସିବା ପଥ　　　　　　ଅନୁସରି ମୁଁ ତ,
ହୋଇଲିଣି ଏତେ ସରି ଗୋ ।
ଭଣା ଜନଠାରେ,　　　　　　ଈର୍ଷାବତୀ ହେଲେ,
ସୁନ୍ଦରୀ କି କହିବାଧରୀ ଗୋ । ୧ ।

Digitized by srujanika@gmail.com

(ସ୍ୱଗତଃ) ରାଧେ ! ଦୟା କର ଦର୍ଶନ ଦଅ ।

[ନେପଥ୍ୟେ ନୂପୁର ଧ୍ୱନି]

ଶ୍ରୀକୃଷ୍ଣ—ଅହା ! ଇଏ କା ନୂପୁର ଧ୍ୱନି ?
କଣୋସ୍ୱ ମୋର ଅସୁନ୍ଥ କି ?

(ଚନ୍ଦ୍ରାବଳୀ, ଶୈବ୍ୟା, ପଦ୍ମା ପ୍ରବେଶ)

ଶ୍ରୀକୃଷ୍ଣ—(ନିକଟକୁ ପାଖେଇଟି ଯାଇ କହୁଲେ) ପ୍ରିୟେ ! ଏ ଦୀନ-ଜନରେ ଏତେ ଅଭିମାନ କାହିଁକି ? ରାଧେ ! ତମ ପ୍ରାଣରେ ମୁଁ କେତେ କଷ୍ଟ ଦେଇଛି, ତା ସବୁ ଭୁଲି ନ ଭାବ ଦରହସିତ ବଦନେ କରୁଣା କଟାକ୍ଷରେ ମୋତେ ଚାହଁ, ସଖି ! (ଏହା କହି ଆଲିଙ୍ଗନ କଲେ)

ପଦ୍ମା—ସଖି ଶୈବ୍ୟେ ! ଏ ନାଗର ରାଧା ଭାବରେ ଆବେଶ ହୋଇ-ଥିବାରୁ ଆମ ପ୍ରିୟସଖି ଚନ୍ଦ୍ରାବଳୀଙ୍କି ରାଧା ବୋଲି ମନେ କରିଛନ୍ତି ।

ଶ୍ରୀକୃଷ୍ଣ—(ଚମକି ପଡ଼ି କାତର ଭାବେ ରହିଗଲେ)

ପଦ୍ମା—ଲମ୍ପଟ ! ଅଜ କାତର ହେଲେ କଣ ହେବ ? ଏତେ ଦିନକେ ଧରା ପଡ଼ିଚ, ଅଜ ସହଜରେ ଛାଡ଼ିବୁ ନାହିଁ ।

ଗୀତ

ଏତେ ଦିନକେ ପଡ଼ିଚ ଧରା ଛାଡ଼ି ନ ଦେବୁ ନାଗର !
କେଉଁଠିକି ଯିବ ଯାଅ ତ ଭଲ ଲମ୍ପଟ ରସସାଗର । ଘୋଷା ।

Digitized by srujanika@gmail.com

ତୁମ୍ଭର ଦେଖା ଅମ୍ଭ ସଜନୀ ଢାଳି ବସନ୍ତ ଢାଗର ।
ରଙ୍ଗଣୀ କୁଞ୍ଜେ ଅସ ହେ ଏବେ ଜଣୀ ହେବ ଜଳାଗର ।

ଚନ୍ଦ୍ରାବଳୀ—(ବନସ୍ଥରେ)

ଗୀତ

ଅସ ପ୍ରାଣେଶ୍ୱର　　　　ଏ ଅଭାଗିନୀର,
ହୃଦୟ-ଗଗନ-ଇନ୍ଦୁ ହେ ।
ଅକାଳୁ କଙ୍କଣ,　　　　ପଦ ସେବାକାରୀ,
ଯୋଗ୍ୟା ନୁହେ ରସସିନ୍ଧୁ ହେ ।
ଅହେ ରସିକଶେଖର !
ଅନାଥିନୀ କୁଞ୍ଜେ ଶଜେଶ୍ୱର ହେ । ୧ ।

(ଶ୍ରୀକୃଷ୍ଣଙ୍କ ଦେଖା ପ୍ରସ୍ଥାନ)

(ସଖିମାନଙ୍କ ସହ ଶ୍ରୀରାଧାଙ୍କ ପ୍ରବେଶ)

ସଖୀଗଣ—(ଅନନ୍ଦମନେ)

ଗୀତ

ଜୟ ଜୟ ଶ୍ରୀରାଧିକେ !
ବୃଷଭାନୁ ସୁତା ଗାନ୍ଧର୍ବିକେ ଗୋ । ଘୋଷା ।
କୃଷ୍ଣ ବେଶଧାରୀ,　　　　କୃଷ୍ଣ ଅଭିସାରୀ,
ଜୟ କୃଷ୍ଣ ପ୍ରାଣାଧିକେ ଗୋ ।
ବୃନ୍ଦାବନେଶ୍ୱରୀ,　　　　ନବୀନ କିଶୋରୀ,
ଶ୍ୟାମ ପ୍ରେମ ଅରାଧିକେ ଗୋ । ୧ ।

Digitized by srujanika@gmail.com

ଶ୍ରୀରାଧା – (କୁଞ୍ଜଶୂନ୍ୟ ଦେଖି) ସଖି ! ଏଇ ତ ନିଭୃତ ନିକୁଞ୍ଜ, କାହାନ୍ତି ? କୃଷ୍ଣ କାହାନ୍ତି ? (ଲଳିତାଙ୍କ ପ୍ରତି) ଲଳିତେ ! ପ୍ରାଣବନ୍ଧୁ ମୋର କାହାନ୍ତି ? ମୋତେ ଦେଖାଅ, ସଖି !

ଗୀତ

ଦେଖାଅ ଲଳିତେ ! ତାଙ୍କ ମୁଖ ସୁଧାଇନ୍ଦୁ ଗୋ !
କାହାନ୍ତି ମୋ ମଦନ ମୋହନ ପ୍ରାଣବନ୍ଧୁ ଗୋ ?
ଦେଖାଅ ଗୋ ଲଳିତେ !
ଚିତ୍ତଚୋରଙ୍କର ମୁଖ ମାଧୁରୀ (ଦେଖାଅ)
(ସେହି) ଲଳିତ ନାଚୁଥା ଦୃଷ୍ଟିକି (ଦେଖାଅ) । ୧ ।
ନିକୁଞ୍ଜ ମନ୍ଦିର ପ୍ରତି ପ୍ରତିକରି ଖୋଜ ଗୋ ।
କେଉଁଣେ ଗଲେ ସଜନୀ ! ମୋ ବ୍ରଜ ଯୁବରାଜ ଗୋ ।
(ଦେଖାଅ ଗୋ ଲଳିତେ)
ଛଦା ଚରଣଙ୍କ ରୂପ ମାଧୁରୀ (ଦେଖାଅ)
ଦେଖାଅ ଗୋ ଲଳିତେ । ୨ ।

ଲଳିତା—ରାଧେ ! କାତର ହୁଅନା, ଧୈର୍ଯ୍ୟଧର, ତୋ ନୟନ-ସମ୍ପତ୍ତିକି ଅମ୍ଭେମାନେ ଖୋଜି ଆଣି ଦେବୁଁ ।

ବିଶାଖା—ସଖି ! ମୁଁ ଜାଣି ପାରୁଛି ହଟିଆ ମୋହନ ହଟକରି ଏଇ କୁଞ୍ଜରେ କେଉଁଠେଇଁ ଲୁଚି ରହିଛନ୍ତି, ତାଙ୍କୁ ଖୋଜିବା ।

Digitized by srujanika@gmail.com

ଗୀତ

ତାଙ୍କୁ ଖୋଜିବା (ଖୋଳବା)

ଏବେ କୁଞ୍ଜେ ଲୁଚିଥିବେ ଅବା (ତାଙ୍କୁ ଖୋଜିବା) । ଘୋଷା ।

ମନ ଊଣା ନ କର ଗୋ ଜୀବନର ଧନ !

ନିଶ୍ଚେ ତୋର ପ୍ରାଣବନ୍ଧୁ ଦେବେ ଦରଶନ ॥

ଅଗୋ ଚନ୍ଦ୍ରବଦନା !

ସୁଖବେଳେ ନୁହ ବିରସମନା ଗୋ ।

ଚନ୍ଦ୍ରବଦନା !

ବେଳେ ପରିହାସ ଜାଣନ୍ତି କାହ୍ନା ଗୋ । ୧ ।

ରାଧେ ! ଅଧୀର ନ ହୋଇ ଏହିଠାରେ ଥାଅ, ମୁଁ ଏଇକ୍ଷଣି ସେ ଲମ୍ପଟିଅଙ୍କୁ ଖୋଜି ଆଣୁଛି । (ପ୍ରସ୍ଥାନ)

ଶୋଭା—ସଖି ! ଲଳିତା କୃଷ୍ଣଙ୍କୁ ଖୋଜି ଆଣୁ ଆଣୁ ଆସ କୁଞ୍ଜ ମଣ୍ଡିବା ।

ଗୀତ

କର ଗୋ କୁଞ୍ଜ ମଣ୍ଡନ ।

ବିଳସିବେ ରାଧା ବଂଶୀବଦନ ଗୋ !

ଦେଖି ତୋଷ ହେବ ଅମ୍ଭ ମନ, ସଜନୀ ଗୋ । ୧ ।

ଆଣ ଗୋ ଫୁଲ ଗୁଛିଅ ।

ଜଳାଅ ରତନ ଚନ୍ଦ୍ରୋଦୟ ଗୋ ।

ଗୋଳ ଚନ୍ଦନ କର୍ପୂର ଚୂଅ, ସଜନୀ ଗୋ । ୨ ।

Digitized by srujanika@gmail.com

ଫୁଲର ଝାଲର ଆଣ ।
ଧାଡ଼ି ଧାଡ଼ି ବାନ୍ଧ ଫୁଲ ତୋରଣ ଗୋ ।
ଫୁଲେ ନିକୁଞ୍ଜ କର ନିର୍ମାଣ, ସଜନୀ ଗୋ । ୩ ।
ଫୁଲେ ଥାଉ ଚାମର ।
ଫୁଲେ ଖଟଦୋଳି ତିଆରି କର ଗୋ ।
ଫୁଲେ ଶେଯ ମୃଦୁଳ ତିଆରି, ସଜନୀ ଗୋ । ୪ ।
ଭୃଙ୍ଗି ରଖ ଗୋ ତାମ୍ବୁଳ ।
ଯତ୍ନ କରି ରଖ ସୁବାସ ଜଳ ଗୋ ।
ଗୁନ୍ଥି ରଖ ନାନା ଫୁଲମାଳ, ସଜନୀ ଗୋ । ୫ ।

ଶୋଭା—ସଖି ! ଏଇ ଫୁଲ ଖଟରେ ବସ । ଆଜ ପରା ପ୍ରାଣନାଥଙ୍କ ସଙ୍ଗେ ବିଳସିବ ? ଆଜ ମନ ମାରି ଦେଇ ବସୁଚ କାହିଁକି ମ ?

ଶ୍ରୀରାଧା—(ଫୁଲ ଶେଯରେ ବସି ଆନନ୍ଦ ମନେ)

ଗୀତ

ସଖି ଗୋ ! ମୋର କୁଞ୍ଜକୁ ଆଜ ।
ଆସିବେ ପରା ସେ ନାଗରରାଜ ଗୋ । ଘୋଷା ।
ଆଜ ତ ଏ ମୋର କେଳି ମନ୍ଦିର ।
ଦିଶୁଅଛି ସଖି କେଡ଼େ ସୁନ୍ଦର ଗୋ । ୧ ।
ଗୁନ୍ଥି ରଖିଛ ଏ କୁସୁମ ମଲ୍ଲୀ ।
ମୋ ମନମୋହନ ପିନ୍ଧିବେ ବୋଲି ଗୋ । ୨ ।

Digitized by srujanika@gmail.com

ଗୋଲ ରଖିଛି ଏ ଚନ୍ଦନ ଚୂଆ ।
ଲାଗି ହେବେ ମୋ ସ୍ତନରେ ବନ୍ଧୁଆ ଗୋ । ୩ ।
ଗୁଆ ରଖିଛି ଏ ଖଇଆ ପାନ ।
ଭୁଞ୍ଜିବେ ବୋଲି ମୋ ନୟନ ଧନ ଗୋ । ୪ ।
ତୋତେ କି ଦଶୁଅଛୁ ସଖି, କହ ?

ଶାଖା—ଆସିବେ ଗୋ ରାଧେ ନାହିଁ ସନ୍ଦେହ ଗୋ । ୫ ।
(ଏହାପରେ ପ୍ରତି ସଖୀକି ପଚାରିବା ଓ ସଖୀମାନେ 'ଆସିବେ ଗୋ' ବୋଲି କହୁଥିବା ଅଭିନୟ)

ଶ୍ରୀରାଧା—(ବୃକ୍ଷରୁ ଝଡ଼ିବା ପତ୍ର ଶୁଣି କହିଲେ) ସଖି ! ଏଇ ଶୁଣ, ମୋ ହୃଦୟ ନିଧିଙ୍କ ପଦ ଶବଦ ।

ଶାଖା—ନା, ଗୋ ରାଧେ ! ବୃକ୍ଷ ଲତାମାନଙ୍କରୁ ଶୁଖିଲା ପତ୍ର ଝଡ଼ିବାରୁ ଏପରି ଶୁଣା ଯାଉଛି ।

ଶ୍ରୀରାଧା—ସଖି ! ଏଇ ଶୁଣ, ମୋ ପ୍ରାଣନାଥଙ୍କ ନୂପୁରଧ୍ୱନି ।

ଲଳିତା—ନା, ଗୋ ରାଧେ ! ଏ ଝିଙ୍କାରି ସ୍ୱନ ।

ଶ୍ରୀରାଧା—(ଅଧର କୁଞ୍ଚିତ କରି ନବଘନକୁ ଚାହିଁ) ସଖି ! ଏଇ ଦେଖ, ରଙ୍କନିଧି ମୋର ଅସୁଛନ୍ତି ।

ଚମ୍ପକଲତା—ରାଧେ ! କଳାମେଘକୁ ଦେଖି ଭ୍ରମ ହୋଇ ଯାଉଛି କିଆଁ ପ ?

ଶ୍ରୀରାଧା—ତେବେ କଣ ପ୍ରାଣବନ୍ଧୁ ମୋର ଆସିବେ ନାହିଁ ? ସଖି ଏ ଗୋ ! ମୁଁ ବୁଝି ପାରୁଛି, ପ୍ରାଣବଲ୍ଲଭଙ୍କୁ ମୋର କେଉଁ କପଟ ପ୍ରେମରେ ବାନ୍ଧି ରଖିଛି । ନ ହେଲେ ସେ ଛାଡ଼ିବା ଘଟନ୍ତା ?

Digitized by srujanika@gmail.com

ଗୀତ

ଏ ରଜନୀ । ଶ୍ୟାମବନ୍ଧୁଙ୍କୁ ମୋ,
କୃଷ୍ଣଚନ୍ଦ୍ରଙ୍କୁ ରଖିଲ୍ଲ କେ ସଜନୀ । ଘୋଷା ।
ମୁଁ ଦୁଃଖୀ ହୋଇଲି ଅଭାଗିନୀ ।
କୃଷ୍ଣ ନଇଲେ ମୋ କୁଞ୍ଜେ ପୁଣି ।
ନାନାକାନ୍ତ ପୁଷ୍ପ   ଶେଯ ସଜାଇଲି,
କା' ପୁରେ ରହିଲେ ବେଣୁପାଣି ! ୧ ।
ଅମଳାଣ ବସ୍ତ୍ର କୁଞ୍ଜଦ୍ୱାର,
ନାନା ପୁଷ୍ପମାଳ ଗୁନ୍ଥାଇଲି ।
ଏ ସର୍ବ ପଦାର୍ଥ   ହୋଇଲା ବ୍ୟର୍ଥ,
ନ ଅସିଲେ ମୋର ନୀଳମଣି । ୨ ।
ତାମ୍ବୂଳ ପୂଗ ଅଳାଇଚରେ
ସଜାଡ଼ି ରଖିଲି ଏ ପାତ୍ରରେ ।
ଚୂଆ ଚନ୍ଦନ   କର୍ପୂର ଗୋଳାଥିଲି,
ବୋଳାଆନ୍ତି ଶ୍ୟାମ ଅଙ୍ଗେ ପୁଣି । ୩ ।

ଲଳିତା—ରାଧେ ! ଏପରି ଉତ୍କଣ୍ଠିତା ହୁଅ ନାହିଁ; ଲଳିତାସଖୀ ଅସିବା ଯାଏ ଧୈର୍ଯ୍ୟବତୀ ହୋଇଥାଅ ।

ଶ୍ରୀରାଧା—ସଖି ! ସେ ଲମ୍ପଟ ଖଳ, ଖଣ୍ଡ, ଭଳ, ଏହି ଚାରି ଗୁଣକୁ ଧାରଣ କରିଛନ୍ତି । ବୋଧ ହେଉଛି ଅନ୍ୟ ଖଣ୍ଡ ଗୁଣରେ ମୋତେ ଭୁଲିଗଲେ ।   (ଅଶ୍ରୁ ମୁଞ୍ଚନ)

Digitized by srujanika@gmail.com

ଶଶୀଙ୍କା—ବରବର୍ଣ୍ଣିନୀ ! ଏ ସନ୍ତାପ ସିନ୍ଧୁରେ ଅଜ ଭାସନାହିଁ, ସ୍ଥିର ହୁଅ ।

ଗୀତ

ସ୍ଥିର ହୁଅ ଅଗୋ ଧନ ସୁଇ ଶଶୋଦରୀ !
ଅକୂଳେ ହରନା’ ଜ୍ଞାନ ପରାଣ ସଙ୍ଗିନୀ । ୧ ।
ଅସିବେ ଅବଶ୍ୟ ତୋର ନୟନ ପ୍ରତିମା ।
ନ ହୁଅ ବିରସମନା ବୃଷଭାନୁ ଜେମା । ୨ ।
ପଦ୍ମିନୀକି ଛାଡ଼ି କାହିଁ ରହେ କି ଭ୍ରମର ?
ଧୈର୍ଯ୍ୟଧର ଧୀର ଧୀର ଧରୁଛୁଁ ତୋ କର । ୩ ।
(ସଖୀଗଣ ସାନ୍ତ୍ୱନା ଦେଇ ଗୀତ ଗାଉଥିବା ।)

ପଟ ପରିବର୍ତ୍ତନ

ଦ୍ୱିତୀୟ ଅଙ୍କ

ସପ୍ତମ ଦୃଶ୍ୟ

କୁସୁମିତ ବନପଥ

(ଖୋଜି ଖୋଜି ଲଳିତାଙ୍କ ପ୍ରବେଶ)

ଲଳିତା—(ସ୍ୱଗତଃ) ବଙ୍କା ଆଖି ଯେ କେଉଁ ବଙ୍କା ପଥେ ଯାଉଛନ୍ତି, ତାହା କିଛି ସ୍ଥିର କରି ପାରୁ ନାହିଁ । କାହିଁ ? କେତେ ତ ଖୋଜିଲିଣି—ପାଉନାହିଁ; ଅଜ କୁଆଡ଼େ ଗଲେ ?

Digitized by srujanika@gmail.com

ଗୀତ

ତାହୁଁ ଗଲେ ମୁରଲୀଫୁଙ୍କା ।
ଯୁବତୀ ରସିଅ କାମିନୀ ରଙ୍କା । ଘୋଷା ।
ଗୋପପୁରେ ପଶି ଗୋପୀଙ୍କ ମନ୍ଦିରେ,
ଦହି ଦୁଧ ଖାଇ ଛୁଣ୍ଡାନ୍ତି ଶିକା ।
ଯମୁନା କୂଳରେ ବସ୍ତ୍ର ଚୋରି କରି,
କେଳି କଦମ୍ବେ ଯେ ବାନ୍ଧେ ପତାକା । ୧ ।
ପାଦ-ପାଣି ବଙ୍କା ନୂପୁର ହିଁ ବଙ୍କା;
ଚୂଳହିଁ ବଙ୍କା ତା ଗ୍ରୀବାଣି ବଙ୍କା ।
ବଙ୍କିମା ଅଧରେ ମୁରଲୀ ବଜାଇ,
ଡାକୁଥାନ୍ତି ଅସ ଅସ ରାଧିକା । ୨ ।

ଅହା ! କଣ କରବଟି ? କେଉଁ କୁଞ୍ଜରେ ତ ଦେଖାଗଲେ ନାହିଁ, ଅଜ କଣ ଚନ୍ଦ୍ରାବଳୀ କୁଞ୍ଜକୁ ଯାଇଛନ୍ତି ? ଯାଏଁ ଦେଖେଁ । (ପ୍ରସ୍ଥାନ)

ପଟ୍ଟ ପରିବର୍ତ୍ତନ

ଦ୍ୱିତୀୟ ଅଙ୍କ

ଅଷ୍ଟମ ଦୃଶ୍ୟ

ରଙ୍ଗିଣୀ କୁଞ୍ଜ

(ଶ୍ରୀକୃଷ୍ଣ, ଚନ୍ଦ୍ରାବଳୀ ପୁଷ୍ପଶଯ୍ୟା ଉପରେ ବସିଥିବା; ଶୈବ୍ୟା, ପଦ୍ମା ଚାମର ଢାଳୁଥିବା ଅବସ୍ଥା)

Digitized by srujanika@gmail.com

ଚନ୍ଦ୍ରାବଳୀ—(ବନସ୍ଥରେ ଗାଉଛନ୍ତି)

ଗୀତ

ବନ୍ଧୁବଦନେ ପାଇଛୁ ହେ ମାଳପଣି !
ହୃଦଚନ୍ଦନ ମୋହନ ଚନ୍ଦ୍ରାମଣି । ୧ ।
ଭୁଜ ପାଶରେ କଷଣେ ବାନ୍ଧିଥିବ ।
ପ୍ରାଣବନ୍ଧୁ ହେ ! କେମିତେ ନ ଛାଡ଼ିବ । ୨ ।
ମନପ୍ରେମ ହେ ନାଗର ! ତୁମ୍ଭେ ମୋର ।
ଉପହାର ଘେନ ଏହୁ ଫୁଲହାର । ୩ ।
ମାଗୁଛୁ, ମାଗୁଛୁ, ଭୁଲି ଯିବ ନାହିଁ ବନ୍ଧୁ ।
ମାଗୁଛୁ, ମାଗୁଛୁ, ଅଭାଗିନୀ କୁରୂପିଣୀ ।
ମାଗୁଛୁ, ମାଗୁଛୁ, ଶ୍ରୀଚରଣ ଦାସୀ ଏତେ ।
ମାଗୁଛୁ, ମାଗୁଛୁ, ମନେ ରଖିଥିବ ବନ୍ଧୁ !
ମାଗୁଛୁ, ମାଗୁଛୁ, (ଭୁଲି ଯିବ ନାହିଁ) ।
(ଆଲିଙ୍ଗନ କରିବା ଅଭିନୟ)

ଶ୍ରୀକୃଷ୍ଣ—(ପ୍ରତିଆଲିଙ୍ଗନ କରି ଗାଇଲେ)

ଗୀତ

ଚନ୍ଦ୍ରାବଳୀ ଚନ୍ଦ୍ରାନନେ ଗୁଚ୍ଛକୁନ୍ତଳା
ରେ ଧନ ! ଗୁଚ୍ଛକୁନ୍ତଳା !
ମନ ମାନ ଫିଙ୍ଗିଦିଅ ରେ ପ୍ରେମଶୀଳା । ୧ ।

Digitized by srujanika@gmail.com

ସବୁଦିନେ ସିନା ମୁହିଁ ତୋ କିଣାଜନ
ରେ ଧନ ! ତୋ କିଣାଜନ !
ସେବକ ପଣକୁ ନିକି ଦେବ ଭଜନ । ୨ ।

ଲଳିତା—(ପ୍ରବେଶ ହୋଇ ଲତା ଉହାଡ଼େ ରହି ସ୍ୱଗତଃ)
ଲମ୍ପଟ ! ତୁମ୍ଭର କଣ ଏହି ପ୍ରେମ ପରିଚୟ ? ଯେବେ ତୁମ୍ଭ ମନରେ ଏପରି ଥିଲା, ତେବେ ମୋ ହାତରେ ସଙ୍କେତ ଦେଇ ପ୍ରିୟସଖୀ କିଶୋରୀଙ୍କ ମୋର କାହିଁକି କୁଞ୍ଜକୁ ଅଣାଇଥିଲ ? (କ୍ରୋଧରେ) କିନ୍ତୁ ଜାଣିଥାଅ ଲମ୍ପଟ ! ମୋ ହାତରେ ଯେ କଅଣ ହୋଇପାରେ ତାହା ପରେ ବୁଝିବ ।

(ମସ୍ତକରୁ କେତକୀ ଦଳ ଅଣି ନେତ୍ର ଅଞ୍ଜନରେ
ନଖମୂନେ ଲେଖିବା ଅଭିନୟ)

—ପତ୍ର—

ଦୁଃଖିନୀ କମଳିନୀକି ଲତାକୁଞ୍ଜରେ ରଖି ଲମ୍ପଟ ଭୃଙ୍ଗ କୁଟଜ ପୁଷ୍ପରେ ଉନ୍ମତ୍ତ ହେବା ଭଲ ନୁହେ । ଏହି ହସ୍ତ ଲେଖାରୁ ଜାଣି ପାରିବ କି ନାହିଁ, ମୁଁ ବୃଷଭାନୁ ରାଜଜେମା ଶ୍ରୀରାଧାର ପ୍ରିୟସଖୀ, ଲଳିତା ।

(ତରତରରେ ପତ୍ର ବନ୍ଦ କରି ଗବାକ୍ଷରେ ଫିଙ୍ଗି ଦେଇ ପ୍ରସ୍ଥାନ)
(ଶ୍ରୀକୃଷ୍ଣ ଚନ୍ଦ୍ରାବଳୀ ପୁଷ୍ପ ଶଯ୍ୟାରେ ଥିବା)

ପଟ୍ଟ ପରିବର୍ତ୍ତନ

Digitized by srujanika@gmail.com

ଦ୍ୱିତୀୟ ଅଙ୍କ

ନବମ ଦୃଶ୍ୟ

କୁସୁମିତ ବନପଥ

ଲଳିତା—(ପ୍ରବେଶ ହୋଇ ସ୍ୱଗତଃ) ଲମ୍ପଟ ! ତୁମ୍ଭେ ଏବେ କପଟି ? ଅହା ! ମୋ ପ୍ରିୟସଖୀ କଣେ।ସ୍ତି କ ଦୁଃଖ ଭୋଗୁ ନ ଥିବ ? ହଉ ଥାଅ, ଥାଅ; ରାଧା ଯେ ତୁମ୍ଭଙ୍କୁ କି ଦଣ୍ଡ ବିଧାନ କରିବ, ତାହା ପରେ ଜାଣିବ । ରହ, ରହ, ଚନ୍ଦ୍ରାବଳୀ ସଙ୍ଗେ ରଙ୍ଗ ରହସ୍ୟ କରୁଥାଅ ଚେତିବ ଯେ ?

ଗୀତ

ଦୂର ହଲ ରାଧା ଭାବ ହେ ମାଧବ !

ପଛକେ ମନେ କରୁଥିବ । ଧୋକା !

ମୋ ନାମ ଯେବେ ଲଳିତା ହେ ମାଧବ,

ରାଧାର ପାଦ ଅଲତା ।

ତୋତା କରାଇ ଦେଲ ହେ ଶନ୍ତାମଣି,

ରଖିବ ନିଜ ଗୌରବ, ହେ ମାଧବ । ୧ ।

Digitized by srujanika@gmail.com

ନିଷ୍ଠେ ଏହା ଥାଅ ଜାଣି, ହେ ମାଧବ !
ଟୋଳୁଇବ ନେତ୍ର ପାଣି ।
ଗଳାରେ ବସନ ଦନ୍ତରେ ତୃଣ,
ଧରାଇବା ଯାଏ ଯିବ, ହେ ମାଧବ ! ୨ ।
(ଗୀତ ଗାଇ ଗାଇ ପ୍ରସ୍ଥାନ)

ପଞ୍ଚ ପରିବର୍ତ୍ତନ

ଦ୍ୱିତୀୟ ଅଙ୍କ

ଦଶମ ଦୃଶ୍ୟ

ନିଭୃତ ନିକୁଞ୍ଜ

(ଶ୍ରୀରାଧା ପୁଷ୍ପ ଶଯ୍ୟାରେ ଅବୁଲିତା ଭାବେ ବସିଥିବା ଓ ସଖୀଗଣ ସାନ୍ତ୍ୱନା ଦେଉଥିବା ଅଭିନୟ)

ଶ୍ରୀରାଧା—ସଖି ! ବୃଥାରେ କାହିଁକି ଏତେ ସାଜ ସଜା କଲ ? ହାୟ ! ମୁଁ ଅଭାଗିନୀ କାହିଁକି କୁଞ୍ଜକୁ ଆସିଲି ? ସଖି ଗୋ ! ସେ କପଟିଆ ମୋହନଙ୍କ ସ୍ୱାଦ ଚିହ୍ନା ପଡ଼ିଲଣି ।

ଗୀତ

ମୋହନ ସ୍ୱାଦ ଚିହ୍ନା ପଡ଼ିଲା ମା । ଗୋ, ଚିହ୍ନା ପଡ଼ିଲା ମା । ଘୋଷା ।
ଅପାର ରଜନୀ, ହେଲା ରେ ସଜନୀ !
ପ୍ରାଚୀ ବଧୂକୁ ବଧୂ ଚୁମ୍ବିଲା ମା । ୧ ।

Digitized by srujanika@gmail.com

ଙ୍କ ଯୋଗରେ ଅଳ   ସାଜିଥିଲି ସଜ

କାନନ-ମଲ୍ଲୀ ଦଶା ଘଟିଲା ମା । ୨ ।

ଚୋରା ଦେ ଗୋ ଚଲ୍ଲି,   ପୂରିଲି ସଂକଳ୍ପ,

ନିକୁଞ୍ଜ ଭାଗ୍ୟ ଭୋଗ ଅଣ୍ଟିଲା ମା । ୩ ।

ପର ପୀରତକି,   ପ୍ରରୁଷ ଜାତକି,

ପରତେ କଲା ଫଳ ମିଳାଲା ମା । ୪ ।

(ଗୀତ ଗାଇ ଗାଇ ଲଳିତାଙ୍କର ପ୍ରବେଶ)

ଗୀତ

ନାନା କୁଞ୍ଜେ ଗଲି ଧୀରି !

କାହ୍ନୁଁ ନ ପାଇଲି ରାଧେ ମୁରଲୀଧରି । ଘୋଷା ।

ଶେଷେ ଚନ୍ଦ୍ରାବଳୀ କୁଞ୍ଜ,   ମଧ୍ୟରେ ରସିକରାଜ

ଦେଖିଲି ପଲଙ୍କପରେ ଦଶନ୍ତି ତୋରି । ୧ ।

କରଜେ ନେଯାଞ୍ଜନରେ,   ଦେଖି କେତକୀ ଦଳରେ,

ଗବାକ୍ଷ ମାର୍ଗରେ ଫିଙ୍ଗି ଅସିଲି ତ୍ୱରି । ୨ ।

ଶ୍ରୀରାଧା—(ଅଶ୍ରୁପୂର୍ଣ୍ଣ ନୟନେ କହୁଲେ) ଲଳିତେ ! କଣ କହୁଛ ? ସେ ଲମ୍ପଟ ଚନ୍ଦ୍ରାବଳୀ କୁଞ୍ଜରେ ? ସଖି ଗୋ ! ମୁଁ କୃଷ୍ଣଛଡ଼ା ହେଲି ! ଧିକ୍ ଏ ଜୀବନ ! ସଖି ! କରମ ଫଳ ପାଇଲି !

ଗୀତ

କରମ ଫଳ ମିଳିଲଣି !

ମରମ ଭିତରେ ଜଳିଲଣି ଗୋ । ପ୍ରାଣପିତଣି ! । ଘୋଷା ।

Digitized by srujanika@gmail.com

ଭରମରେ ପଡ଼ିଗଲି,   ନରମ କଥାରେ ଭୁଲି
ମୁଁ ଏଡ଼ା ସହିଲି ।
ଏବେ କପଟି କି କଲେ ଅଣି ଗୋ । ୧ ।

ଫିଙ୍ଗ ଏ ଗନ୍ଧ ଚନ୍ଦନ,   ନାହିଁ ଆଉ ପ୍ରୟୋଜନ,
ଏ ଖଣ୍ଡିଆ ପାନ ।
ବାସି ହେବ ବୋଲି ନ ଥିଲି ଜାଣି ଗୋ । ୨ ।

ଫିଙ୍ଗ ଏ କୁସୁମହାର,   ନ କର ଆଉ ଆଦର ଗୋ,
ସେହି ଦଗାଦାର ।
(ମୋତେ) ଛଡ଼ାଫୁଲ ପରି କଲେଣି ଗୋ । ୩ ।

ଲଳିତା—ରାଧେ ! ମୁଁ ତାଙ୍କୁ ଯେତେ ଖୋଜୁଛି, ମୋ ମନ ଜାଣେ । ଏବେ ମୋ କଥା ମାନ ବଙ୍କପରି କଠିନା ହୁଅ ।

ଶ୍ରୀରାଧା—ସଖି ! ସେ ଶଠ ଶ୍ୟାମ ସତେ ଛଳ ନ କଲେ ?

ଗୀତ

ଶଠ ଶ୍ୟାମ ସତେ କି କଲେ ମୋତେ ?
ଜାଣି ନେଲେ କି ଗୋ ଚନ୍ଦ୍ରାପୁରତେ ଗୋ ପରାଣ ଲଳିତେ ! ॥
ଅବଳା ହୃଦ କି ଏଡ଼ା ସହନ୍ତା ?
ପାଷାଣ ହେଲେ ତ ଫାଟି ଯାଆନ୍ତା ଗୋ ଏଡ଼ା ନ ସହନ୍ତା ! ॥
କି କାର୍ଯ୍ୟ ଅଛି ଗୋ ଆଉ ଏ କୁଞ୍ଜେ ?
କି ସୁଖ ଅଛି ଗୋ ଏ ଫୁଲଶେଯ ଗୋ ସଢ଼ିଗଲି ଲାଜେ ! ॥

Digitized by srujanika@gmail.com

ଧିକ ଧିକ ମୋର ଏ ବେଶଭୂଷା ।
ଧିକ ହେଉ ମୋର ମିଳନ ଆଶା ଗୋ ! ହେଲି ଲୋକହସା ॥
(ଅଉ) କହନା ସଖି ସେ ଶ୍ୟାମ ପ୍ରସଙ୍ଗ ।
ତା କଥା ଶୁଣି ଗୋ ଥରୁଛି ଅଙ୍ଗ ଗୋ ! ସେ କାଳ ଭୁଜଙ୍ଗ ॥
(କ୍ରୋଧରେ ଜର ଜର ହୋଇ ତଳେ ପଡ଼ିବା ଅଭିନୟ)

ସଖୀଗଣ—(ପ୍ରବୋଧି) ଧନ୍ୟ ! ଧନ୍ୟ ! ! ଦମ୍ଭଧର ।

ପରଦା ପତନ

Digitized by srujanika@gmail.com

(ଦୁର୍ଜ୍ୟୁମାନ ଅରମ୍ଭ)

ତୃତୀୟ ଅଙ୍କ

ପ୍ରଥମ ଦୃଶ୍ୟ

କୁସୁମିତ ବନପଥ

(ଶ୍ରୀକୃଷ୍ଣଙ୍କ ପ୍ରବେଶ)

ଗୀତ

ବହୁଲାଣି ମନ୍ଦ ବାତ ପାହୁଲାଣି ରାତ ।
ଦହୁଲାଣି ସ୍ମରଶର ମୋ ପ୍ରିୟା ଦୁଃଖ ତାତ । ପଦ ।
କହୁଲାଣି କୁହୁ ତାନେ କୋକିଳ ଭାରତୀ ।
ସହୁଲାଣି କେତେ କଷ୍ଟ ପରା ମୋ ଶ୍ରୀମତୀ । ୧ ।

(ଗବାକ୍ଷ ଦ୍ୱାରକୁ ଚାହିଁ ସ୍ୱଗତଃ) ଇଏ କଣ ? (ପତ୍ରିକା ଧରି ଅସ୍ପଷ୍ଟ ଭାବରେ କହୁଲେ) ହାୟ ! ଇଏ ତ ଲଳିତା ହାତ ଅକ୍ଷର ! ମୁଁ କି ମନ୍ଦ ବଗୁର କଲି ? (ଅଶଙ୍କା ମନେ ଯାଉ ଯାଉ)

ଗୀତ

କି କଲି କି କଲି ଅହା ପରାଣ-ଈଶ୍ୱରୀକି ।
ପରାଣ ଈଶ୍ୱରୀ ମୋର ନବୀନା କିଶୋରୀକି । ୧ ।
ସଙ୍କେତ ମୁଁ ଦେଇଥିଲି ନିଭୃତ କୁଞ୍ଜକୁ ।
ଅଭିସାର କରିଥିବ ମୋ ବନ୍ଧୁ ସେଠାକୁ । ୨ ।

Digitized by srujanika@gmail.com

ମାନିନୀ ତ ହୋଇ ଚାଲି ଯାଇଥିବ ମୋରେ ।
କି ବୋଲି ମୁଁ ଜଣାଇବି ଧନୀ ଶ୍ରୀ ଛାମୁରେ । ୩ ।
କି ବୁଦ୍ଧି କରି ମୁଁ ଲାବଣ୍ୟନିଧିକି ଦେଖିବି ।

(ଏହି ପଦମାନ ଗାଇ ଗାଇ ଯିବା ସମୟେ ଚମକି ପଡ଼ି ସଚକିତେ କହିଲେ) ଅହା ! ଏହି ତ, ଫୁଲହାର ଗୁଡ଼ିକ ଏଠାରେ ଛାରଖାର ହୋଇ ପଡ଼ିଛି, (ପୁଣି ପାହୁଣ୍ଡେ ଯାଇ) ଅହା ! ଏଇତ ତାମ୍ବୁଳ, କର୍ପୂର, ଚନ୍ଦନ ସବୁ ଏଠାରେ ଫିଙ୍ଗି ଦେଇ ପ୍ରିୟା ମୋର ଚାଲି ଯାଇଛି । ଏବେ ମୁଁ କି ଉପାୟ କରିବି ? ଯାଏଁ, ପ୍ରାଣପ୍ରିୟାର ମନଭାବ ପରୀକ୍ଷା କରେଁ ।

ଗୀତ

ଏବେ ମୁଁ ନିଭୃତ କୁଞ୍ଜ ଦୁଆରକୁ ଯିବି ।
ପ୍ରାଣପ୍ରିୟା ମନ ଭାବ ପରୀକ୍ଷା କରିବି । ୧ ।

ଯଦି ମହାମାନବତୀ ହୋଇଥିବ ଧନୀ ।
ବେନିକର ଯୋଡ଼ି ପାଶେ କରିବି ବିନୟ । ୨ ।

ଗଳେ ବାସ ଦେଇ ତାକୁ ମାଗିବି ଶରଣ ।
ଦୋଷ କ୍ଷମା କର ବୋଲି ଧରିବି ଚରଣ । ୩ ।

ବିନୟ ବଚନେ ଅବା ବୁଝିବ ତା ମନ ।
ବୃଷଭାନୁ ସୁତା ମୋର ଜୀବର ଜୀବନ । ୪ ।

Digitized by srujanika@gmail.com

ତା ବନେ ତନ ଭୁବନେ ନାହିଁ ଅନ୍ୟ ଗତ ।
ମୋହର ସର୍ବସ୍ୱ ସିନା ରାଧିକା ମୂରତ । ୫ ।
(ଶ୍ରୀରାଧାଙ୍କ ଭାବ ଭାବ ଭାବ ଶ୍ରୀକୃଷ୍ଣ ପ୍ରସ୍ଥାନ)
ପଟ ପରିବର୍ତ୍ତନ

ତୃତୀୟ ଅଙ୍କ
ଦ୍ୱିତୀୟ ଦୃଶ୍ୟ
ନିଭୃତ ନିକୁଞ୍ଜ

(ମାନମୟୀ ଶ୍ରୀରାଧା ଗଣ୍ଡରେ କର ଦେଇ ବସିଥିବା, ସଖିମାନେ ଦୁଃଖିତା ହୋଇ ଦୁଇ ପାର୍ଶ୍ୱରେ ବସିଥିବା)

ଶ୍ରୀରାଧା—(କ୍ରୋଧରେ ଅଧର କମ୍ପାଇ) ସଖିଏ ଲୋ ! ଆଜି ଏହୁ ଦୃଢ଼ ପ୍ରତିଜ୍ଞା ଶୁଣ—

ଗୀତ

ଯଦି ସେ ଲମ୍ପଟ କପଟିଆ ଶଠ,
ଦାଇବେ ପଶିବେ ଭେଟ ।
ମୋ କୁଞ୍ଜ ଦୁଆର, ମଡ଼ାଇ ନ ଦେବ,
କହୁଛି କର ଅକଟ ।
(ତାଙ୍କୁ) ମନା କରି ଦେବ ଗୋ !
ପରାଣ ସଖିଏ (ତାଙ୍କୁ ମନା କରି ଦେବ ଗୋ)

Digitized by srujanika@gmail.com

(ମୋର) ଏହି ଦୃଢ଼ ବ୍ରତ ଗୋ ।
ସର୍ବେ ଜାଣିଥାଅ, ମୋର ଏହି ଦୃଢ଼ ବ୍ରତ ଗୋ ।

ଶ୍ରୀକୃଷ୍ଣ—(ପ୍ରବେଶ ହୋଇ କାକୁସ୍ୱରେ କର ଯୋଡ଼ି କହିଲେ)
ଜୟ ରାଧେ ! ଶ୍ରୀରାଧେ ! !
ବୃନ୍ଦାବନ ବିଳାସିନୀ ରାଧେ ! ! !

ବିଶାଖା—ସଖି ! ଚେଇ ଦେଖ, ସେ ଲମ୍ପଟ କୃଷ୍ଣ ଆସିଲେଣି ।

ରାଧା—(କ୍ରୋଧରେ) ସଖି ! ଦୂର କର ।
(ଏହା କହି ମୁହଁ ବୁଲାଇ ବସିଲେ)

ଲଳିତା—ଲମ୍ପଟ ! ଏତେବେଳକୁ ଆସି ମୁହଁ ଦେଖେଇଲ କି ?
ଅହା ! ହା ! ହା !

ଛନ୍ଦ

"ମରଯାଏଁ ଜନା ଗଣ୍ଠିର ଧନ,
ଚନ୍ଦ୍ରାବଳୀନାଥ ହୃଦ ଚନ୍ଦନ ।"

ଗୀତ

ଏତେବେଳକୁ ହେ   ମୁଖ ଦିଶିଲା କି ଆଜ
ପଥବଣା ହୋଇଲ କି ବ୍ରଜ-ଯୁବରାଜ ?
ଲମ୍ପଟ ହେ ! ବ୍ରଜଯୁବରାଜ । ଘୋଷା ।
ପରିହରି ଶଠ ପ୍ରୀତ,   ଆନ ରମଣୀରେ ମାତି
ରାଧା ପାଶେ ଆସିବାକୁ ପାଇଲ କି ଲାଜ ?
କଳାକାହ୍ନୁ, ପାଇଲ କି ଲାଜ । ୧ ।

Digitized by srujanika@gmail.com

ତୁମ୍ଭ ଆସିବା ସମୟ,　　ଜାଣି ହୋଇ ତୋଷମଦ୍ଧ,
ଜାଗି ବସିଥିଲି କୁଞ୍ଜେ ସାଜ ଫୁଲଶେଯ ।
ଶଠଗ୍ରେର ! ସାଜ ଫୁଲଶେଯ ।
ଦଗାଦାର ! ସାଜ ଫୁଲଶେଯ । ୨ ।

ବିଶାଖା—ଛଇଳ ହେ ! କାଲି କେଉଁଠି ଥିଲ ଭ ?

ଗୀତ

ଛଇଳ ! କାଲି କାହିଁ, କାଲି କାହିଁ ରହିଲ ହେ ?
ମୀତ ନିକୁଞ୍ଜରେ ଜଗାଇ ଦେଲି ହେ । ଘୋଷା ।
ସଞ୍ଜରୁ ଆସି ଏ ନବ ବନିତା,
ଖଞ୍ଜନନେତ୍ରୀ ହେଲା ଜାଗ୍ରିତା,
କଞ୍ଜ ଗଲା ଫୁଟି, ଏହୁ ପର ତୋଟି—
କାଟି ଦେବା କଥା ହେଲା କି ଭଲ ହେ ? ୧ ।
ଏହା ଥିଲା ଯେବେ ତୁମ୍ଭର ମନେ,
ଡକାଇ ନ ଆନ୍ତ ଏ ଘୋର ବନେ,
ଯେ କୁଳ କଣ୍ଟୋସି, ତାକୁ ଏତେ ସର,
କରାଇବା ନିକି ଏ ଏକା ଗେଲ ହେ । ୨ ।
ଅଣ୍ଟିଗଲା ତୁମ୍ଭ ସ୍ନେହ ସମ୍ପତ୍ତି ।
ଯାହା ରସେ ବୁଡ଼ି ବଞ୍ଚୁଳ ରାତ,
ଯାଅ ତାହା ପାଶେ, ମାଧବ ସୁରସେ;
ଙ୍କତ ନାହିଁ ପର ବାମ-ଅମଳ ହେ । ୩ ।

Digitized by srujanika@gmail.com

(ଗୀତ ଛଳେ ରାଧାଙ୍କ ନିକଟକୁ ଯିବା ନିମନ୍ତେ
ନେନ ଠାରଦେବା ଅଭିନୟ)

ଶ୍ରୀକୃଷ୍ଣ—(ଧୀରେ ଧୀରେ କୁଞ୍ଜ ଦୁଆରକୁ ଯିବା ଅଭିନୟ)

ଲଳିତା—(ଛଳ ଶ୍ଳେଷରେ) ଅହା ! ହା ! କି ସୁନ୍ଦର ସୁଅଗ !
ହଇ ହେ ଶଠ ! ତମକୁ ଲାଜ ନାହିଁ, ଏଣେ ଆସୁଚ ?
ଯାଅ, ଯାଅ, ତମ ସ୍ୱଭାବ ଗତ ସବୁ ଜଣା ଗଲାଣି ।

ଗୀତ

ଯାଅ ଯାଅ ହେ ମୋହନ ଯା ଯା ଫେରି ଯା ।
ଆମ୍ଭ ଶ୍ରୀମତୀଙ୍କ ମନା କୁଞ୍ଜକୁ ନ ଯା । ଘୋଷା ।
ଏହୁ ଶୁଣିଲୁ ସୁଅଗ,   ନ ଦେଖାଇ ଚଳ ବେଗ,
ତୁମ୍ଭ ଗୁଣ ଗୋପପୁରେ ନାଗରୀବଳା । ୧ ।

ଶ୍ରୀକୃଷ୍ଣ—ଲଳିତେ ! ମୋର କି ଦୋଷ ଦେଖି ଏପରି କହୁଚ ?

ଲଳିତା—ତମର କି ଦୋଷ ? ତେବେ କଣ ଜାଣି ନାହିଁ ? ହଇହେ !
ତମ ଶ୍ରୀମୁଖଟି ଶୁଖି ଯାଇଚି କାହିଁକି ? କହିଲ ।

ଗୀତ

ଶ୍ରୀମୁଖ ଯାଇଛି ଶୁଖି ହେ କାହିଁକି ?
ଶ୍ରୀମୁଖ ଯାଇଛି ଶୁଖି ।
ଜଳିନ୍ଦ୍ର ହୋଇଲା ପ୍ରାୟେ ତ ଦଶୁଛି
ନୀଳ ଇନ୍ଦୀବର ଆଖି । ୧ ।

Digitized by srujanika@gmail.com

ଶ୍ରୀକୃଷ୍ଣ— ଶୁଣ ଅରେ ବାଳା, ଧବଳୀ ବତ୍ସା ମୁଁ
ଖୋଜି ଖୋଜି ଶ୍ରମ ପାଇ ।
ଦୁଃଖିତ ଯାମିନୀ, ହେବାରୁ ଭାମିନୀ,
ଶୟନ ଭୋଜନ ନାହିଁ । ୨ ।

ଲଳିତା— ଅଧରେ ଏ କସ ଭଲା ହେ ନାଗର !
ଅଧରେ ଏ କସ ଭଲା ?

ଶ୍ରୀକୃଷ୍ଣ— ଜାମ୍ବୁଫଳ ଏକ ଗୁଡିଲି ରେ ବାଳା !
ତେଣୁ ବୋଲ ଲାଗିଗଲା । ୩ ।

ଲଳିତା— ଓଷ୍ଠରେ ଏ କସ କ୍ଷତ ହେ ନାଗର !
ଓଷ୍ଠରେ ଏ କସ କ୍ଷତ ?
ଗୁପତ ନ କର ଅହେ ନନ୍ଦସୁତ !
ବ୍ୟକତ କର ଛଳ ତ । ୪ ।

ଶ୍ରୀକୃଷ୍ଣ— ହୋଇ ବଜ୍ରତୁଲ୍ୟ ଶୁକ ମୁଖେ ମୁଖ,
ଦେଇ ପଢାନ୍ତେ ସଙ୍ଗୀତ ।
ସେ ତ ଥିଲା ଚଳ ଜମ୍ବୁଫଳ ବୋଲି,
ଭଲା ତହିଁ ଚଞ୍ଚୁଘାତ । ୫ ।

ଲଳିତା— ତନୁରେ ଏ କସ ଗାର ହେ ନାଗର !
ତନୁରେ ଏ କସ ଗାର ?

ଶ୍ରୀକୃଷ୍ଣ— କଣ୍ଟକ ବନେ ଲଶିଲି ଗୋ ଲଳିତେ !
ତେଣୁ ତନୁ ନାରଖାର । ୬ ।

Digitized by srujanika@gmail.com

ଲଳିତା— ହେ ଶଠ ମୋହନ ଧରେଣ ତ ମଳିନ,
ତୁମ୍ଭ ଅଙ୍ଗେ କ୍ଷୀନ ବାସ
ଶ୍ରୀକୃଷ୍ଣ— ସଖୀ ହୋଇ ମେଳ ଦେଲେ ଟେରୁ ବୋଲି,
ଦେଖ ସର୍ବ ଅଙ୍ଗଦେଶ । ୭ ।
ଲଳିତା— ଅହେ ଗିରଟେଚା ବଞ୍ଚକ ଜୀବକା-
କର ତୋଷିବ କା ମନ ?
ରତ ଶ୍ରାନ୍ତ, ଦନ୍ତକ୍ଷତ, ଚମ୍ବଦାନ,
ଦଶୁଛୁ କରଜ ଚହ୍ନ । ୭ ।
ଏତେ ଲକ୍ଷଣ ହେ ଏତେ ଲକ୍ଷଣ ହେ
ବହୁଛ କପଟି ଗୁରୁ ।
ଅହେ ବନମାଳୀ ତୁମ୍ଭ ପୀତବାସ,
ଯାହାର କରୁଛୁ ଦୂରୁ । ୮ ।
ଶ୍ରୀକୃଷ୍ଣ—(ବିଷାଦ ମନେ ଦଣ୍ଡାୟମାନ)
ବିଶାଖା—ଲମ୍ପଟ ହେ ! ତମ କହିବା ଭଙ୍ଗିରୁ ସବୁ ଜଣା ପଡ଼ିଚି,
ଏତେ କୂଟ କପଟ କାହୁଁ ଶିଖିଥିଲ ?

ଗୀତ

କାହୁଁ ଶିଖିଥିଲ ଏତେ କୂଟ କପଟ ?
ଶଠ ଧୂର୍ତ୍ତ ଲମ୍ପଟିଆ ହେ ପୀତପଟ । ଘୋଷା ।
ଭୁଲାଇ କହିବା ଗୀତ, ଜଣା ଗଲାଣି ଶ୍ରୀପତି
ଚହାଇ ଦେଉଛ ସବୁ ଚୂଳ ମୁକୁଟ । ୧ ।

Digitized by srujanika@gmail.com

ସଖୀଗଣ—(ଭଙ୍ଗୀଭଙ୍ଗିରେ ରାଧାଙ୍କ ପଛ ଦେଶକୁ ଯିବାପାଇଁ ଠାରିଦେବା ଅଭିନୟ)

ଶ୍ରୀକୃଷ୍ଣ—(ଧୀର ଗତିରେ ରାଧାଙ୍କ ପଛ ଦେଶରେ କରଯୋଡ଼ି ରହିବା ଅଭିନୟ)

ଲଳିତା—(ଦର୍ପଣଟିଏ ରାଧାଙ୍କ ସମ୍ମୁଖରେ ଥୋଇଦେବା ଅଭିନୟ)

ଶ୍ରୀରାଧା—(ଦର୍ପଣରେ ଶ୍ରୀକୃଷ୍ଣଙ୍କ ପ୍ରତିମୂର୍ତ୍ତି ଦେଖି)

ଗୀତ

ଛୁଅ ନା ମୋ ତନୁକୁ, ଯାଅ, ଯା, ହେ ମୋହନ !

ଅଳି ହେ ମୋହନ ! ଏ କି ରୀତି ଛୁଅ ନା ମୋ ତନୁକୁ । ଘୋଷା ।

ବାସ ଦିଲ୍ଲ କାହାର,　　　　ନ ପାରିଲ କି ବାର ?
ପାଳିଟି କଲ ଗୋରୀ,　　　　ମାଣିଲ ଏ କପଟ ?

ବ୍ରୀଡ଼ା ନୋହିଲ କି ହେ,　　　　କୀର୍ତ୍ତି ଭୁବନୁ ଅଚି,

ଦେଖାଅ ରଚନରେଖା ପର, ହେ ମୋହନ ! ୧ ।

ଅଧରକୁ ଅଞ୍ଜନ,　　　　କାହିଁ ଏ ଅରଜନ ?

ଖଞ୍ଜନ ନୟନୀ ସେ　　　　ଦେଇଥିଲ ଚୁମ୍ବନ

ଭିଡ଼ିଥିଲ ନାଗରୀ,　　　　ଦେଖ ହେ ଭଲ କରି

ଠାବ ଠାବକେ ଚୂଡ଼ି ଚିହ୍ନ, ହେ ମୋହନ ! ୨ ।

ଶ୍ରୀକୃଷ୍ଣ—(ସମ୍ମୁଖକୁ ଯାଇ କରୁଣସ୍ୱରରେ)

ଗୀତ

ବେଳେ ଦୋଷେ କରଦେଇ କ୍ଷମ ମନା,

ଅରେ ଚନ୍ଦ୍ରାନନା । ଘୋଷା ।

Digitized by srujanika@gmail.com

ଦସ୍ୟାମସ୍ତୀ ଘେନ ମୋ ବନଜ,   କ୍ଷମାନିଧାନୀରେ ଗଜଗତ !
ଅନ ନାସ୍ତି ସତ୍ୟ,   ଯା ଶୃଙ୍ଗାର ରସ୍ୟ,
ମନ୍ମ ଦୁର୍ଜ୍ଜର ସ୍ନେହାଧୀନା ! ୨ ।

ମଧୁର ଅଧର ସୁଧା ତୋର,   ଦାନ କର ପ୍ରାଣ ରଖ ମୋର:
ସିଦ୍ଧମନ୍ତ୍ର ସିନା   ସେହୁରେ ନବୀନା;
କୃପା କଟାକ୍ଷରେ ଥରେ ଅନା । ୨ ।

ମୋ ସଣ ପସଣ ପ୍ରଣୟିନୀ,   ଧସ୍ୱ ମଣ୍ଡନାରେ ପୀନସ୍ତନୀ;
ବରାଙ୍ଗିନୀ ଧନୀ   ମରାଳ ଗମନୀ,
ନାସଣ ନ କର ସୁଲୋଚନା ! ୩ ।

କୁନ୍ଦ ଦଶନା ସୁଦସ୍ମମଣି,   ମନ୍ଦହାସୀ ହସି କହ ବାଣୀ;
ଛନ୍ଦ ଚିରେ କାର   ଦ୍ୱନ୍ଦ ନ ବସ୍ତୁର,
(ତୋର) ପଦ୍ମ ପାଦ ତଳେ ମାଗେଁ କ୍ଷମା । ୪ ।

ଶ୍ରୀରାଧା—(ଅତଶୟ୍ୟ କୋଧରେ) ଲମ୍ପଟ ! ଦୂର ହୁଅ ।

(ଏହା କହି ଶ୍ରୀକୃଷ୍ଣଙ୍କୁ ହାତରେ ଅଡ କରଦେଇ ମୁଖ ବୁଲାଇ ବସିବା ଅଭିନୟ)

ଲଳୀଗୀ—ମାନିନି ! ଶ୍ୟାମବନ୍ଧୁଙ୍କୁ ସତେ ପର କର ଦେଉଛ ?
ସଖି ! ଏ ଥରକ ଦୋଷ କ୍ଷମାକର ।

ଗୀତ

ଏ ଥରକ ଶ୍ୟାମ ଦୋଷ କର କ୍ଷମା ଗୋ । ପଦ ।
ପଦତଳେ ପଡ଼   ଯାଉଛନ୍ତି ସଡ଼ି,
ତୋଳ ଦେଲେ ଶ୍ରୀମୁଖ-ଚନ୍ଦ୍ରମା ଗୋ । ୧ ।

Digitized by srujanika@gmail.com

ନ ଘୋଡ଼ା ଶ୍ରବଣ   କହୁଛନ୍ତି ଶୁଣ
କୃପାନିଧି କୃଷଚନ୍ଦ୍ରଙ୍କେମା ଗୋ । ୨ ।
କେତେଥର ସହୁ   ଯାଇ ନାହୁଁ ସହୁ !
ଅପରାଧ ଯାକ ଦେଖି ପ୍ରେମା ଗୋ । ୩ ।
ପଶୁପ ନଗରୀ—   ଶିଖି ଯେବେ ସରି,
ନ ଗୃହ୍ନିଲେ କେଶରୀମଧ୍ୟମା ଗୋ । ୪ ।

ଶ୍ରୀରାଧା—ନା ସଖି ! ଏ ରାଧା ସେପରି ନୁହେ ।

(ଶ୍ରୀକୃଷ୍ଣଙ୍କ ପ୍ରତି କ୍ରୋଧ ସହିତ) ଚନ୍ଦ୍ରାବଳୀ ନାଥ ! ଚନ୍ଦ୍ରାବଳୀ ହୃଦୟନିଧି ! ! ଚନ୍ଦ୍ରାବଳୀ କୋଡ଼-କୁରଙ୍ଗ ! ! ! ଯାଅ, ଦୂର ହୁଅ । ହେ ଚନ୍ଦ୍ରାବନ୍ଧୁ ! ଯାଅ ଯାଅ, ଏ ସବୁ ଚିହ୍ନ ଦେହରେ ମଣ୍ଡି ହୋଇ କାହାକୁ ଦେଖାଇବାକୁ ଅଇଲ ? ଛି, ଛି, ହେ ନିର୍ଲଜ ! ଧୋଇବା-ପାଇଁ କଣ ଯମୁନା ନଈରୁ ପାଣି ଶୁଖି ଗଲା କି ? ଯାଅ, ଆଉ ମୋ ସନ୍ତାପ ସାଗର ବଢ଼ାଅ ନାହିଁ, ଯାଅ ଚଞ୍ଚଳ ଯାଅ ।

ଗୀତ

ଯାଅ ହେ ମାଧବ, ଅଭିଳି ବାଞ୍ଛବ,
ଚନ୍ଦ୍ରାବଳୀଧବ କେଶବ !
(ହେ) ଚନ୍ଦ୍ରାବଳୀଧବ କେଶବ !
ଦେଖିଲେ ତୁମ୍ଭଙ୍କୁ   ସନ୍ତାପ ମୋହର,
ବେଳକୁ ବେଳ ବଢ଼ିବ ।
ଯାଅ ହେ, ଯାଅ ହେ !

Digitized by srujanika@gmail.com

ଚନ୍ଦ୍ରାବଳୀ କୋଡ଼-କୁରଙ୍ଗ !
ଯାଅ ହେ, ଯାଅ ହେ !
ଜଣାଗଲା ଭୃମ୍ଭ ରଙ୍ଗ, ଯାଅ ହେ, ଯାଅ ହେ । ୧ ।
ଶୀଣି ଉଜାଗରେ,   ନେତ୍ର ଢୁଳୁ ଢୁଳୁ,
ଢଳ ପଡ଼ିବ କାଳିଅ,
(ହେ) ଢଳ ପଡ଼ିବ କାଳିଅ ।
ଯା ପାଦ ଯାବକ,   ମସ୍ତକେ ମଣ୍ଡିଛ,
ହେ କପଟି କୁହାଳିଅ
ଯାଅ ହେ, ଯାଅ ହେ,
ସେ ନବ ରମଣୀ—   ହୃଦ-ବିଳାସିନୀ
ତାହା ନିକଟକୁ ଯାଅ ହେ, ଯାଅ ହେ, ।୨ ।
(ହାତରେ ଠେଲିଦେବା ଅଭିନୟ)

ଶ୍ରୀକୃଷ୍ଣ—(ପଛକୁ ଘୁଞ୍ଚିଯାଇ କାନ୍ଦକାର ଲୁହ ପୋଛୁ ପୋଛୁ)

ଗୀତ

ବନ୍ଧୁ ରେ, କର୍ଣ୍ଣେ ମରିବ,   ଆଜ ସହ୍ୟ ନ ପାରିବ,
କାଳନ୍ଦୀ ହ୍ରଦରେ ଦେବି ଝାସ ।
କାଳୀୟ ବ୍ୟାଳ ସେ ଖାଉ,   ବେନି ଅପବାଦ ଯାଉ,
ଚୋର ହେଉ ଧ୍ୱଂସ ନାଶ ଯଶ ରେ !
ଚନ୍ଦ୍ରବଦନା !
ରସିକ-ମଣ୍ଡଳୀ ମଧ୍ୟେ ମୋର ।
ଉଡ଼ିବ ପ୍ରେମ ପତାକା ହୋଇ ଫରହର ରେ । ୧ ।

Digitized by srujanika@gmail.com

ଚନ୍ଦ୍ର ରେ ମୋ ତନ ଦାହ,   ଭସ୍ମ ପଡ଼ିଥିବ ହୃଦ,
ଢଦା ବା ତୁ ଯମୁନାକୁ ଗଲେ ।
ଉଡ଼ିଣ ପବନବଳେ,   ପଡ଼ୁଁ ତୋ ଚରଣ ତଳେ,
ଜୀଇ ମୁଁ ଉଠିବି ମରିଥିଲେ ରେ ।
ଚନ୍ଦ୍ରବଦନା !

*   *   *   *   *   *   *

(ବାଦ୍ୟ କାଦ୍ୟ ପ୍ରସ୍ଥାନ)

ପରଦା ପତନ

Digitized by srujanika@gmail.com

ଚତୁର୍ଥ ଅଙ୍କ

ପ୍ରଥମ ଦୃଶ୍ୟ

ଶ୍ରୀରାଧାଙ୍କ ପୁର

(ମାନମୟୀ ଶ୍ରୀରାଧା ଗଣ୍ଡରେ କର ଦେଇ ବସିଥିବା ଓ
ସଖୀମାନଙ୍କର ପ୍ରବୋଧନା)

ଗୀତ

ନାରାୟଣୀ ଗିର— ଧାଏଁ ଠାରେ କି ବସ୍ତୁର
ଏ ଶ୍ରେଷ୍ଠ କହିଲୁ ଗୋ ?
ଚାର ନ ପାର ଖୀର ବୋଲି ଅମୃତ ଚାର-
କାଷ୍ଠି ଫିଙ୍ଗି ଦେଲୁ ଗୋ ।
ଧାରହେବୁ ପଛେ ସିନା ।
ଗାରମାରେ ସୁଖ ସାର ଦେ ନା ଗୋ । ୧ ।
ଶୁକ ସନକ ଜନକାଦ ତ୍ରୈଲୋକ୍ୟ-
ଯାକ ଯା ନାମ ଭଜନ୍ତି ଗୋ ।
ସେ କରଯୋଡ଼ି, ସେବକ ଜନ ପରି
ତୋ ସମ୍ମୁଖରେ ରହିଥାନ୍ତି ଗୋ ।
(ତାଙ୍କୁ) ନ କର କାରଣ ଅଢ଼ ।
ଟେକ ମୁଖ ଶ୍ୟାମ ଦୁଃଖ ଯାଉ ଗୋ ! । ୨ ।

Digitized by srujanika@gmail.com

ଏଣୀ ନୟନା　　　　କାଣିତ ଅଛୁ ଭାଳି—
ଫଣିରେ ନର୍ତ୍ତନ କଲେ ଗୋ ।
ପୁଣି ସେ କୁଳଣ—　　　　ପାଣି କରୁଁ ଶେଷ,
କାଣି ମନ୍ଦର ଧଇଲେ ଗୋ ।
ପାଣି ଧରୁଅଛୁଁ ଢୋର ।
ବୀଣା-ବାଣୀ ଏ ସ୍ତିତ ନ ଧର ଗୋ । ୩ ।

ଶ୍ରୀରାଧା—

ଗୀତ

କୃଷ୍ଣନାମ ଅଜ—　　　　ଠାରୁ ମୋ ଶ୍ରବଣେ,
ନ ଶୁଣାଇବଟି କେହୁ ଗୋ ।
କୃଷ୍ଣବର୍ଣ୍ଣ ଦ୍ରବ୍ୟ　　　　ଯେ ଦେଖାଇବ ଗୋ,
ନାଶ୍ରୟୁଁ ଭଗାସ୍ସ ସେହୁ ଗୋ ।
ଜାଣିଥାଅ ମୋ ସଜନ !
ଏହୁ ରାଧାର ପ୍ରତିଜ୍ଞା ବାଣୀ ଗୋ । ୧ ।
ନୀଳମଣି ହାର,　　　　ଗଳାରୁ ବାହାର,
କର ସହୁ ! ଫିଙ୍ଗିଦିଅ ଗୋ ।
ମରକତ ଚୁଡ଼ି,　　　　କରୁଁ ନିଅ କାଢ଼ି,
ସୁବର୍ଣ୍ଣ ଚୂଡ଼ି ପିନ୍ଧାଅ ଗୋ ।
ଏ ନୀଳ ଶାଢ଼ୀକି ନେଇ ।
ଯମୁନା ସ୍ରୋତେ ଧାଅ ଭସାଇ ଗୋ । ୨ ।

Digitized by srujanika@gmail.com

ଭାଙ୍ଗି ଚେଲ୍ଲାରୀକ,		ଏ ଗୁଆ ଶାଗ୍ରିକି,
ଚଞ୍ଚଳେ ଉଡ଼ାଇ ଦିଅ ଗୋ ।
କୃଷ୍ଣବର୍ଣ୍ଣ ଶେଯ,		ଅଜି ମୋ ପଲଙ୍କେ
ସଜନିଏ ! ନ ସଜାଅ ଗୋ ।
କଳା ଉପଗ୍ରହ ଯେତେ ।
ସଖୀ ! ନ ଦେଖାଇବ ମୋ ନେତ୍ରେ ଗୋ । ୩ ।

ଲଳିତା—

ଗୀତ

ଅଗୋ ରାଧେ ! କଳାକୁ ତୁ ନିନ୍ଦୁ କାହିଁପାଇଁ ?
କଳାକୁ ତ ଗଣ୍ଡିଧନ କହିଥିଲୁ ସହି ଗୋ । ୧ ।

ଢାଳିଅ ସ୍ନେହରେ ଯାକେ ବୋଲାଉଛୁ କଳା ।
କଳା ଘନେ ଗୃହେଁ ପଗ୍ର ହେଉ ଭାବେ ଭୋଳା ଗୋ ? । ୨ ।

କଳା କୋଇଲର ସ୍ୱନ ଶୁଣି କି ନ ହେଉ ?
ନିରେଖି ନିରେଖି ତାକୁ ଧରିବାକୁ ଧାଉଁ ଗୋ । ୩ ।

କଳା ଭ୍ରମରକୁ ଦେଖି ମଞ୍ଜୀ ସୁମନ ରେ ।
ହସୁଥାଉ କି ବଗ୍ରିହ ଅପଣା ମନରେ ଗୋ ? । ୪ ।

ଅଜ ପୁଣି କହୁ ଏ କି ବିପରୀତ କଥା ?
ସରଳା କୋମଳା ଚିତ୍ତେ ନ ଲାଗେ କି ବ୍ୟଥା ଗୋ ? । ୫ ।

Digitized by srujanika@gmail.com

ସଖୀଗଣ—

ଗୀତ

ମାନମୟୀ ରାଧେ ! ତୋର ଗୋ ଅଜ୍ଞ ଏ କି ବିଧାନ ?
କଳାକୁ ଶରଧା ତୁଟାଇ ଦେଲୁ ଜୀବନ ଧନ ! । ୧ ।
ଯେବଣି ମୟୂର ନାଚକୁ ରଙ୍କ ପର ତୁ ହେଉ ।
ତାକୁ ତ ଅବଶ୍ୟ ଗୁହ୍ଣିବୁ କିମ୍ପା ଏ କଥା କହୁ ? । ୨ ।
ରବ ପୂଜ୍ୟ ଗଲେ କିଶୋରୀମଣି କିବା ଅଧମ !
ଦେଖିବୁ ନାହିଁ କି ତମାଳବନ କଳା ମାଧୁରୀ ? । ୩ ।
ଛାଡ଼ ପାରିବୁ କି କଳାକୁ ଅଗୋ ଚନ୍ଦ୍ର ବଦନା !
ନ ଯିବୁ କି ଧନୀ ! ଗାଧୋଇ କଳାପାଣି ଯମୁନା ? । ୪ ।

ଶ୍ରୀରାଧା—

ଗୀତ

ଅଗୋ ସହୁ ! କଳା ଯମୁନା ଜଳକୁ ନ ଯିବି ଅଉ ଗାଧୋଇ ।
କଳା ତମାଳକୁ ନେତ୍ରେ ନ ଗୁହ୍ଣିବି କହୁଅଛି ଆନ ଦେଇ, ଗୋ ସଖୀ !
କଳା କସ୍ତୁରୀ ଦେଇବ ନାହିଁ, ଗୋ ସହୁ !
କଳାପାଣୀ ଦିଅ ଫୋପଡ଼ାଇ, ଗୋ ସହୁ ! । ୧ ।
କଳା କୋଇଲି ସ୍ୱନକୁ ଗୋ ସଜନି ! ନ ଶୁଣିବ ମୋ ଶ୍ରବଣ ।
କଳାକୁ ଲୀଳା ନେତ୍ରେ ନ ଦେଖିବ ଏ ମୋ ଦୃଢ଼ ବ୍ରତ ଜାଣ, ଗୋ ସହି !
କଳା ଯା ଅଛି ଫିଙ୍ଗ ପାଣି କି, ଗୋ ସହି !
କଳା ନଦିଅ ମୋ ପୁରେ ରଖି, ଗୋ ସଖି । ୨ ।

Digitized by srujanika@gmail.com

କଳା କମଳକୁ ନ ଗୁନ୍ଥିବ ଅଳ, ନ ତୋଳିବ କଳା ମଲ୍ଲୀ ।
କଳା ଭ୍ରମର ମୋ ପାଶକୁ ନ ଅଣ ଏତିକି ପ୍ରାର୍ଥନା ଭଲି, ଗୋ ମିତ !
କଳାଦ୍ରବ୍ୟେ ନ ବଳାଅ ଚିତ୍ତ, ଗୋ ମିତ !
କଳା ବେଳକୁ ହେଲ ଅଦ୍ଭୁତ, ଗୋ ମିତ ! । ୩ ।
କଳାମେଘୀ-ଗୃଦ୍ଧଅକୁ ଗୋ ଏଣିକି ଚାଣିବ ନାହିଁ ସଦନେ ।
କଳାରୁ ଶରଧା ତୁଟାଇଲି ଗଧା ବୋଲି ରଖିଥାଅ ମନେ, ଗୋ ସହି !
କଳାମାନଙ୍କୁ ବିଶ୍ୱାସ ନାହିଁ, ଗୋ ସହି !
କଳା କାଳେ ପରାଣେ ନାଶଇ, ଗୋ ସହି ! । ୪ ।

ସଖୀମାନଙ୍କର—

ଗୀତ

ଲଳିତା—କି ନିନ୍ଦ କଳାକୁ ରାଧେ ! ତୁମ୍ଭ କେଶ କଳା ?
ଶ୍ରୀରାଧା—ଚନ୍ଦନ ବୋଳି ତାହାକୁ କରିଦଅ ଧଳା । ୧ ।
ବିଶାଖା—ଦେଖ ଉଳଚିହ୍ନ ତୁମ୍ଭ ଅଙ୍ଗେ ଦାଉ ଦାଉ ?
ଶ୍ରୀରାଧା—ତିଳକ ଲଗାଇଦଅ ତା ଗରବ ଯାଉ । ୨ ।
ଚିତ୍ରା—ତୁମ୍ଭ ସୁନାଅଙ୍ଗେ ବିରାଜଇ କଳାଶିରା ?
ଶ୍ରୀରାଧା—ଘୋଡ଼ାଅ ବସନେ ତାକୁ ଅଗୋ ଚିତ୍ରା ଧୀରା । ୩ ।
ଚମ୍ପକଲତା—ଅଗଣାରେ ତମାଳ ରୋପିଛ ସ୍ନେହେ ଲୋଡ଼ି ?
ଶ୍ରୀରାଧା—ଏହିକ୍ଷଣି ତାକୁ ସଖି ! ଦିଅ ଗୋ ଉପାଡ଼ି । ୪ ।
ଇନ୍ଦୁରେଖା—ବଗିଚାରେ ଫୁଟାଫୁଲେ ବସିବ ଭ୍ରମର ?
ଶ୍ରୀରାଧା—କହକୁ ଛୁଞ୍ଚାଇଦଅ ନ କର ଡର । ୫ ।
ତୁଙ୍ଗବିଦ୍ୟା—ଶ୍ୟାମା ସଜନୀ ତ କାଳୀ, ଅଛନ୍ତି ସେବାରେ ?
ଶ୍ରୀରାଧା—ନିଷେଧ ତାହାକୁ, ପାଖ ନ ମାଡ଼ୁ ସେ ବାରେ । ୬ ।

Digitized by srujanika@gmail.com

ସୁଦେବୀ—ଅକାଶକୁ ଗୃହିଁବ ତ ଅଟେ ଶ୍ରୀରାଧିକେ ?
ଶ୍ରୀରାଧା—ନ ଗୃହିଁବ ଅକାଶକୁ, ଜୀବ ଥିବାଯାକେ । ୭ ।
ରଙ୍ଗଦେବୀ—ଆଖି ଡୋଳା ମୋଡ଼ିକ ତ କଳା ଗୋ ସୁମୁଖି ?
ଶ୍ରୀରାଧା—ସବୁବେଳେ ରହିଥିବ ବୁଜି ଦୁଇ ଆଖି । ୮ ।
ଲଳିତା—ଆଖି ବୁଜିଲେ ଅନ୍ଧାର, ସେ ତ ଘୋର କଳା ?
ଶ୍ରୀରାଧା—ଦେଖ ତୋ ଶେଷ ଉପାୟ ମୋ ଦେହ ନ ଚଳା । ୯ ।
ଏହି ଚନ୍ଦ୍ରମୁଦ୍ରିକାରେ ଅଛି ହୀରାକଣି ।
ଚୁମ୍ବି ଦେଇ ପ୍ରାଣ ହରାଉଛି ଏହିକ୍ଷଣି । ୧୦ ।

(ରନ୍ତ୍ରମୁଦ ମୁଖରେ ଦେବାକୁ ଉଦ୍ୟତ)

ଲଳିତା—(ଚଞ୍ଚଳ ହସ୍ତକୁ ଧରି ପକାଇ କହିଲେ) ରାଧେ ! ରାଧେ !
ଇଏ କଣ କରୁଚ ? ଛାର ମାନ ଲାଗି ପ୍ରାଣ ହରେଇ-
ଦେବାକୁ ବସୁଚ ? ମାଲଜ ! ଏ ବୁଦ୍ଧି ଛାଡ଼, ଦମ୍ଭ ଧର ।
ଶ୍ରୀରାଧା —(ଡକ୍ଷୁଡୋଳା ଲେଉଟାଇ ମୂର୍ଚ୍ଛିତା)
ସଖୀଗଣ—(ତାଟକା ହୋଇ ରୋଦନ କରିବା ଅଭିନୟ)

ଗୀତ

ସଖି ! ସରିଲା ଆମ୍ଭ ଭରସା ।
କି ହେଲା ଗୋ ଜେମାଦେଇ ଦଶା ?
ସତେ ବଞ୍ଚିବେ କି ନୟନ ସଞ୍ଚାଳି,
ସୁକୁମାରୀ କିଶୋରୀ ସୁଦୃଶା, ଗୋ ସଙ୍ଗିଏ । ୧ ।

Digitized by srujanika@gmail.com

କି ଭଲ ଗୋ ଦାରୁଣ ଦଇବ ?
ଏହା ଦେଖି କା ହୃଦ ସହୁବ ?
ଧିକ ଏ ଜୀବନ, ଧିକ ସଖୀପଣ,
ଧିକ ପ୍ରୀତି ଦୁଃଖ ଅନୁଭବ, ଗୋ ସଖି ଏ । ୨ ।

ଲଳିତା—ଧନ ! ସାମାନ୍ୟ କଥାକୁ ଏପରି କାହିଁକି ହୋଇଗଲ ? ସଚେତ ହୁଅ ।

(କର୍ଣ୍ଣ ଫୁଙ୍କିବା ଅଭିନୟ)

ଶ୍ରୀରାଧା—(ଦୀର୍ଘ ନିଶ୍ୱାସ ତ୍ୟାଗକରି ସଚେତ ହେଲେ)

ଲଳିତା—ହିଧିବେ ! ଏତେ କଷ୍ଟ କାହିଁକି ସହୁଚ ? ଶ୍ରୀକୃଷ୍ଣଙ୍କ ଠାରୁ ଏ ରୋଷ ଛାଡ଼ ସଖି !

ବିଶାଖା—ଧନ ! ଏ ଗୁମାନ କରି କେତେଦିନ ରହିବୁ ? ସଖି ! ଆମମାନଙ୍କ ପ୍ରାର୍ଥନା ରକ୍ଷାକର ।

ଗୀତ

ଏ ଗୁମାନ କରି ଗୋରି ! ରହି ପାରିବୁ କି ରେ ?
ଚଳେ ହେଲେହେଁ ନାଗରୀ ନାଗରବରେ । ଘୋଷା ।
ବଂଶୀକି ଧରି ତୋହରି ନାମ ଉଚ୍ଚାରି,
ଡାକିଲେ ତୁ ତା ପାଶକୁ ନ ଯିବୁ କି ରେ ? । ୧ ।
ଲୁଚି ଅଗରି ରହିବାକୁ କି ଶୋଭା !
ଯାହା ହୋଇଗଲାଣି ତୁ ଏଥି ମଧ୍ୟରେ । ୨ ।

Digitized by srujanika@gmail.com

ତା କଥା ନାଥ, ପଢ଼ାଇବେଳେ ଶୁଣ—

ନୃପଙ୍କୁ ଡେଉ ରହୁଥାଇ ପଗ ରେ ? । ୩ ।

ଲଳିତା—ମାନମୟି ! ତୁ ପଗ୍ ବିବେକବତୀ ବୋଲାଉ ? ତୋତେ

ଏ ଗୀତ କଣ ଶୋଭାପାଏ ?

ଗୀତ

ସଖି ! ବିବେକବତୀ ପଗ୍ ବୋଲାଉ ଗୋ ?

ନାଥ ନାଥ ଏ ଗୀତ କାହିଁ ଭିଆଉ ଗୋ ?

କାନ୍ତ ପ୍ରବେଶେ ଅପମାନ ଦିଆଉ ଗୋ । ଘୋଷା ।

ଗୁନ୍ଥ କୁଟିଳବେଣୀ, ଗଣ୍ଡେ କର ନବେଣି,

ମୃଦୁ ନୟନ୍ ଲୋତକ ବରଷାଉ ଗୋ । ୧ ।

ସଖୀଗଣ—(ଅନୁକୂଳଭାବରେ)

ଗୀତ

ପ୍ରିୟସଖି ! ହେଲୁ କି ଏହା ମୂଢ଼ର ଗୋ ?

ଯାହା ଲାଗି ତୋର, ଓଷ୍ଠା ବ୍ରତ ଚାର,

ତାଙ୍କୁ ଭରଦେଲୁ ପର ଗୋ । ଘୋଷା ।

(ଯାକୁ) ନ ଦେଖିଲେ ଦଣ୍ଡେ, କର ମଣ୍ଡି ଗଣ୍ଡେ;

(ତୁ) ଅଧୀ ମାରେ ଜର ଜର ଗୋ ।

ଅତ ଅନୁଳିତା, ହୋଇ ହେମଲତା;

ଭାଳୁଥାଉ ନିରନ୍ତର ଗୋ । ୧ ।

Digitized by srujanika@gmail.com

ଶ୍ରୀରାଧା—(କ୍ରୋଧରେ କର୍କଶସ୍ୱରରେ ହୋଇ) ସଖିଏ ଗୋ ! ମୁଁ ତମମାନଙ୍କ ଏତେ ପ୍ରକାରେ କହିଲି, ସେ ଲମ୍ପଟ କଥା ମୋତେ ଶୁଣାଅ ନାହିଁ ବୋଲି, ତାହା ଅବଜ୍ଞା କରି ପୁଣି ମୋ ଆଗରେ ପ୍ରକାଶ କଲ । ଏଥିପାଇଁ ଆଜଠାରୁ ତମମାନଙ୍କର ସବୁ ସେବା ମନା କଲି ।

ଗୀତ

ଅଗୋ ଲଳିତେ ମୋର ପରାଣ ସହି !
ତାମ୍ବୁଲ ସେବା ତୋର ଖାଇବି ନାହିଁ ଗୋ,
ପରାଣ ସହି ! । ୧ ।
ଅଗୋ ବିଶାଖେ ! ତୋତେ କଲି ମୁଁ ମନା ।
ଗନ୍ଧ ଚନ୍ଦନ ତୁ ମୋ ପାଶେ ଆଣନା ଗୋ,
କଲି ମୁଁ ମନା । ୨ ।
ଅଗୋ ମୋ ଚିତ୍ରା ସଖି ! ଦାଇନା ଧେନ ।
ନିଷେଧ କଲି ତୋର କୁଞ୍ଜାବସନ ଗୋ,
ଦାଇନା ଧେନ । ୩ ।
ଚମ୍ପକଲତା ! ତୋତେ କହୁଛି ମୁହିଁ ।
କଳା ଭ୍ରମର ଆଜ ଝାଳିବୁ ନାହିଁ ଗୋ ,
ପରାଣ ସହି ! । ୪ ।
ତୁଙ୍ଗବିଦ୍ୟା ସଖି ଗୋ ! ମୋ କଥା ଧେନ ।
(ଆଜ) ନ କରିବୁ ମଙ୍ଗଳ ବୀଣା ବାଦନ ଗୋ,
ଏ ନିବେଦନ । ୫ ।

Digitized by srujanika@gmail.com

ହେ ସଖି ଇନ୍ଦୁରେଖା ! ନମଣି ଛନ୍ଦ ।
ତୋ ନୃତ୍ୟ ଗୀତ ସେବା କଲ୍ ବାସନ୍ଦ ଗୋ,
ନମଣି ଛନ୍ଦ । ୬ ।
ଅହୋ ସୁଦେବୀ ସଖି ! କହୁଛୁ ତୋତେ ।
ସୁବାସ ଜଳ ଅଜ୍ଞ ନ ଦେଲୁ ମୋତେ ଗୋ,
କହୁଛୁ ତୋତେ । ୭ ।
ହେ ରଙ୍ଗଦେବୀ ମୋର ପ୍ରାଣ ମିତଣି !
ତର ତୁ ବନ୍ଦ ଅଙ୍ଗୁଁ ରାଗରଗିଣୀ ଗୋ,
ପ୍ରାଣ ମିତଣି ! ।

ସଖିମାନେ ! ଏବେ ଚଞ୍ଚଳ ମୋ ପାଖରୁ ଗୁଲ୍‌ଯାଅ, ମୁଁ ଯାଉଚ ଶୟନ ମନ୍ଦିରେ ଚରଣଯୁନ କର ସଭଙ୍କି ପାଶୋରିବ ।

(ଚଞ୍ଚଳ ପ୍ରସ୍ଥାନ)

ବିଶାଖା—ଧନ ! ଧନ ! ଏ ଦାସୀମାନଙ୍କ କାହିଁକି ଏ ଦଣ୍ଡ ?

ଲଲିତା—ଜୀବନସଖୀ ! ତୋତେ ଛାଡ଼ି ଅମେମାନେ କେଉଁ ଅଟେ଼ ଯିବୁଁ ? ମାନିନ ! ଜଣକ ଦୋଷରେ ସମସ୍ତଙ୍କୁ ପର କରି ଗୁଲ୍‌ଯିବାଟା କଅଣ ଉଚିତ ହେଲ ? ଅହା ! (ସଖୀମାନଙ୍କ ପ୍ରତି) ସଖିଏ ଲୋ ! ଆସିବଟି—ସମସ୍ତେ ସେବା ପ୍ରାର୍ଥନା କରିବା ।

ସଖୀଗଣ—ଗୁଲ ସଖି ! ଗୁଲ ଗୁଲ ।

(ବେଗେ ସମସ୍ତଙ୍କ ପ୍ରସ୍ଥାନ)

ପଟ୍ଟ ପରିବର୍ତ୍ତନ

Digitized by srujanika@gmail.com

ଚତୁର୍ଥ ଅଙ୍କ

ଦ୍ୱିତୀୟ ଦୃଶ୍ୟ

ବୃନ୍ଦାବନ ପଥ

(ବନଦେବୀ ବୃନ୍ଦା ଦଣ୍ଡାୟମାନା)

ଶ୍ରୀକୃଷ୍ଣ—(ଅଶ୍ରୁ ମାର୍ଜନ କରି କରି ପ୍ରବେଶ)

ବୃନ୍ଦା—ମୋହନ ! ତୁମ୍ଭଙ୍କୁ ଏପରି ଦଶା କିଏ ଦେଲା ?
ନୀଳମଣି ! ତୁମ୍ଭ ମୁଖଚନ୍ଦ୍ରମାଟି ଏଡ଼େ ମଳିନ ଦିଶୁଛି କାହିଁକି ?
ନୟନରୁ ଧାର ଧାର ହୋଇ ଲୁହ ବହି ଯାଉଛି କାହିଁକି ?
ବିମ୍ବାଧରଟି ଶୁଖି ଯାଇଛି କାହିଁକି ?

ଶ୍ରୀକୃଷ୍ଣ—(ଅଞ୍ଚଳରେ) ବୃନ୍ଦେ ! ମୋ ଦୁଃଖ କହୁଛି; ଶୁଣ—

ଗୀତ

ଶୁଣ ଶୁଣ ଅଗୋ ବୃନ୍ଦେ,   କେବଳ ପରାଣ ବାନ୍ଧେ,
କିପରି ଲଭିବି ପ୍ରାଣେଶ୍ୱରୀ ।
ମୋହର କରମ ଦୁଷ୍ଟ,   କୃପାନିଧି ତୋପାବିଷ୍ଟ,
ଅପେ ମୁଁ ଅର୍ଜିଲି ଏଥି ଶିରୀ ଗୋ ।
ବୃନ୍ଦେ ଗୋ ! କହ କି କରିବି କାହିଁ ଯିବି ?
କି ଉପାୟେ ଧନୀକି ପାଇବି ଗୋ ?। ୧ ।
ସକଳ ଭରସା ତୁହି,   ମହା ଅପରାଧି ମୁହିଁ,
ସହଜେ କିଶୋରୀ କ୍ଷମାନିଧି ।

Digitized by srujanika@gmail.com

ରହୁବ ପରାଣ ମୋର,   ଧନ୍ୟା କ୍ରୋଧ ହେବ ଦୂର,
ଦିଅ ମୋତେ ସଖୀ ! ଏହୁ ବୁଦ୍ଧି ଗୋ ।
ବୃନ୍ଦେ ଗୋ ! କି କହୁବ ମୋର କର୍ମ ବାଧା ।
ତେଜିଲା ପରାଣ ବନ୍ଧୁ ରାଧା ଗୋ । ୨ ।

ରାଧା—ଗୋକୁଳାନନ୍ଦ ! ତେମେ ତ ନିଜେ ଏହା ଅର୍ଜିଚ, ମୁଁ କଅଣ କରିବ ? ମୋତେ ଏଥିପେଇଁ କିଛୁ ବୁଦ୍ଧି ଦିଶୁନାହିଁ ।

ଶ୍ରୀକୃଷ୍ଣ—ତେବେ ଯାଉଛୁ, କାଳନ୍ଦୀକି ଡେଇଁ ପ୍ରାଣ ହରେଇ ଦେବ ।

ବୃନ୍ଦା—ନୀଳମଣି ! ଏହା କହନା; ମୁଁ ପୌର୍ଣ୍ଣମାସୀ ଭଗବତୀଙ୍କି ଧ୍ୟାନ କରେଁ, ସେ ଏହାର ପ୍ରତିକାର କରିବେ ।

(କର ଯୋଡ଼ି ଧ୍ୟାନ କରିବା)

(ପୌର୍ଣ୍ଣମାସୀଙ୍କ ପ୍ରବେଶ)

ଶ୍ରୀକୃଷ୍ଣ—(କାନ୍ଦି କାନ୍ଦି ପ୍ରଣାମ କରିବା)

ପୌର୍ଣ୍ଣମାସୀ—ବୃନ୍ଦାବନଚନ୍ଦ୍ର ! ତମର ଇଏ କି ଦଶା ? ଆହା ! ସୁକୁମାର ଅଙ୍ଗଟି ଝାଉଁଳିଲା ନବ ତମାଳ ପରି ଶୋଭାହୀନ ଦିଶୁଛି କାହିଁକି ? (ବୃନ୍ଦାଙ୍କୁ ଚାହିଁ) ବୃନ୍ଦେ ! ନନ୍ଦନନ୍ଦନଙ୍କର ଆଜି ଏପରି ଅବସ୍ଥା କାହିଁ ?

Digitized by srujanika@gmail.com

ବୃନ୍ଦା—(ଅକୁଳତା ଭାବେ) ଭଗବତି ! ରାଧାର ଦୁର୍ଦ୍ଦୈବ ମାନ ହେତୁ ।

ପୌର୍ଣ୍ଣମାସୀ—ନୀଳମଣି ! ତମେ ରାଧାର ପ୍ରାଣ, ରାଧା ତମର ପ୍ରାଣ । ଏବେ କହୁଚି ଶୁଣ । ଚନ୍ଦ୍ରାନନ ! ବପ୍ରାଳାପରେ ମହାମାନ, ଆଜ ପଣ୍ଡାଭାପରେ ଆଳାପନ, ଏ ସବୁ ଦୁର୍ଦ୍ଦୈବମାନର ଲକ୍ଷଣ । ମୋହନ ! ଅକୁଳରେ ଅନୁକୂଳ ଅଛୁ, ଏଣିକି ତୁମର ମୋଦ ଇନ୍ଦୁ ଉଦୟ ହେବ । ଆଜ ଅକୁଳତ ହୁଅନା । ମୁଁ ଯାଉଛୁ, ବୃନ୍ଦାର ଆଦେଶ ଅନୁସାରେ କାର୍ଯ୍ୟ କର ।

(ପ୍ରସ୍ଥାନ)

ଶ୍ରୀକୃଷ୍ଣ—ବୃନ୍ଦେ ! ପୌର୍ଣ୍ଣମାସୀ ତ ଏପରି କହିଗଲେ, ମୁଁ ଏବେ କଅଣ କରିବି ?

ବୃନ୍ଦା—ମୋହନ ! ମୁଁ ଗୋଟିଏ ଉପାୟ କହିବି, ତା କରି ପାରିବ କି ?

ଶ୍ରୀକୃଷ୍ଣ—କଅଣ କହ ବୃନ୍ଦେ !

ବୃନ୍ଦା—ତମେ ରାଧାର ପ୍ରିୟସଖୀମାନଙ୍କ ନିକଟକୁ ଯାଇ ପ୍ରାର୍ଥନା କର । ସେମାନେ ପଦେ ଅଧେ କହି ମାନିନୀର ମାନ ଛୁଟେଇ ପାରନ୍ତି । ତମେ ଯାଅ, ମୁଁ ଶ୍ରୀକୁଣ୍ଡଠାକୁ ଯାଉଚି ।

(ଏକ ଦଗରେ ଶ୍ରୀକୃଷ୍ଣ ଓ ଅନ୍ୟ ଦଗରେ ବୃନ୍ଦାଙ୍କର ପ୍ରସ୍ଥାନ)

ପଞ୍ଚ ପରିବର୍ତ୍ତନ

Digitized by srujanika@gmail.com

ଚତୁର୍ଥ ଅଙ୍କ

ତୃତୀୟ ଦୃଶ୍ୟ

ଲଳିତାଙ୍କ ଭବନ

(ସଖୀମାନଙ୍କ ସହିତ ଲଳିତା ରାଧାଙ୍କ ଦୁଃଖ ଭାବ ବସିଥିବା)

ଗୀତ

ସତେ ପାଳିଛିବ ଅମ୍ଭ ଦୁର୍ଦ୍ଦଶା ।
କଶୋରୀ କାହ୍ନୁ କି ଖେଳବେ ପଶା ଗୋ ।
ପ୍ରାଣସଙ୍ଗିନି !
ସତେ କି ଦେଖିବା ସେ ଯୁଗଳ ଠାଣି ଗୋ । ୧ ।
ଦେଖିବା ମଳିନ ପଙ୍କଜ ମୁଖ ।
ସତେ କି ବଧାତା ହରିବ ଦୁଃଖ ଗୋ ।
ଏ ପାପନେଣ ।
ଦରଶନେ ହୋଇବ ସତେ ପବନ ଗୋ । ୨ ।
ପହଣ୍ଡ ମଣୋହି କୁଞ୍ଜକୁ ନେବା ।
ଈଭସାରେ କି ପାଦେଡ଼ା ପାଇବା ଗୋ ।
ପ୍ରାଣସଙ୍ଗିନି !
ସତେ କି ଦେଖିବା ସେ ଯୁଗଳ ଠାଣି ଗୋ । ୩ ।
ଫୁଲଫୁଲ ଦେବା ସକଳେ ମିଳି ।
ବୃନ୍ଦାବନ ପଡ଼ିଥିବ ଉଜୁଳି ଗୋ ।

Digitized by srujanika@gmail.com

କେବେ ସ୍ତ୍ରୀ ହେବ ?
ତେବେ ସଖୀପଣ ସାଥ ହୋଇବ ଗୋ । ୪ ।

ଲଳିତା—ସଖିଏ ଲୋ ! ଆମମାନଙ୍କ କରମ ତ ପୋଡ଼ା, ଆଉ ଯୁଗଳ-
ମୂରତଙ୍କ ମିଳନ ଶୋଭା କାହୁଁ ଦେଖିବା ?

ବିଶାଖା—ସଖି ! ଦଶା ମନ୍ଦବେଳେ ସବୁ ଏଇପରି ।

ଚିତ୍ରା—ସଖି ! ସତେ କଣ କିଶୋରୀଙ୍କ ପ୍ରସନ୍ନ ମୁଖ ଏ ପାପ ଆଖି
ଦେଖିବ ?

ଚମ୍ପକଲତା—ସଖି ! ସତେ କଣ ରାଧା ନାମରେ ବଂଶୀ ବାଜିବ ?

ଇନ୍ଦୁରେଖା—ସଖି ! ସତେ କଣ ଯମୁନା ଉଜାଣି ବହିବ ?

ତୁଙ୍ଗବିଦ୍ୟା—ସଖି ! ସତେ କଣ ବୃନ୍ଦାବନରୁ ଫୁଲ ତୋଳିବା ?

ରଙ୍ଗଦେବୀ—ସଖି ! ସତେ କଣ ବସନ୍ତ କୋଇଲି ଡାକିବ ?

ସୁଦେବୀ—ସଖି ! ସତେ କଣ ଶୁଆ ଶାରୀ ଦୁହିଁଙ୍କ କଳି ଶୁଣିବା ?

ଲଳିତା—ସଖିଏ ଲୋ ! ଭାଗ୍ୟ ଲେଖିଥିଲେ ଏମାନ ହେବ ଅବା ।

ଚିତ୍ରା—ସଖି ! ଏ ଝୁମ୍ ଝୁମ୍ ନୁପୂର ଧ୍ୱନି କା'ର ଶୁଭୁଚି ମ ?

ବିଶାଖା—(ଟିକିଏ ଗୁହିଁ ଦେଇ) ସେଇ ଗୋ ! ସେଇ ଧୂର୍ତ୍ତ ଲମ୍ପଟ
ଆସୁଛନ୍ତି ।

ଶ୍ରୀକୃଷ୍ଣ—(କାନ୍ଦ କାନ୍ଦ ଅଶ୍ରୁମୁଖନ କରି ପ୍ରବେଶ)

ଲଳିତା—ଲମ୍ପଟ ! ଆମ ଜେମାମଣିଙ୍କି ତ ଏତେ ଅବସ୍ଥା ହେଲା,
ଆଉ କୁଆଡ଼େ ଆସୁଚ ? ଯାଅ, ତେଣେ ଯାଅ ।

Digitized by srujanika@gmail.com

ସଖୀଗଣ—(ଏକଧାଡ଼ ହୋଇ ଠିଆହେବା ଅବସ୍ଥା)

ଶ୍ରୀକୃଷ୍ଣ—(ବନସ୍ଥରେ)

ଗୀତ

ଅଗୋ ସଖୀଗଣ, ମୋର ନିବେଦନ
ସୁଚିତ୍ତେ ଶ୍ରବଣ କର ।
ମହା ମାନମୟୀ, ବିନୋଦିନୀ ରାଇ—
ବିନେ ଜୀବ ଯିବ ମୋର ।
ଆଉ ବଞ୍ଚିବ ନାହିଁ । ପ୍ରତିକାର କର ସର୍ବ ସହି । ୧ ।
ଯେଉଁ ଧନୁ ଧନୀ, ହୋଇଛନ୍ତି ମାନିନୀ,
ସେଧନ୍ନୁ ଗଲଣି ସବୁ ।
କେବଳ ଜୀବନ, ରହିଅଛି ପିଣ୍ଡେ,
ପୂର୍ବ ପ୍ରୀତି ଲଭି ଲେଖୁଁ ।
ଗାଢ଼ ମାନ ଛୁଟାଇ । ଏ ଜୀବନ ରଖ ପ୍ରିୟ ସହି । ୨ ।

(ଲଳିତାଙ୍କ ପ୍ରତି) ଲଳିତେ ! ମାନମୟୀର ମାନ ଛୁଟାଇ ଏ ଜୀବନ ରଖ ।

ଲଳିତା—ନଟକୁଟିଆ ହେ ! ଶୁଣ :—

ଗୀତ

ଶୁଣ ହେ ନାଗର, ତୁମ୍ଭ ଲାଗି ମୋର,
ତାମ୍ବୂଳ ସେବାରେ ବାଧା ।
ପଢ଼ଣ ବଢ଼ଆ, ସରି ଯାଉଅଛୁ,

Digitized by srujanika@gmail.com

ମଣୋହି ନ କରେ ସୁଧା ।
ମୁଁ ପାରବ ନାହିଁ ହେ !
ମାନିନୀ ମାନ ଛୁଟାଇ (ପାରବ ନାହିଁ ହେ)
ପଗ୍ରର, ପଗ୍ରର (ବଶାଖା ସଖୀଙ୍କ ବନ୍ଧୁ !) । ୧ ।

ଶ୍ରୀକୃଷ୍ଣ—(ବଶାଖା ନିକଟକୁ ଯାଇ ବନୟରେ କହିଲେ)
ସଖି ବଶାଖେ ! ମାନମୟୀର ମାନ ଛୁଟାଇ ଏ ଜୀବନ ରଖ ।

ବଶାଖା—ଲମ୍ପଟିଆ ହେ ! ଶୁଣ :—

ଗୀତ

ଶୁଣ ହେ ନାଗର,   ତୁମ୍ଭ ଲଗେ ମୋର,
ନିଜ ସେବା ଅଭ୍ ନାହିଁ ।
ଗନ୍ଧଚନ୍ଦନ ମୋ   ଗଟିବା ଛୁଟିଛୁ,
ମୋ ହାତେ ଏହା ନୁହଇ ।
(ଏବେ) ମୋ ପାଶରୁ ଯାଅ ହେ ।
(ଏ) ଚନ୍ଦ୍ରା ସଙ୍ଗିନୀକ କହ । ୨ ।

ଶ୍ରୀକୃଷ୍ଣ—(ଚନ୍ଦ୍ରା ପାଶକୁ ଯାଇ ବନୟରେ)
ସଖି ଚନ୍ଦ୍ରେ ! ତୋ ଶରଜ କୌଶଳରେ ମାନମୟୀର ମାନ ଛୁଟାଇ ମୋ ଜୀବନ ରଖ ।

ଚନ୍ଦ୍ରା—କପଟିଆ ହେ ! ଶୁଣ :—

ଗୀତ

ଶୁଣ ହେ ନାଗର,   ଲମ୍ପଟଶେଖର,
ମୋହଠାରେ କାର୍ଯ୍ୟ ନାହିଁ ।

Digitized by srujanika@gmail.com

ତୁମ୍ଭ ଲାଗି ମୋର,   ନୀଳବାସ ସେବା
ଶୂନ୍ୟ ହୋଇଅଛି କହ୍ନାଇଁ !
ମୋ ପାଶରୁ ଯାଅ ହେ !
ଚମ୍ପକଲତାକୁ କହ । ୩ ।

ଶ୍ରୀକୃଷ୍ଣ—(ଚମ୍ପକଲତା ପାଖକୁ ଯାଇ କରୁଣସ୍ୱରେ)
ସଖି ! ମାନମୟୀର ମାନ ତୁଟାଇ ଏ ଜୀବନ ରଖ ।

ଚମ୍ପକଲତା—ନଟନାଗର ହେ ! ଶୁଣ :—

ଗୀତ

ଶୁଣ ହେ ନାଗର,   ମୋଠାରେ ତୁମ୍ଭର,
କାର୍ଯ୍ୟ ନାହିଁଟି ଗୋବନ୍ଦ !
ତୁମ୍ଭ ଲାଗି ମୋର,   ଏ କୃଷ୍ଣ ସୁନ୍ଦର,
ସେବା ହୋଇଅଛି ବନ୍ଦ ।
ମୋ ପାଶରୁ ଯାଅ ହେ !
ଇନ୍ଦୁରେଖାକୁ ବୁଝାଅ । ୪ ।

ଶ୍ରୀକୃଷ୍ଣ—(ଇନ୍ଦୁରେଖା ପାଖକୁ ଯାଇ କରୁଣସ୍ୱରେ)
ସଖି ! ମାନମୟୀର ମାନ ତୁଟାଇ ଏ ଜୀବନ ରଖ ।

ଇନ୍ଦୁରେଖା—ମୋହନ ହେ ! ଶୁଣ :—

ଗୀତ

ଶୁଣ ହେ ମୋହନ,   ଯଶୋଦା ରତନ
ମାନ ଅତି ଗୁରୁତର ।

Digitized by srujanika@gmail.com

ତୁମ୍ଭ ଲାଗି ବନ୍ଧୁ, ଦରପଣ ସେବା,
ସ୍ୱପନ ହେଲାଣି ମୋର ।
(ବନ୍ଧୁ) ମୋ ପାଶରୁ ଯାଅ ହେ ।
ତୁଙ୍ଗଵିଦ୍ୟା ପାଶେ କହ । ୫ ।

ଶ୍ରୀକୃଷ୍ଣ—(ତୁଙ୍ଗଵିଦ୍ୟା ପାଖକୁ ଯାଇ ବିନୟରେ)
ସଖି ! ମାନିନୀର ମାନ ତୁଟାଇ ଏ ଜୀବନ ରଖ ।

ତୁଙ୍ଗଵିଦ୍ୟା—ନାଗର ହେ ! ଶୁଣ :—

ଗୀତ

ଶୁଣ ହେ ନାଗର, ଏବେ ମୋର ଗୀର,
ବଢ଼ି ମାନ ଗୁରୁତର ।
ତୁମ୍ଭ ଲାଗି ବନ୍ଧୁ, ଉଙ୍ଗ ବାଦ୍ୟ ସେବା,
ଦୂର ହୋଇଛୁ ମୋହର ।
ମୋ ପାଶରୁ ଯାଅ ହେ !
ସୁଦେବୀ ସଖୀରେ କହ । ୬ ।

ଶ୍ରୀକୃଷ୍ଣ—(ସୁଦେବୀ ପାଖକୁ ଯାଇ ବିନୟରେ),
ସଖି ! ମାନମୟୀର ମାନ ତୁଟାଇ ଏ ଜୀବନ ରଖ ।

ସୁଦେବୀ—ଖଣ୍ଡ ଲମ୍ପଟ ହେ ! ଶୁଣ :—

ଗୀତ

ଶୁଣ ହେ ନାଗର, ଖଣ୍ଡ ନଟବର,
ମୋ ହାତେ ନୁହଇ କଛୁ

Digitized by srujanika@gmail.com

ତୁମ୍ଭ ଲାଗି କର,   ହେମ ଜଳଙ୍ଗର,
ସେବା ମୋ ଶୂନ୍ୟ ହୋଇଛି ।
ବନ୍ଧୁ ଯାଅ ଯାଅ ହେ ।
ରଙ୍ଗଦେବୀଙ୍କ କୁଞ୍ଜଅ । ୭ ।

ଶ୍ରୀକୃଷ୍ଣ—(ରଙ୍ଗଦେବୀ ପାଖକୁ ଯାଇ ବିନୟେ)
ସଖି ! ମାନବତୀର ମାନ ଛୁଟାଇ ଏ ଜୀବନ ରଖ ।

ରଙ୍ଗଦେବୀ—ମୋହନ ହେ ! ଶୁଣ :—

ଗୀତ

ଶୁଣ ହେ ମୋହନ,   ଗୋପନା ରତନ,
ବହୁଛି ଦୁର୍ଜୟ ମାନ ।
ତୁମ୍ଭ ଲାଗି ମୋର,   ପାଶୋର ଗଲଣି,
ଲଳିତ ନର୍ତ୍ତନ ଗାନ ।
ଯାଅ ଯହିଁ ତହିଁ ହେ ।
ମୋ ହାତେ ଏହା ନୁହଇ । ୮ ।

ଶ୍ରୀକୃଷ୍ଣ—(ଅକୁଳରେ) ହାୟ ! ହାୟ ! !
(ଏହି ଅର୍ଦ୍ଧୋକ୍ତିରେ କୃଷ୍ଣଙ୍କ ଗୃହେ ଛଳ ଛଳ ନେତ୍ରେ ରହିଗଲେ)

ଲଳିତା—ମୋହନ ! ଆଜ ଅକୁଳ ହେଲେ କ'ଣ ହେବ ? ଏବେ ସାର କଥା ଶୁଣ ।

ସମସ୍ତେ—(ସମସ୍ୱରେ ଗୀତଛଳେ କହିଲେ)

Digitized by srujanika@gmail.com

ଗୀତ

ସଇ ମାନ-ଅଗ୍ନି ଏବେ ପ୍ରବଳ ଜଳଇ ।
ତୁମ୍ଭ ଏ ବଚନସ୍ତ ଘୃତ କଏ ଦେବ ଢହୁଁ ?
ନଟ ନାଗର ହେ ! ରସସାଗର ହେ ! । ୧ ।

କୁ କାସଦ ଶବଦେ ଯେ କର୍ଣ୍ଣକୁ ମଦୁଛୁ ।
ଅପଣା କେଶକୁ ବଷ ସମାନ ମଣୁଛୁ ।
ନଟ ନାଗର ହେ ! ରସସାଗର ହେ ! । ୨ ।

ନୀଳ ବାସ ନୀଳ ପୁଷ୍ପ କଜ୍ଜ୍ୱଳ କସ୍ତୁରୀ ।
ମାନିନୀ ମାନିଛି ତାକୁ ହୁତାଶନ ପର ।
ନଟ ନାଗର ହେ ! ରସସାଗର ହେ ! । ୩ ।

ଯମୁନା ପାଣିକି ଅଜ ଯାଉନାହିଁ ଧନୀ ।
ନେନେ ଦେଖୁନାହିଁ କ୍ଷଣେ ଅନ୍ଧାର ରଜନୀ ।
ନଟ ନାଗର ହେ ! ରସସାଗର ହେ ! । ୪ ।

ଶ୍ୟାମା ସଖୀଙ୍କି ଗାଣରୁ କଲଣି ଅନ୍ତର ।
ଫିଙ୍ଗି ଦେଇଛି କଣ୍ଠରୁ ନୀଳମଣି ହାର ।
ନଟ ନାଗର ହେ ! ରସସାଗର ହେ ! । ୫ ।

ମରକତ ଚୁଡ଼ି ତେଜି ସୁବର୍ଣ୍ଣ ଚୁଡ଼ିକ ।
ଅଦର କରି ପିନ୍ଧିଛି ଅଳନମମୁଖୀ ।
ନଟ ନାଗର ହେ ! ରସସାଗର ହେ ! । ୬ ।

Digitized by srujanika@gmail.com

ଅତି ଯତ୍ନେ ପାଳିଥିଲ ଯେ ଶୁକ ଶାରୀଙ୍କି ।
ଉଡ଼ାଇ ଦେଲଣି ତାଙ୍କୁ ଭାଙ୍ଗି ପିଞ୍ଜରାକୁ ।
ନଟ ନାଗର ହେ ! ରସସାଗର ହେ ! । ୭ ।
ସେପିଥିବା ତମାଳକୁ ଓପାଡ଼ି ଦେଲଣି ।
କୁଙ୍ଗ ଉପରେ ପୁଷ୍ପ ଲତା ଉଙ୍କ ମୋଡ଼ିଲଣି ।
ନଟ ନାଗର ହେ ! ରସସାଗର ହେ ! । ୮ ।
ନ କରେ ଗ୍ରହଣ ନବ ଇନ୍ଦୀବର ମାଳ ।
ଖଦୀର ଯୋଗୁଁ ଚର୍ବଣ ନ କରେ ତାମ୍ବୁଳ ।
ନଟ ନାଗର ହେ ! ରସସାଗର ହେ ! । ୯ ।
ତବ ରୂପ ଚିତ୍ରପଟେ ଚନ୍ଦନ ଲେପିଛୁ ।
ନୀଳ ଅକାଶକୁ ଗୃହୁଁ କ୍ରୋଧରେ ଢାଙ୍କିଛୁ ।
ନଟ ନାଗର ହେ ! ରସସାଗର ହେ ! । ୧୦ ।

ଲଳିତା—ନୀଳମଣି ! ତୁମେ ନିଜ କର୍ମକୁ ଅଦର ଯାଅ, ଏବେ ଅମ୍ଭେମାନେ ଯାଉଛୁ । ମାନମୟୀଙ୍କ ତମଲୁଗି ପଦେ-ଅଧେ ବୁଝେଇ ସୁଝେଇ କହିବୁ, ତେଣିକି ତବ କର୍ମରେ ଯାହା ଥିବ ।

(ଏକ ଦିଗରେ ସଖୀଗଣ, ଅନ୍ୟ ଦିଗରେ ଶ୍ରୀକୃଷ୍ଣ ପ୍ରସ୍ଥାନ)

ଦୃଶ୍ୟ ପରିବର୍ତ୍ତନ

Digitized by srujanika@gmail.com

ଚତୁର୍ଥ ଅଙ୍କ

ଚତୁର୍ଥ ଦୃଶ୍ୟ

ବନପଥ

(ଭଗବତୀ ପୌର୍ଣ୍ଣମାସୀଙ୍କ ପ୍ରବେଶ)

ପୌର୍ଣ୍ଣମାସୀ—(ସ୍ୱଗତଃ) ବଣଜକର୍ମୀଙ୍କର ଅଜବ ଲୀଳା । ଏ ଲୀଳାର ରହସ୍ୟ ବ୍ରଜ ଅନୁଗତ ବିନା ଅନ୍ୟ କିଏ ବୁଝି ପାରିବ ? ଭକ୍ତବତ୍ସଳ ଭକ୍ତ ଭାବରେ ଯେ କେତେବେଳେ କଅଣ ହୁଅନ୍ତି, ତାହା ସେହି ଲୀଳାମୟ ଏକା ଜାଣନ୍ତି । ଅଜ ବୃନ୍ଦାବନ ଈଶ୍ୱରୀ ଶ୍ରୀରାଧା ଲାଗି ବୃନ୍ଦାବନଚନ୍ଦ୍ର କି ଦୁଃଖ ସହୁ ନାହାନ୍ତି ସତେ ? ଯାହା ହେଉ, ଏଣିକି ଭାବବିନୋଦିଆ ନବରଙ୍ଗିଆ କାହ୍ନୁଙ୍କ ତୁଲେ ପ୍ରେମମୟୀ ମହାମାନିନୀଙ୍କ କୁଞ୍ଜରେ ମାନ ମିଳନ କରାଇବାର ଚେଷ୍ଟା କରିବି । ଏବେ ଯାଏଁ । (ପ୍ରସ୍ଥାନ)

ପଟ୍ଟ ପରିବର୍ତ୍ତନ

Digitized by srujanika@gmail.com

ଚତୁର୍ଥ ଅଙ୍କ

ପଞ୍ଚମ ଦୃଶ୍ୟ

ଶ୍ରୀକୁଞ୍ଜ ଭଡ଼

(ଶ୍ରୀକୃଷ୍ଣ ଏବଂ ବୃନ୍ଦାଙ୍କ ପ୍ରବେଶ)

ବୃନ୍ଦା—ନୀଳମଣି ! ସଖୀମାନଙ୍କ ପାଖକୁ ଯାଇଥିଲ ?

ଶ୍ରୀକୃଷ୍ଣ—ହଁ, ଯାଇଥିଲି ।

ବୃନ୍ଦା—ସେମାନେ କଅଣ କହିଲେ ବନ୍ଧୁ ?

ଶ୍ରୀକୃଷ୍ଣ—(ଲୁହ ପୋଛୁ ପୋଛୁ) ସେମାନେ କରୁଣ ବାଣୀ କହି ଚାଲିଗଲେ । କହ ବୃନ୍ଦେ ! ମୁଁ କି ଉପାୟ କରିବ ?

ବୃନ୍ଦା—ଗୋପସଙ୍ଗାଳ ! ଏଥିପେଇଁ ଚିନ୍ତା କରନାହିଁ । ଭଗବତୀଙ୍କ କୃପାରୁ ମୋତେ ଗୋଟିଏ ସୁନ୍ଦର ଉପାୟ ଦିଶୁଛି; ତା କରିପାରିବ କି ?

ଶ୍ରୀକୃଷ୍ଣ—କଅଣ କହ ବୃନ୍ଦେ !

ବୃନ୍ଦା—ତେବେ ଶୁଣ :—

ଗୀତ

ସାଜ ହେ ମାଳିନୀ,   କିବା ନାପିତୁଣୀ,
କିବା ରଜକନୀ ବେଶ ।
କିବା ଶବରଣୀ,   ଗାୟୁଣୀ, ବାୟୁଣୀ,
ପାଟ୍ଟଧାଣୀର ସୁବେଶ ।
କିବା ମାୟା ବେଲୁଣୀ ।
ବେଶ ହୁଅ ନୀଳମଣି । ୧ ।

Digitized by srujanika@gmail.com

ଶ୍ରୀକୃଷ୍ଣ—ବୃନ୍ଦେ ! ଏ ବେଶ ମଧ୍ୟରୁ ଅଗେ ମାଲିନୀ ବେଶଟି ମୋତେ ସଜାଇ ଦିଅ, ସଖି !

ବୃନ୍ଦା—ଅସ ତେବେ ।　　　　(ଦୁହେଁ ପ୍ରସ୍ଥାନ)

ପଞ୍ଚ ପରିବର୍ତ୍ତନ

ଚତୁର୍ଥ ଅଙ୍କ

ଷଷ୍ଠ ଦୃଶ୍ୟ

ଶ୍ରୀରାଧାଙ୍କ ଭବନ

(ମାନମୟୀ ଶ୍ରୀରାଧା ଗଣ୍ଡରେ କର ଦେଇ ବସିଥିବା, ସଖୀଗଣ ପ୍ରବୋଧି କରୁଥିବା ଅଭିନୟ)

ଗୀତ

କ୍ଷୀଣ ହେଲା ତନୁ,　　　　ଚିହ୍ନି ହେଉ ନାହୁଁ,
କ ହୋଇଗଲୁ କିଶୋରୀ ଗୋ ।
ତେଜିଲୁ ଶୟନ,　　　　ଭୂଷଣ ଭୋଜନ,
ମାନ-ବଶେ ହୋଇ ଘାରି ଗୋ ।
ଅକାରଣ ସୁକୁମାରୀ ।
ରାଜନନ୍ଦନୀ କିବା ବର୍ତ୍ତିବ ଗୋ । ୧ ।

Digitized by srujanika@gmail.com

ଧରି ଶୟନରେ, ସରିଇଲ୍ ଦିନ,

ପରାଣେ ନ ରହି ଅଶା ଗୋ ।

ସରଗ ଚାନ୍ଦରେ, ପରି ନ ରହିଲ୍,

ହରିଇ ପୁଣି ଭରଷା ଗୋ ।

ଥରିଇଲ୍ ତନୁ ତୋର ।

ଝରିଇଲ୍ ନେତ୍ର ନୀର ଧାର ଗୋ । ୨ ।

ଶ୍ରୀରାଧା—(ମନନରେ ଅବନ୍ତମୁଖୀ ହେବା ଅଭିନୟ)

ଲଲିତା—ରାଧେ ! କଳାକାହ୍ନୁ ଅଜ ତମ ଲଗି ଆମମାନଙ୍କୁ କେତେ ପ୍ରାର୍ଥନା କରି କହୁଛନ୍ତି । ତାଙ୍କଠାରୁ ଏ ରୋଷ ଛାଡ଼ ସଖି !

ଶ୍ରୀରାଧା—(କ୍ରୋଧରେ) ନା, ସଖି ! ମୋତେ ଅଜ ସେ ମୋହନ କଥା କହନା ।

ଗୀତ

ମୋହନା ଦାଜ; ସହି ! କହ ନା ଅଜ ଲୋ । ଘୋଷା ।

ସହୁଛି ମୁଁ ଯେତେ, କେ ସହିବ ଏତେ,ଗୋ ?

ଶଠପୀରତ ନୋହିଲେ ମୋ ନୋହୁ ଲୋ । ୧ ।

ତା ସଙ୍ଗରେ ମାତ, ହରିଇଲ୍ ଜାତ ଗୋ,

ଏବେ ଚେତିଲ୍ ତୋ କହିବା ଥାଜ ଲୋ । ୨ ।

ମୋ ସୁଖେ ମୁଁ ଭୁଲି, ହେଲ୍ଣି ସଜନି ଗୋ !

ମନ ଭୁଲାଇ କେତେ ସମଯାଜ୍ ଲୋ । ୩ ।

Digitized by srujanika@gmail.com

ଲଳିତା—ବିଶାଖିକା ! ଏତେବେଳେ ସିନା ସ୍ମୃତି ବଢୁଛି ! ସେହି ଶ୍ୟାମ ନାଗରଙ୍କୁ ଦେଖି ହେଲେ ଯାଚି ହୋଇ କଥା କହୁଥିବ ଯେ, ସ୍ମୃତି ମନେ ରଖିଥାଅ ।

ଗୀତ

ଯାଚି ହୋଇ କଥା କହୁଥିଲୁ ଦିନେ ଗୋ ।
କିଶୋରି ! ଏହା ରଖିଥା ମନେ ଗୋ । ଘୋଷା ।

ଲଳିତ ତ୍ରିଭଙ୍ଗ ମୂରତିଟିକୁ ।
ଢାଳିକି ପଣେ ପାରିବୁଟି କି ଗୋ ? । ୧ ।

ବାଜିଲା ବେଳରେ ମୋହନ ବଂଶୀ ।
ଏ ଗୃମାନ ଦମ୍ଭ ପଡ଼ିବ ଖସି ଗୋ । ୨ ।

କ୍ଷଣେ ନ ଦେଖିଲେ ଯାହାକୁ ସଖୀ !
ଥରକୁ ଥର ପଠାଉ ଆଳୀଙ୍କି ଗୋ
(ତୁ ତ) କୋଡ଼ିଏ ଥର ପଠାଉ ଆଳୀଙ୍କି ଗୋ । ୩ ।

ଆଜ ଦିନେ ମାନ କରି ତ ଥିଲୁ ।
ଯାଉଁ କୁଞ୍ଜବନେ କି ହୋଇଗଲୁ ଗୋ ? । ୪ ।

ମନେ ନ ଥିବ କି ସେଦିନ କଥା ?
ମାନ ଢେଳ ଧନି ! ନ ପୋଡ଼ ମଥା ଗୋ । ୫ ।

ବିଶାଖା—ରାଧେ ! ଏଣିକି ସବୁ ସୁଖ ସରିଯିବ ସିନା ?

Digitized by srujanika@gmail.com

(ଗୀତ ଗାଇ ଗାଇ ମାଳତୀ ବେଶେ ଶ୍ରୀକୃଷ୍ଣ ପ୍ରବେଶ)

ଗୀତ

ବ୍ରଜ ମୋହିନୀ ମାନିନୀ ରାଧେ ଚନ୍ଦ୍ରବଦନୀ !
ଅଣିଚି କୁସୁମ-ହାର ରଖ ଗୋବିନ୍ଦ ଭାବିନୀ । ଘୋଷା ।

ଅସ ଗୋ ସତୀ ମାଧବୀ, ବନଫୁଲେ ସାଜ ଦେବ,
ରସେ ମନ ମଜ୍ଜାଇବ, ତୋଷେ ଗୋ ରାଜନନ୍ଦିନୀ ।୧।
ଅଣିଚି ଯତନେ ଗୁନ୍ଥି, କୁନ୍ଦ ମଲ୍ଲୁଅ ସେବତୀ,
ବଉଳ ମଲ୍ଲୀ ମାଳତୀ, ଦେଖ କି ସୁନ୍ଦର ଧନି । ୨ ।
ଜାଇ ଜୁଈ କୁସୁଅନା, ମାଧବୀ ଚମ୍ପା ଦୟୁଣା,
କି ଶୋଭା ଦେଖ ନିଅଳୀ ଏ ପାରିଜାତ ରଙ୍ଗଣୀ । ୩ ।
ଫଲରେ ସୁବେଶ ହୁଅ, ମୂଲ ପଛକେ ନ ଦିଅ,
ସୁଲଭ ତୁମ୍ଭଙ୍କୁ ସିନା, ତୁଳରେ ଯିବଟି ମାନ । ୪ ।

ଲଳିତା—ଅଟଗୋ ଫୁଲବାଲି ! ଅଜି କି କି ଫୁଲ ଅଣିଚ ?

ମାଳତୀ—କହୁଚି ଶୁଣ :—

ଗୀତ

ଅଣିଚ କେତକୀ ଝଁସ, ସଜ କୁସୁମ ଗଜରା
ବନମାଳା ବୈଜୟନ୍ତୀ, ଯତନେ ଗୁନ୍ଥି ଗୋ । ୧ ।
ଅଣିଚ ଚନ୍ନ ଟଗର, କନିଅର ନାଗେଶ୍ୱର,
ସୁଗନ୍ଧରାଜ କଞ୍ଚନ, ସ୍ଥଳ-ନଳିନ ଗୋ । ୨ ।

Digitized by srujanika@gmail.com

ଅଶିତ ରଙ୍ଗ ବନ୍ଧୁଲୀ,　　　　　　　　ଚନ୍ଦ୍ରମଲ୍ଲୀ କୁରୁବେଲ,
ଅଶୋକ ଅପରାଜିତା, ଅତି ଶୋଭିତା ଗୋ ୩ ।
ଅତସୀ ତୁଲେ ମିଶାଇ,　　　　　　　　ଗୁନ୍ଥିଛୁ ଉରସ ମୁହିଁ,
ଏ କେଳି କଦମ୍ବ ମାଳ, କେଡ଼େ ମଞ୍ଜୁଳ ଗୋ । ୪ ।

ଲଳିତା—ମାଳିନି ଗୋ ! ତୋ କରମ ବଡ଼ ଗୁଣୀ ।

ମାଳତୀ—କାହିଁକି ?

ଲଳିତା—ଆମ ରାଧାରାଣୀ ପରି ଦୁର୍ଜ୍ଜୟମାନିନୀ, ଫୁଲ କଅଣ ହେବ ?

ମାଳତୀ—କଅଣ ? ତମମାନଙ୍କ ଭଳି ଚତୁରା ସହଚରୀଗଣ ଥାଉ ଥାଉଁ ଜେମାମଣି ଯେବେ ମାନିନୀ ହେଲେ, ତେବେ ତମର ସଖୀପଣ କଅଣ ରହିଲା ? ଛାର ମାନ ଲାଗି ଫୁଲରୁ ଶରଧା ତୁଟିଯିବା କଣ ଉଚିତ ?

(ଏହା କହି ଧୀରେ ଧୀରେ ରାଧାଙ୍କ ପାଖକୁ ଯାଇ)

ଜେମାମଣି ! ଏ ବସନ୍ତ କାଳରେ ବିରହିଣୀମାନଙ୍କ ବିଚ୍ଛେଦ ଦଶା ପଡ଼ିବ ବୋଲି ଆଗରୁ ସାବଧାନ ହୋଇ ଆମୋଦ ପ୍ରମୋଦରେ ଦିନ ହରୁ ଥାଆନ୍ତି । ତମର ଯେ ମୁଁ ଓଲଟା ଦେଖୁଛି । ରାଧେ ! ଏ କୁନ୍ଦଫୁଲ ହାରଟି ଗଳାରେ ପିନ୍ଧ ।

ଶ୍ରୀରାଧା—ମାଳିନି ଲୋ ! ମୁଁ ମହା ଅପରାଧିନୀ । ଯା, ଯା, ସେଇ ଚନ୍ଦ୍ରାବଳୀକି ଡ଼ାକି ଫୁଲହାର ଦେ ଯା ।

Digitized by srujanika@gmail.com

ଗୀତ

ସଙ୍ଗିନି ! କୃଷ୍ଣ ଅପରାଧିନୀ ମୁଁ । ଘୋଷା ।

ଚନ୍ଦ୍ରାବଳୀକି,　　　　　ଦିଅ ଯା ତୁ ଡ଼ାକି,
ସେ ବିନା ହୃଦୟ ଜଳାସିନୀ (ମୁଁ) । ୧ ।
ମଥା ମୋର ବ୍ୟଥା,　　　　କହୁ ନୁହେ କଥା,
ତୋ କୁନ୍ଦମାଳ ତୁ ନିଅ ଘେନି (ମୁଁ) । ୨ ।

ମାଳିନୀ—ଧନି ! ଫୁଲର ମୂଲ ମାଗୁନାଇଁ ମ ? ନାହିଁ କରୁଚ କାହିଁକି ? କେଡ଼େ ଶରଧାରେ ପରା ତମ ପାଖକୁ ଆଣିଚି, ନିଅ ମ, ନିଅ !

(ମାଳା ପ୍ରଦାନ)

ଶ୍ରୀରାଧା—(ମାଳା ହାତରେ ଧରିବା ବେଳେ ପତ୍ର ଖଣ୍ଡିକ ଖସି ପଡ଼ିଲା)　　ପତ୍ର

ମହାମହିମ ମହିମାର୍ଣ୍ଣବ　　　　ଶ୍ରୀମତୀ ରାଧିକା ସୁନ୍ଦରୀ !
ଯୁଗେ ଯୁଗେ ବହୁଥିବ,　　　　ଏହି ପଦ ସେବୁଥିବ,
ଦାସୀ ହୋଇ ରହିବ ତୁମ୍ଭର ।
ଲିଖିତଂ ଶ୍ରୀ ବଙ୍କାନନ୍ଦନ,　　　　ସାକିନ ବୃନ୍ଦାବନ,
ଚିଠା ଶ୍ରୀ ନନ୍ଦରାଜନ, ପେଷା ନାରୀ ମନଚୋରୀ ।

ଶ୍ରୀରାଧା—(ପତ୍ର ଗୋଟାଇ ପଢ଼ିବା ସମୟେ କ୍ରମେ କ୍ରୋଧମନା)

Digitized by srujanika@gmail.com

ମାଳତୀ—(ଅଦ୍ଧ ନୟନରେ ମୃଦୁ ମୃଦୁ ହସି ପଛଘୁଞ୍ଚା ଦେଲେ)

ଶ୍ରୀରାଧା—(କ୍ରୋଧରେ ମାଳତୀଙ୍କ ପ୍ରତି) କହିଲେ ମାଳିନି ! ଏ ଛଟ କା'ଠାରୁ ଶିଖିଲୁ ? ଦୂର ହୁଅ ।

ଲଳିତା—ରାଧେ ! ଏ ମାଳତୀଟିର କିଛି ଦୋଷ ନାହିଁ ମା ! ଜଣାଯାଏ ଏ ନବରଙ୍ଗଯାକ ସେହି ନବରଙ୍ଗିଆ କହ୍ନେଇଙ୍କର ।

ମାଳତୀ—(ଅର୍ଦ୍ଧ ନୟନେ ଶ୍ରୀରାଧାଙ୍କୁ ଗୃହ୍ମ ପ୍ରସ୍ଥାନ)

ଶ୍ରୀରାଧା—(ମାଳତୀ ଯିବା ବାଟକୁ କୋପ ଦୃଷ୍ଟିରେ ଚାହିଁଥିବା)

ବିଶାଖା—ମାଳିନି ! ଆମେମାନେ ହାତ ଧରି କହୁଛୁଁ, ଏ ବୃଥା ମାନ ତ୍ୟାଗକର ।

ସଖୀଗଣ—(ସମସ୍ୱରେ)

ଗୀତ

ମାଳତୀ ରତନ ଧନି !　　　　　　　ମାନ ତେଜ ଏଣିକି ।
ଆନନ୍ଦଦାୟି ! ଆନନ୍ଦେ ଭଜ ବେଣୁପାଣିକି । ଘୋଷା ।
କହୁଛୁଁ ଦୟିତା ରାଧେ !　　　　　ଧରୁଛୁଁ ତୋ ପାଣିକି ।
ସେ ଶ୍ୟାମନାଗର ଦୋଷ ଫିଙ୍ଗିଦିଅ ପାଣିକି । ୧ ।
ଯା ଦୁର୍ବାଦ ନ ଘଡ଼ିବ　　　　　　ବୋଲି ବୃଥି ମଣିକି ।
ଗୃହ୍ମ ପରି ହରତାଳିକାର କଣାମଣିକି । ୨ ।
ଯାର ଲାଗି ମୁରୁଛିଲ　　　　　　କୁଳ ଶୀଳ ଆଣିକି ।
ଜାଣୁ ଜାଣୁ ମଣି ତାଙ୍କୁ ପର ପର ମଣି କି । ୩ ।
ପୀରତି-ବତ୍ସଳା ! ଭଣେ　　　　　କୀରତି କଣାମଣିକି ।
ଦୁଃଖ ତେଜି ସୁଖୀ କର ଦୁଃଖୀ ଚିନ୍ତାମଣିକି । ୪ ।

Digitized by srujanika@gmail.com

ବିଶାଖା—ମାନିନି ! ପଦ୍ମଠାରେ ଭ୍ରମର ପଦ୍ମେ ଫଣୀଠାରେ ଦୋଷ
କରିଥିଲେ ହେଲେ, ସେ ଭଣ ତାହା ଘେନି ବସିଥାଏ ?
ଅବଶ୍ୟ ତ ପଦ୍ମ ଭ୍ରମର ପ୍ରୀତି ହୁଏ ।

ଚିତ୍ରା—ଧନି ! ଆମମାନଙ୍କ କଥା ଘେନୁ ନାହଁ ଯେ, ଏହା ତାହାଙ୍କୁ
ଉଣା ହେବ ? କହୁଛି ରାଧେ !

ଗୀତ

କହ, ତାହାଙ୍କୁ ଉଣା ହେବ ଏହା ? ସୁଦେହା ଗୋ ! । ପଦ ।

ନ କଲେ ତୁ ତାଙ୍କୁ ମୋର, ଶ୍ୟାମ ହୋଇବେ କାହାର ?
ଧନି ! ନ ଘେନୁ ଅମ୍ଭ କୁହା, ସୁଦେହା ଗୋ ! । ୧ ।

ଯେ ଯାହାର ସେ ତାହାର, ନୋହିବ କି ସମାଚର ?
ଧନି ! କାଳକ ଥିବୁ କି ଅସ୍ନେହା ?, ସୁଦେହା ଗୋ ! । ୨ ।

ଯା ହୁଅନ୍ତି ମାଳ ହାତୀ, ସହିବ କାହାର ଛାତି;
ଧନି ! ଦେଖି ସେ ନେନୁ ମାର ବୁହା, ସୁଦେହା ଗୋ ! । ୩ ।

ଅଗୋ ତନୁ କୋମଳା, ମୋହନ ପ୍ରେମଶୀଳା,
ଧନି ! କି ବୋଲି ସ୍ଥିତ କଲୁ ଲୁହା ?, ସୁଦେହା ଗୋ ! । ୪ ।

(ଗୀତ ଗାଇ ଗାଇ ବନଦେବୀ ବୃନ୍ଦା ପ୍ରବେଶ)

ଗୀତ

ସବୁଗ ତ ମୁଖେ ନାହିଁ ଗୋ ରାଧିକେ !
ସବୁଗ ତ ମୁଖେ ନାହିଁ ।
ଫବ୍ରିଗ ମୁଖ୍ରିଲ— ପଙ୍କଜ ପଗ୍‌ପେ,
ଦଣ୍ଡୁଅଛୁ କାହିଁପାଇଁ ? ଗୋ ରାଧିକେ ! । ପଦ ।

Digitized by srujanika@gmail.com

ନନ୍ଦ ଘନଶ୍ୟାମ—　　　　ଶୋଭନ୍ତୁ ତୁ କମ୍ପା ?
ଚିହ୍ନୁ ନାହଁ ନୀଳ ରେଳ ।
ଗନ୍ଧରୁ ମୃଗମଦ,　　　　ତିଳକ ଲାବଣ୍ୟ—
ନଟିଲେ ନ କରୁ ମେଳ, ଗୋ ରାଧିକେ ! । ୧ ।
ଶ୍ରୀଙ୍କରେ ରେଜିବା,　　　　ତମାଳ ତରୁକୁ,
କ ବୋଲି ଦେଲୁ ଉପାଡ଼ି ।
ବରଜ୍ଜି ନନ୍ଦନ,　　　　ନିକୁଞ୍ଜ ବିହାର,
ଅରଜ୍ଜିଲୁ ଚନ୍ଦ୍ରନାଡ଼ୀ, ଗୋ ରାଧିକେ ! । ୨ ।

ଶ୍ରୀରାଧା— ବୃନ୍ଦେ ! ପୋଡ଼ା ଘାଅରେ ଅଉ ଚୂନ ବୋଳ ନାହିଁ ଆସ ।

(ନାପତୁଣୀ ବେଶେ ଶ୍ରୀକୃଷ୍ଣଙ୍କ ପ୍ରବେଶ)

ଗୀତ

ବ୍ରଜ ବନିତା ଗୋ !　　　　ଆସ ଦେକ ପିନ୍ଧିବ ଅଳତା ।
ମୋ ଅଳତା, ମୋ ଅଳତା । ଘୋଷା ।
ବୃଷଭାନୁ ବ୍ରଜଜେମା ନବଙ୍ଗଶୋଭା,
ଟୁଣ୍ଡରେ ସୁବେଶ ହେଉ ନାହାନ୍ତି ବୋଲି
ଦାଣ୍ଡିକି ଗୋ ଶ୍ରୀମତୀ,　　　　ବୃଥା ଗୁମାନବତୀ,
ଚନ୍ଦ୍ରବଦନ ପୋତି,　　　　ଦୁଃଖେ ବସିଅଛନ୍ତି,
ଏତେ ସଜନୀ ଥାଇ,　　　　କ୍ୟା କରୁଛ ଗୋ କାତ ?,
ନ ଦେଲ ମୋତେ ଯା ଏ ବାରତା । ୧ ।

Digitized by srujanika@gmail.com

ଲଳିତା—ନାପିତୁଣି ଲୋ ! ଆମେମାନେ ବୁଝେଇ ବୁଝେଇ ରହିଲୁଣି, କହୁ କହୁ ପର ରାଧା ଅମର ରାଗି ଯାଉଛନ୍ତି ଆଜ ମାନ ଭଙ୍ଗାଇବୁ କପର ?

ନାପିତୁଣୀ—(ରାଧାଙ୍କ ନିକଟକୁ ଯାଇ) ଜେମାଦେଈ ! ଏଇ ଅବଗୁଣ କଅଣ ସବୁଦିନେ ଘେନି ବସିଥିବ ? ଧନି ! ଚମକୁ ମୋ ରାଣ, ଆସ ଅଲତା ପିନ୍ଧେଇ ଦଏଁ ।

ଶ୍ରୀରାଧା—ନାପିତୁଣି ଲୋ ! ଏ ହତଭାଗିନୀ ରାଧାର ଆଜ କେଉଁ ସୁଖ ଅଛି ବୋଲି ଅଲତା ପିନ୍ଧେଇବାକୁ ଆସୁଛୁ ?

ନାପିତୁଣୀ—ଜେମାଦେଈ ! ଏ ଅଭିମାନ କଅଣ ସବୁଦିନେ ରହିବ ? ସବୁ ମାନ ଅଭିମାନ ପଛକୁ ପକେଇଦେଇ ମୋ ପ୍ରାର୍ଥନା ରକ୍ଷାକର ।

ଶ୍ରୀରାଧା—ନାପିତୁଣି ଲୋ ! ଏତେ ତ ବଳେଇ କହିଲୁଣି, ତୋ କଥା କାହିଁକି ଭାଙ୍ଗିବ ? ଚାଲ୍ ।

(ଏହା କହି ଅଲତା ପିନ୍ଧିବାକୁ ଅଗ୍ରସର ହେଲେ)

ସଖୀଗଣ—(ରତ୍ନ ପୀଢ଼ ସଜାଡ଼ି ରଖିବା ଅଭିନୟ)

ଶ୍ରୀରାଧା—(ପୀଠରେ ବସି କହିଲେ) ଦେ, ଅଲତା ଦେ ।

ନାପିତୁଣୀ—(ପାଦ ଧରି ରଞ୍ଜନୀ ପେଣ୍ଡି ଫିଟାଇ ନଖ ରଞ୍ଜିବା ତୁଳୀ ଧରି ଦକ୍ଷିଣ ପାଦରେ ଅଲତା ଦେଇ ବାମ ପାଦରେ ଦେଉଁ ଦେଉଁ,'ଶ୍ୟାମ ଶ୍ୟାମ' ବୋଲି ପାଦ ଧାରରେ ଲେଖି କହିଲେ) ଧନି ! ମୋ ଅଲତା ଦେବାଟି ସୁନ୍ଦର ହେଲା କି ନାହିଁ, ଦେଖ ।

Digitized by srujanika@gmail.com

ଶ୍ରୀରାଧା—(ନିଜ ପାଦକୁ ଚାହିଁ କ୍ରୋଧରେ କହୁଲେ) ଲୋ ପାପୀୟସି ! ତୁ ମୋ ପାଦରେ କଅଣ ଲେଖିଲୁ ?

ନାପିତୁଣୀ—ରାଧେ ! ଶ୍ୟାମ ନାମ ଛଡ଼ା ଅନ୍ୟ କିଛି ଲେଖିନାହିଁ ମ, ଇମିତ ରାଗୁଚ କାହିଁକି ?

ଶ୍ରୀରାଧା—(କ୍ରୋଧରେ) ଯା, ଯା—ତୋର ତ ଯୌବନ-ମଦ ଯାଇ ନାହିଁ, ତୁ ଅଳତା ଦେବୁ କଅଣ ? ଯା, ଦୂରହୁଅ ।

(ଅଳତା ପୋଛିପକେଇ ସକ୍ରୋଧେ କହୁଲେ)

ଗୀତ

ଯା ଯା ନାପିତୁଣୀ !, ଏଡ଼େ ଗରବିଣୀ,
ଯା ଯା ଲୋ ନିଜ ଠାଁହିଁ ।
ଛଳେ ଛଳେ ଆସି, ମୋ ପୁରେ ପ୍ରବେଶି,
ଅଛ ଲଜ୍ଜା ଦେଲୁ ତୁହି ।
(ଏବେ) ମୋ ପାଶୁ ଯାଅ ଯା ।
ତୋର ମୁଖେ ନାହିଁ ଲଜ୍ଜା । ୧ ।
କାହାର ନାମ ତୁ, ମୋ ପାଦେ ଲେଖିଲୁ,
ଏ ବଳ କେ ଦେଲା ତୋତେ (ଲୋ) ?
(ଏ) ରାଧାର ପ୍ରତିଜ୍ଞା ଜାଣି ନାହୁଁ କି ଲୋ,
ଛଇ ଦେଖାଉଛୁ ମୋତେ ?
ଭଲ ଚାତୁର ଥିଲେ,
ଯା ଯା ମୋ ପାଶରୁ ଭଲେ । ୨ ।

(ହାତ ଧରି ବାହାର କରି ଦେବା)

Digitized by srujanika@gmail.com

ସଖିଗଣ—(ଛାଟକାରେ ରହିଦିବା ଅଭିନୟ)

ଲଳିତା—ମାନିନି ! ନାପିତୁଣୀ ତ ତା ପ୍ରତିଫଳ ପାଇଲା, ତେବେ ଆମମାନଙ୍କ କଥା ନ ମାନି କାହିଁକି ଏପରି ଦଶା ହେଉଛ ? କହିଲ ଭଲା ! ରାଧେ ! ତମେ ଏଇନାଗେ କହିଲେ—ରାଗିବ, ସେଇଥିପାଇଁ ଆମେମାନେ କିଛି କହୁନାହୁଁ ସିନା ?

ଗୀତ

କହିଲେ ବହିବୁ ରୋଷ ରେ ସହି !
ତୁହି ଘେନିବାକୁ ଅଛୁ କି ଅଦ୍ଭୁତ,
ନିକୁଞ୍ଜବିହାରୀ ଦୋଷ, ରେ ସହି ! । ଘୋଷା ।
ବ୍ରଜ ପୁରନ୍ଦର— ନନ୍ଦନ ସୁନ୍ଦର—
ବୃନ୍ଦ ଚନ୍ଦ୍ରବରନ୍ତିଙ୍କି ।
କର କୋଡ଼ରେ, ଲଗାଇଲୁ ଉତର—
ଅତେ ନ ଢ଼ାଳି ଦୃଷ୍ଟିକୁ, ରେ ସହି ! । ୧ ।
ଥରକୁ ଥର ପଦ୍ମାବଳୀ ମକସି,
ଲେଖୁଁ ଦନ ଅଛି ନାହିଁ ।
ଅଦ୍ୟ ଯେତେ ସେବା ଅଳୀ ଅଜଣାରେ,
ତୋତେ ଏକା ସାକ୍ଷୀ ତୁହି, ରେ ସହି ! । ୨ ।
କି କରୁ ନାହାନ୍ତି, ତୋର ନଜକସି,
ଯାଉ ପର ପାଶେ ଥାଇ ।

Digitized by srujanika@gmail.com

ତୁ ସିନା କପେଧ—　　　　　　କାଲ୍ ସେ ଅସିଲେ,
ଯାବକ ଲେପିବା ପାଇଁ, ରେ ସଖି ।। ୩ ।
ଏବେ ତୋ ଘମ୍ପରୁ　　　　　　ଅନ୍ତର ହୋଇ ସେ,
ତୋ ପଦ ଚିହ୍ନର ଧୂଳୀ ।
ବୋଲି ହେଉଛନ୍ତି,　　　　　　ଲୁହ ପୋଛୁ ପୋଛୁ,
ବୃନ୍ଦାବନଯାକ ବୁଲି, ରେ ସଖି ।। ୪ ।

ନେପଥ୍ୟେ—(ଗାୟିଣୀ ବେଶେ ଶ୍ରୀକୃଷ୍ଣଙ୍କ ବୀଣାଧ୍ୱନି)

ସମସ୍ତେ—(ସେହି ଦିଗକୁ କର୍ଣ୍ଣ ଡେର ଶୁଣିବା ଅଭିନୟ)

ଶ୍ରୀରାଧା—(ମନେ ମନେ ପ୍ରଶଂସା କରି କହିଲେ)
ଅହା ! କି ସୁନ୍ଦର ସୁମଧୁର ସ୍ୱନ !

ଲଳିତା—ରାଧେ ! ଶୁଣିବାକୁ ଶରଧା ହେଉଚି କି ?

ଶ୍ରୀରାଧା—ହଁ ସଖି, ଏ ମଧୁର ବୀଣାତାନ ଟିକଏ ଶୁଣିବି । ଅହା ! କିଏ ସେ ଏପରି ବଜାଉଚି ?

(ବୃନ୍ଦାଙ୍କର ପ୍ରବେଶ)

ବୃନ୍ଦା—ଧନି ! ଗୋଟିଏ ଅପୂର୍ବସୁନ୍ଦରୀ ଗାୟିଣୀ ବୀଣା ବଜେଇ ଗୀତ ଗାଇ ଗାଇ ଅସୁଛି । ସେ ବଦେଶିନୀଟି ନାନାପ୍ରକାର ରାଗ ରାଗିଣୀ ଅଳାପ ଜାଣେ । ତମରି ପାଖକୁ ଗୀତ ଭେଟିବାକୁ ଅସିବ ବୋଲି ମୋତେ ବାଟରେ କହୁଥିଲା ।

ଶ୍ରୀରାଧା—ସେ କେଉଁଠାରୁ ଅସିଚି, ସଖି ?

ବୃନ୍ଦା—ମଥୁରାରୁ ।

Digitized by srujanika@gmail.com

ଶ୍ରୀରାଧା—ତେବେ ତାଙ୍କୁ ଡାକ ।

ଶଶୀକଳା—ଅଗୋ ! ଡାକିବ କଅଣ ସ ? ଏଇ ଦେଖ, ସେ ଗାୟକଣୀଟି ଅସି ପହୁଞ୍ଚିଲାଣି । ଅହା, କି ସୁନ୍ଦର ମାଇପିଟିଏ ଗୋ !

(ହସି ହସି ଗାୟକୀବେଶି ଶ୍ରୀକୃଷ୍ଣଙ୍କ ପ୍ରବେଶ)

ଶ୍ରୀରାଧା—ଗାୟକି ଲୋ ! କେମିତ ଗୀତ ଗାଉଚ, ଗୋଟିଏ ଗାଇଲୁ ଦେଖି ।

ଗାୟକୀ—ପ୍ରେମମୟିଙ୍କର ଯେ ଆଜ୍ଞା ।

(ଏହା କହି ବୀଣା ଆଳାପ କଲେ)

ଗୀତ

ବାଜ ରେ ବାଜ ରେ ବୀଣା ! ବାଜ ମଧୁରେ ।
'ବ୍ରଜ ମୋହନୀ କିଶୋରୀମଣି
ଶ୍ରୀରାଧେ' ବୋଲି ଥରେ । ୧ ।

ନିକୁଞ୍ଜ-ଅଭିସାରିଣୀ   ରସ-ରଙ୍ଗିଣୀ ସଙ୍ଗିନୀ,
ସୁଧା ଭାଷିଣୀ ।
ଶରଦ-ଚନ୍ଦ୍ରବଦନୀ,   କୁଞ୍ଜରବର ଗମନୀ,
ତପତ କାଞ୍ଚନ-ବରନୀ ।
ଜୟ ବୃନ୍ଦାବନେଶ୍ୱରୀ,   ବୃଷଭାନୁ କୁମାରୀ,
ପ୍ରେମମୟୀ ବିନୋଦନୀ !
ଜୟ ଗାନ୍ଧର୍ବିକେ,   ଜୟ ଶ୍ରୀ ରାଧିକେ,
ରସନିଧି ଯାଦବବାସିନୀ ।

Digitized by srujanika@gmail.com

ଯଶକୀର୍ତ୍ତିଦାୟିନୀ,
ପ୍ରୀତି ଅହ୍ଲାଦନୀ, ଶ୍ରୀମତୀ ଧନୀ !
(ଜୟ ଯଶ କୀର୍ତ୍ତି ଦାୟିନୀ)
ସଙ୍ଗୀତ ସାହିତ୍ୟ ଅନୁରାଗିଣୀ, (ଜୟ)
କୃଷ୍ଣ ପ୍ରାଣାଧିକେ ସତୀ ପଦ୍ମିନୀ, (ଜୟ)
ଶ୍ୟାମ ପ୍ରେମ ତରଙ୍ଗିଣୀ, (ଜୟ)
ଜୟ ଜୟ କୃଷ୍ଣ ମନମୋହିନୀ, (ଜୟ)
ନୃତ୍ୟ ବଳାସିନୀ କୃଷ୍ଣ ଭାବିନୀ, (ଜୟ)

ଶ୍ରୀରାଧା—(ଗୀତରୁ କୃଷ୍ଣ ନାମ ଶୁଣି କ୍ରୋଧରେ ଅଧର କମ୍ପାଇ ଲଳିତାଙ୍କୁ କହିଲେ) ଲଳିତେ ! ଗାୟିଣୀକି କହ, ସେ ତା ଗାନ ବନ୍ଦକରି ଏଠାରୁ ଚଞ୍ଚଳ ଚାଲି ଯାଉ ! ନଇଲେ ତା ପ୍ରତିଫଳ ପାଇବ, ସେ ନିର୍ଲଜ୍ଜାକୁ ଶୀଘ୍ର ବାହାର କରିଦିଅ ।

ଲଳିତା—ଗାୟିଣି ଲୋ ! ଆଉ ଆଉ, ତୋ ଗୀତ ବନ୍ଦକରି ଏଠୁଁ ବେଗି ଚାଲିଯା, କାହିଁକି କୃଷ୍ଣ ନାମ ଶୁଣେଇଲୁ ?

ଗାୟିଣୀ—କେମାପଣିଙ୍କର ମୁଁ କି ଦୋଷ କଲି କି ?
କୃଷ୍ଣ ନାମରେ ଯହିଁ ତାଙ୍କର ବଡ଼ ଶରଧା,
ଅଜି ଇଏ କି ବିପରୀତ ଶୁଣିଲି ?
ହାୟ ! ହାୟ ! ! ଏପରି କଟୁକଥା କହି ତଡ଼ି ଦେଉଛନ୍ତି କାହିଁ ?

Digitized by srujanika@gmail.com

ମୋତେ କିଛି ପୁରସ୍କାର ନ ମିଳୁ ପଛକେ,
ମୁଁ ଆଜି ଗୋଟିଏ ଗୀତ ଗାଏଁ ?

ଲଳିତା—ନା, ନା, ତୁ ଚଞ୍ଚଳ ଏଠାରୁ ବାହାରି ଯା; ଆମ ମାନମୟୀ ରାଧାରାଣୀଙ୍କ ଆଜ୍ଞା ଅନ୍ୟଥା ହେବନାହିଁ ।

ଗାୟଣୀ—ସଖି ! ଏଇ ଗୋଟିକ ଗୀତ ଗାଇସାରେଁ, ତାହାପରେ ଯିବି ।

(ଏହା କହି ବୀଣା ତାର ଝଙ୍କାରିବା ଅଭିନୟ)

ଶ୍ରୀରାଧା—(ରୋଷ ହୋଇ ଉଠିଆସି କହିଲେ)
କି ଲୋ ଗରବିଣି ! ତୁ କାହା ଆଦେଶରେ ପୁଣି ଗୀତ ଗାଇବାକୁ ଆରମ୍ଭ କରୁଛୁ ? ଯା, ଯା, ଚଞ୍ଚଳ ତୋ ବାଟ ଦେଖ୍ ।

(ଗାୟଣୀଙ୍କି ବାହାର କରିଦେଲେ)

ଲଳିତା—କିଛି ନ ବୁଝି ନ କରି ଗାୟଣୀ ଆମ କୋପମୟୀ ମାନିନୀଙ୍କ ଆଗେ କୃଷ୍ଣ ନାମରେ ଗୀତ ଗାଇଲା ଯେମିତି, ତା'ର ପ୍ରତିଫଳ ପାଇଲା ସେମିତି ।

ଶ୍ରୀରାଧା—(ସଖୀମାନଙ୍କୁ ଚାହିଁ) ସଖିଏ ଗୋ ! ତେମେମାନେ ଏଣିକି ଏପରି ଲୋକମାନଙ୍କୁ ହଠାତ୍ ମୋ ପାଖକୁ ଆଣିବ ନାହିଁ; ଆଜିଠାରୁ ସାବଧାନ ଥାଅ ।

Digitized by srujanika@gmail.com

ଗୀତ

ଅଗୋ ସଖୀଗଣ !,   ଥାଅ ସାବଧାନ,
କହୁଲି ତୁମ୍ଭ ଅଗରେ ।
ମୋର ବନା ଅଦେଶରେ ।
ଦେଖା ନ କରୁଅ କାହେ । ୧ ।

ଅତାଙ୍କା ଲୋକଙ୍କୁ   ମୋର ନିକଟକୁ,
ଅଣିବ ନାହିଁଟି ବାରେ ।
ସର୍ବ ସଖୀ ଶୁଣିଥାଅ ।
ମୋର ଏ ଦୃଢ଼ବ୍ରତ ନିଶ୍ଚୟ । ୨ ।

ଦେଖ ବଦେଶିନୀ,   ଜାତ ଭିକାରୁଣୀ,
ଗୀତ ଛଳେ କି ନ କଲା !
କୃଷ୍ଣ ନାମ ଶୁଣାଇଲା ।
(ମୋ) ହୃଦୟକୁ ଜାଳିଦେଲା । ୩ ।

ଯା ଲାଗି ଏ ଦଶା,   ଏତେ ଲୋକହସା,
ତାର ପ୍ରଶଂସା ଗାଇଲା ।
ଅଜ୍କୁ ଅଜ୍ଞ ଦନେ କେହୁ ।
ଏ କାର୍ଯ୍ୟ କରବ ନାହିଁ । ୪ ।

(ଏହୁପର କ୍ରୋଧନିଶା ଦୈନ୍ୟରେ କହୁବା)

ପରଦା ପତନ

Digitized by srujanika@gmail.com

(ମାନଭଞ୍ଜନ ଅରମ୍ଭ)

ପଞ୍ଚମ ଅଙ୍କ

ପ୍ରଥମ ଦୃଶ୍ୟ

ଯାବଟ ପଥ

(ଶ୍ରୀକୃଷ୍ଣ ଯୋଗୀବେଶେ ଗୀତ ଗାଇ ଗାଇ ପ୍ରବେଶ)

ଗୀତ

ବନ୍ଧୁରେ ! ଅଜ ତୋ ଲାଗି, ଭସ୍ମ-କନ୍ଥା ଅନୁରାଗୀ
ମାନ-ଧନ ଭିକ୍ଷା ମାଗି ଆଣିବ ସତେ ।
ତୋର ଶ୍ରୀମୁଖ ପ୍ରସନ୍ନ, ସତେ କରିବ ଦର୍ଶନ,
ଛଣା ସୁଧା ବଚନ କି ଶ୍ରବିବୁ ମୋତେ ।
ତୋର ନାମ ମାଳା ଅର୍ପିତ ।
ମାନମୟି ଗୋ ! ମୁଁ ତୋର କୌଶିଲ୍ୟ ଭୃତ୍ୟ । ୧ ।

(ବଂ ହର ହର ହର ହର କହୁ ଡମ୍ବୁରୁ ବାଦନ କଲେ)

(ଗୋପୀଗଣ ପ୍ରବେଶ)

ପ୍ରଥମ ଗୋପୀ —ସଖି ! ଦେଖିଲଣି ଗୋ ! କି ସୁନ୍ଦର କିଶୋର-ବପୁସିଥ ଯୋଗୀଟିଏ ଅପୁଚନ୍ତ୍ର ।

Digitized by srujanika@gmail.com

ଦ୍ୱିତୀୟା ଗୋପୀ—ସଖି ! ପଚାରବଟି, ଘାଙ୍କ ଘର କେଉଁଠି ?

ତୃତୀୟା ଗୋପୀ—ହଇ ହେ ଯୋଗୀବର ! ତମ ଅସ୍ଥାନ
କେଉଁଠାରେ ?

ଧମସ୍ତେ—(ସମସ୍ୱରେ)

ଗୀତ

ଗୋପୀଗଣ—କହ ଯୋଗୀବର !, କି ନାମ ତୁମ୍ଭର ?
କାହିଁ ନିଜ ବାସସ୍ଥାନ ?

ଯୋଗୀ— କହୁଅଛି ଶୁଣ, ଅନନ୍ତ ମୋ ନାମ,
ବାସ ନିତ୍ୟ ବୃନ୍ଦାବନ । ୧ ।

ଗୋପୀଗଣ—ଏ ବୟସେ ଯୋଗୀ, ଭସ୍ମ ଜଟା ଭୋଗୀ
ହେବା ନ ଥିଲା ତୁମ୍ଭର ।

ଯୋଗୀ— ବାଳକାଳୁଁ ସାଧି ଥିଲେ ହୁଏ ସିଦ୍ଧି
ଏ ସର୍ବ ଶାସ୍ତ୍ର ବଗୁର । ୨ ।

ଗୋପୀଗଣ—ଗୃହବର୍ଣ୍ଣାଶ୍ରମ, ବେଦର ନିୟମ,
ନାହିଁ କି ଶ୍ରବଣେ ଶୁଣି ?,

ଯୋଗୀ— ଧ୍ରୁବ କେଉଁପର, ବାଳକାଳୁଁ ହର,
ଭଜ ହେଲେ ମହାଜ୍ଞାନୀ । ୩ ।

ଗୋପୀଗଣ—ଅଇଲ କ୍ୱପର, ପିତା ଗର୍ଭଧାରୀ,
ଦୁହିଁଙ୍କର ଋଣୀ ହୋଇ ?

Digitized by srujanika@gmail.com

ଯୋଗୀ— ଏ ମିଥ୍ୟା ସଂସାର, କେ ନୁହେ କାହାର,
ହରିନାମେ ସବୁ ଥାଇ । ୪ ।

ଗୋପୀଗଣ—କେଉଁ ତୀର୍ଥଧାମ, କରିଛ ଭ୍ରମଣ ?
କହ ହେ କିଶୋରଯୋଗୀ !

ଯୋଗୀ— "ବୃନ୍ଦାବନଂ ପରିତ୍ୟଜ୍ୟ ପାଦମେକଂ
ନଗଚ୍ଛସି" ଗୋ ଶୁଭାଙ୍ଗି । ୫ ।

ଗୋପୀଗଣ— ଦଣ୍ଡେ ଠିଆ ହୁଅ, ହେ ଭଜନପ୍ରିୟ !
ଆଣି ଦେଉଅଛୁଁ ଭିକ୍ଷା ।

ଯୋଗୀ— ପତିବ୍ରତା ଛଡ଼ା, ଅନ୍ୟ ହସ୍ତୁଁ ଭିକ୍ଷା,
ନ ଛୁଇଁବ ମୋର ଦୀକ୍ଷା । ୬ ।

ଗୋପୀଗଣ— ତେବେ ଆମ୍ଭେମାନେ, ଏ ବ୍ରଜଭୁବନେ,
ନୋହୁଁ କି ପତିବ୍ରତା ?

ଯୋଗୀ— ତାହା ତୁମ୍ଭେ ଜାଣି— ଥିବ ଗୋ ତରୁଣି,
ନ କହ ଗୃହସ୍ଥ କଥା । ୭ ।

ଗୋପୀଗଣ— ପତିବ୍ରତା ବୋଲି କାହାକୁ ଜାଣିଛ ?
କହ ହେ ନୂଆ ତପସ୍ୱୀ !

ଯୋଗୀ— ଏ ବ୍ରଜରେ ଧନୀ, ସତୀ ଶିରୋମଣି,
ରାଧା ନାମଟି ତାହାର । ୮ ।

ଗୋପୀଗଣ— ରାଧା ସତୀ ବୋଲି, କିପରି ଜାଣିଲ ?
ସେ ତ କୁଳକଳଙ୍କିନୀ ।

Digitized by srujanika@gmail.com

ଯୋଗୀ— ମୋତେ ଶ୍ରୀଗୁରୁଙ୍କ ଆଦେଶ ପ୍ରତ୍ୟକ୍ଷ,
ରାଧା ପତିବ୍ରତା ଧନ୍ୟା । ୯ ।

୧ମା ଗୋପୀ—ଯୋଗୀବର ! ତେବେ ଆମମାନଙ୍କ ଠାରୁ ଭିକ୍ଷା ଗ୍ରହଣ କରିବ ନାହିଁ ପରା ?

ଯୋଗୀ—ନା, ନା; ପତିବ୍ରତା ରାଧା ଛଡ଼ା ଅନ୍ୟ କାହାରି ହସ୍ତରୁ ଭିକ୍ଷା ଗ୍ରହଣ କରିବି ନାହିଁ । ମୋତେ ଗୁରୁଦେବଙ୍କ ଆଦେଶ ଅଛି, ସେହି ରାଧା ହସ୍ତରୁ ଭିକ୍ଷା ନେଲେ ମୋର ଯୋଗ ସିଦ୍ଧ ହେବ । ତୁମ୍ଭମାନଙ୍କ ମଧ୍ୟରେ ରାଧା କିଏ ? କହ । ମୁଁ ତାହାରି ହସ୍ତରୁ ଭିକ୍ଷା ନେବି ।

୨ୟା ଗୋପୀ—ତେବେ ଏହି ବାଟେ ବାଟେ ଯାଅ, ଅଭିମନ୍ୟୁପୁର କିଏ ବୋଲି ପଚାରିଲେ ଲୋକେ କହିଦେବେ । ସେହି ଅଭିମନ୍ୟୁ ସେନର ପତ୍ନୀ ନାମ ରାଧା, ତା ମାତାର ନାମ ଜଟିଳା । ଯାଅ, ଏହି ରାଜପଥ ଦେଇ ଯାଅ ।

୩ୟା ଗୋପୀ—ଅଗୋ ! ରାଧାକୁ କଳଙ୍କିନୀ କଳଙ୍କିନୀ କଅଣ କହୁଥିଅଛ ମ ? ଦେଖ, ଯୋଗୀ କିପରି କହୁଛନ୍ତି ।

୨ୟା ଗୋପୀ—ମଲ ମ, ଏ ଗାଁଅରେ ଅସତୀମାନେ ସିନା ତା କହନ୍ତି । ଯାହାର ଧରମ କରମକୁ ବଗୁର ଅଛି, ସେ କଣ ଏମିତି କହିବ ? ବଡ଼ ବଡ଼ ମହତଲୋକଙ୍କ ମୁଖରୁ ଯାହା ଶୁଣିମ ସେଇ ସିନା ସାର !

Digitized by srujanika@gmail.com

୧ମା ଗୋପୀ—କି ସୁନ୍ଦର ଯୋଗୀଟିଏ ମ !

୨ୟା ଗୋପୀ—ତାଙ୍କୁ ଦେଖି ଲେଉଟିବ ଯାଉଚ କି ଗୋ ! ଅସ, ଅସ ।

(ଗୋପୀମାନଙ୍କ ପ୍ରସ୍ଥାନ)

ଯୋଗୀ—(ବୃନ୍ଦାବନ ଅଭିମୁଖେ ପ୍ରସ୍ଥାନ)

ଦୃଶ୍ୟ ପରିବର୍ତ୍ତନ

—)()—

ପଞ୍ଚମ ଅଙ୍କ

ଦ୍ୱିତୀୟ ଦୃଶ୍ୟ

ଯାବଟ ଗ୍ରାମ

(ଯୋଗୀବେଶଧାରୀ ଶ୍ରୀକୃଷ୍ଣଙ୍କ ପ୍ରବେଶ)

ଯୋଗୀ—ହର ବଂ ବଂ ହର ବଂ ବଂ ଶଙ୍କର ଜୀ,

(ଏହା କହି ଡମ୍ବରୁ ବାଦନ କଲେ)

କୁଟିଳା—(ଝୁଁ ଝୁଁ ହୋଇ କରି) ମଲି ରେ ! କେତେ ଯୋଗୀ ଭିକାରି ଆସୁଛନ୍ତି ମ ! ଯାଏ, ଭିକ ମୁଠିଏ ଦେଇ ଅସେଁ ।

(ବାମ ହସ୍ତେ ଯଷ୍ଟି, ଦକ୍ଷିଣ ହସ୍ତେ ଭିକାମୁଠି ଧରି, ଥରି ଥରି ପ୍ରବେଶ)

Digitized by srujanika@gmail.com

ଯୋଗୀ—(ସଦଦ୍ୱାରରେ ଦଣ୍ଡାୟମାନ ହୋଇ ସ୍ୱଗତଃ) ମୁଁ ଏ ସାମାନ୍ୟ ଭିକ୍ଷାର ଭିଖାରୀ ନୁହେଁ, କେବଳ ପ୍ରେମମୟୀର ପ୍ରେମ ଭିକ୍ଷାହିଁ ମୋର ସମ୍ବଳ ।

ଜଟିଳା—(ଥରି ଥରି ନମସ୍କାର କରି କହୁଲେ) ଭିକ୍ଷା ନିଅ ।

ଯୋଗୀ—ତୁମ୍ଭେ କିଏ ? ତୁମ୍ଭ ନାମ କଅଣ କହ, ପରେ ଭିକ୍ଷା ନେବି ।

ଜଟିଳା—ମଲ୍ଲ ରେ ! ଭିଖାରି ତ ଭିକ୍ଷା ନେବ, ଏଡ଼େ ହାକିମୀ କାହିଁକି ସ ? ତେମେ କିଏ, ତମ ନା—କଅଣ ? ଏସବୁ ପଗ୍ଚରିବା କି ଦରକାର ? ଏ ଯୋଗୀ ମୋ ନାଁ ଗାଁଅରୁ କଅଣ ପାଇବ ? ମୋ ନାଁ ଜଟିଳା ବୁଢ଼ୀ ବୋଲି ଏ ଗୋପପୁରରେ କିଏ ନ ଜାଣେ ?

ଯୋଗୀ—ମା ! ମୋ ଉପରେ ରାଗି ଯାଉଚ କି ? ମୋର ଯୋଗ ସିଦ୍ଧି ନିମନ୍ତେ ଗୁରୁଦେବଙ୍କ ଆଦେଶ ହୋଇଛି ।

ଜଟିଳା—ଏଁ (କାନପାରି) ଏଁ ଏଁ କଣ କହୁଲ ?

ଯୋଗୀ—ମୋତେ ଗୁରୁଦେବଙ୍କ ଆଦେଶ ହୋଇଛି ।

ଜଟିଳା—(କାନ ଡେରି) କଅଣ ଆଦେଶ ହୋଇଚି ?

ଯୋଗୀ—ଏ ବ୍ରଜମଣ୍ଡଳରେ ଯାବଟ ଗ୍ରାମ ବାସିନୀ ଜଟିଳା ନାମା ବୃଦ୍ଧା ଗୋପୀକାର କୁଳବଧୂ ପତିବ୍ରତା ରାଧା ହସ୍ତରୁ ଭିକ୍ଷା ନେଲେ ମୋର ଯୋଗ ସିଦ୍ଧି ହେବ । ସେହି ରାଧା ହସ୍ତରେ ମୋତେ ଭିକ୍ଷା ଦାନ କରାଅ । ତୁମ୍ଭର ବହୁ ମଙ୍ଗଳ ହେବ ।

Digitized by srujanika@gmail.com

କୁଟିଳା— ଅହା ହା ! ମୋ ବୋହୂ ଅତି ସୁଲକ୍ଷଣୀ ହୋଇ ଥାଇ । ତା ନାଆଁରେ ଏ ଗୋପପୁରଯାକ ହାଟରେ ବାଟରେ କଏ କେତେ କଥା ନଗେଇ ନଚେଇ କହନ୍ତି । ମୋ ବୋହୂ କଅଁ କଳଙ୍କିନୀ ହୁଅନ୍ତା ସ ? ମୋ ବୋହୂ ତ ପତିବ୍ରତା । ମୁଁ ଭଗବତୀଙ୍କ କଥାକୁ ମିଛ ମଣୁଥାଏଁ, ଆଜି ପ୍ରତ୍ୟକ୍ଷରେ ଜାଣିଲି ! ଅହା ! ଏ ଅସହଣୀମାନେ ଦେଖି ନ ପାରି ମୋ ବୋହୂକୁ କେତେ ଅପବାଦ ଦଅନ୍ତି । ଧରମ କୁଆଡ଼େ ଯିବ ? ହଉ, ଏବେ ଯାଏଁ, ବୋହୂ ହାତରେ ଭିକ୍ଷା ଦେଇପଠାଏଁ ।

(ଯାଇ ଯାଇ ନେପଥ୍ୟରେ ପ୍ରବେଶି)

'ଲଳିତେ ! ଲଳିତେ ! ! ଅଗୋ ଲଳିତେ ! ! !

ଲଳିତା—(ଅନ୍ୟତ୍ରରୁ) ଆଜ୍ଞା ! କଣ କହୁଚ ମା ?

କୁଟିଳା— ଦାଣ୍ଡଦୁଆରେ ଜଣେ ଯୋଗୀ ଠିଆ ହୋଇଛନ୍ତି, ସେ କହୁଛନ୍ତି, ରାଧା ହାତରେ ଭିକ୍ଷା ନେଲେ ତାଙ୍କର ଯୋଗ ସିଦ୍ଧି ହବ ବୋଲି । ଚଞ୍ଚଳ ମୋ ବୋହୂ ହାତରେ ଭିକ୍ଷା ଦିଅଅ ।

ଲଳିତା—(ନେପଥ୍ୟେ) ଯେ ଆଜ୍ଞା !

ଯୋଗୀ—(ସ୍ୱଗତଃ) ପ୍ରାଣେଶ୍ୱରି ! ଦର୍ଶନ ଦିଅ ।

(ଶ୍ରୀରାଧା ଭିକ୍ଷା ହସ୍ତେ ସଖିମାନଙ୍କ ସହ ପ୍ରବେଶ)

ଶ୍ରୀରାଧା—(ଭିକ୍ଷା ତଳେ ଥୋଇ ନମସ୍କାର କଲେ)

ସଖୀଗଣ—(ଭକ୍ତି ସହିତ ନମସ୍କାର କଲେ)

Digitized by srujanika@gmail.com

ଯୋଗୀ—ଅଶୀର୍ବାଦପୂର୍ବକ ହସ୍ତ ଟେକ କହିଲେ) ତୁମ୍ଭମାନଙ୍କର
ମନବାଞ୍ଛା ପୂର୍ଣ୍ଣହେଉ ।

ଲଳିତା—ଯୋଗୀବର ! ରାଧା ଅମର ଭିକ୍ଷା ଧରି ଠିଆ ହୋଇଛନ୍ତି,
ଗ୍ରହଣ କରନ୍ତୁ ।

ଗୀତ

ଅହେ ନୂଆ ଯୋଗୀମଣି !
ସତୀ ହସ୍ତେ ପରା ଭିକ୍ଷା ମାଗୁଣି ହେ ।
କିଶୋରମୁନି !
ଦଣ୍ଡକମଣ୍ଡଳୁ ପାଣି ହେ, କିଶୋରମୁନି ! । ୧ ।

ହସ୍ତେ ଭିକ୍ଷାଥାଳୀ ଧରି ।
ଠିଆ ହୋଇଛନ୍ତି ଅମ୍ଭ କିଶୋରୀ ହେ ।
ଭଜନକାରି !
ନାଥ ସୁକଲ୍ୟାଣ କରି ହେ, ଭଜନକାରି ! । ୨ ।

ମନବାଞ୍ଛା ପୂର୍ଣ୍ଣକର ।
(ଯଦି) ରାଧା ହସ୍ତ ଭିକ୍ଷା ବାଞ୍ଛା ତୁମ୍ଭର ହେ ।
ସନ୍ନ୍ୟାସୀବର !
ହସ କରୁଣା କର କର ହେ, ସନ୍ନ୍ୟାସୀବର ! । ୩ ।

ଯୋଗୀ—(ଅଡ଼ ନୟନେ ଶ୍ରୀରାଧାଙ୍କୁ ଗୁହିଁ ଥନ ଥନ ହେଲେ)

Digitized by srujanika@gmail.com

ଗୀତ

ଏ ଭୂଷାରେ ମୋର, ନାହିଁ ଦରକାର,
ତବ ଦରଶନେ ଇଚ୍ଛା ।
ନନ୍ଦସୁତେ ଅଛୁ, ଯେଉଁ ମହା ମାନ,
ଘୁଞ୍ଚ ପୂରୁ ମନ ବାଞ୍ଛା ।
(ସତୀ ଅଗ୍ରଣୀ ଗୋ !) ବୃନ୍ଦାବନ ବିହାରଣୀ;
(ସତୀ ଅଗ୍ରଣୀ ଗୋ !) ପତିବ୍ରତା ଶିରୋମଣି;
(ସତୀ ଅଗ୍ରଣୀ ଗୋ !) କୃଷ୍ଣ ପ୍ରେମ ତରଙ୍ଗିଣୀ । ୧ ।
ଉତ୍ସୁକ ହୋଇଛୁ, ଅଗ୍ରେମଲୁ ଯିବ,
ଅଗୋ ଭକ୍ତ ବିନୋଦନ !
ଯୋଗ ସିଦ୍ଧ ହୋଇ, ଦିଅ ମାନ ଭିକ୍ଷା,
ଜଗତ ଜନ-ବନ୍ଦନୀ !
(ନୃତ୍ୟ ବିଳାସିନୀ ଗୋ !) କୃଷ୍ଣପ୍ରୀତ ସୌଭାଗିନୀ;
(ନୃତ୍ୟ ବିଳସିନୀ ଗୋ !) ସତୀକୁଳର ଅଗ୍ରଣୀ;
(ନୃତ୍ୟ ବିଳାସିନୀ ଗୋ !) ନିକୁଞ୍ଜ ଅଭିସାରଣୀ । ୨ ।

ଲଳିତା—ଯୋଗୀବର ! ଆମ ରାଧାଙ୍କୁ ତ ଏ ଗୋପରେ ଲୋକେ କୃଷ୍ଣ କଳଙ୍କିନୀ ବୋଲି କହୁଚନ୍ତି, ଅଉ ପତିବ୍ରତା ଶିରୋମଣି କିପରି ହେବେ ?

ଯୋଗୀ—ନା, ନା, ଶ୍ରୀରାଧା ବ୍ରଜମଣ୍ଡଳରେ ସତୀ, ସାଧ୍ୱୀ, ପତିବ୍ରତା; ଏ କଥା ତ୍ରିଭୁବନରେ ବିଖ୍ୟାତ । ମୋତେ ଚଞ୍ଚଳ ମାନ-

Digitized by srujanika@gmail.com

ଭିକ୍ଷା ଦାନ କରନ୍ତୁ । (ଶ୍ରୀରାଧାଙ୍କ ପ୍ରତି) ଭାଗ୍ୟବତୀ ରାଧେ ! ଦିଅ, ଦିଅ, ତୁମ୍ଭ ପୁଣ୍ୟମୟ କର କମଳରେ ଧରିଥିବା ମେଷ୍ଠାନ୍ନ ପ୍ରତିବଦଳରେ ଶ୍ରୀନନ୍ଦନନ୍ଦନ ବୃନ୍ଦାବନଚନ୍ଦ୍ରଙ୍କ ପ୍ରତି ଯେଉଁ ଗାଢ଼ ମାନ କରିଛ ତାହା ଏ ଯୋଗୀଙ୍କି ଦାନ କର ।

ଶ୍ରୀରାଧା—(ଅବନତ ବଦନେ ରହି ଭାଳିବା ଅଭିନୟ)

ଲଳିତା—ରାଧେ ! ଆଜି ଭାଳିହେଲେ କଅଣ ହେବ ? ଯୋଗୀ ତ ନିଶ୍ଚୟ ଭିକ୍ଷା ନେବେ, ମାନ ଛଡ଼ା ତ ସେ ଅନ୍ୟ ଭିକ୍ଷା ଛୁଇଁବେ ନାହିଁ । ଯଦି ଭିକ୍ଷା ନ ନେଇ ଯୋଗୀ ଫେରିଯିବେ, ତେବେ ତ ତମର ଧର୍ମହାନି ହେବ, ଏବେ ଚଞ୍ଚଳ ମାନ-ଧନକୁ ଭିକ୍ଷା ଦିଅ ।

ଶ୍ରୀରାଧା—(ସଖୀମାନଙ୍କୁ ଚାହିଁ) ସଖି ! କି ଉପାୟ କରିବି ?

ବିଶାଖା—(ମନ୍ଦହାସରେ) ଆଜି ଏଥିକି ଉପାୟ କଅଣ ଖୋଜୁଛ ? ରାଧେ ! ମାନ ଭିକ୍ଷା ଦେଲି ବୋଲି କହ । କଥା ଅଛି ପରା—"ତୁରନ୍ତ ଦାନ, ମହାପୁଣ୍ୟ"

ଶ୍ରୀରାଧା—ହଁ ସଖି ! ଯୋଗୀବରଙ୍କୁ ମାନ-ଭିକ୍ଷା ଦେଲି ।

ଲଳିତା—(ଯୋଗୀଙ୍କ ପ୍ରତି) ଯୋଗୀବର ! ରାଧା ଆମର ଶ୍ରୀକୃଷ୍ଣଙ୍କଠାରେ ଯେଉଁ ମାନ କରିଥିଲେ, ତାହା ଆପଣଙ୍କୁ ଆଜି ଭିକ୍ଷାରୂପେ ଦାନ କଲେ, ଆଶୀର୍ବାଦ କରନ୍ତୁ ।

Digitized by srujanika@gmail.com

ଯୋଗୀ—(ହସ୍ତତୋଳି) ମୁଁ ଅଶୀର୍ବାଦ କରୁଛି, ଏହୁ ପତିବ୍ରତା ନାମ ଯୁଗେ ଯୁଗେ ଥାଉ ।

(ଶ୍ରୀରାଧାଙ୍କ ଅଙ୍ଗକୁ ବାଙ୍କନୟନ ଚାହିଁ ଧୀରେ ଧୀରେ ପ୍ରସ୍ଥାନ)

ଶ୍ରୀରାଧା—(ଯୋଗୀଙ୍କି ଅଙ୍ଗନୟନେ ଗୃହୁଁ ସଖୀ ପ୍ରତି) ସଖି ଗୋ ! ମୋ ପ୍ରାଣ ପ୍ରିୟମାଙ୍କୁ ସତେ କି ନାରଖାର କରାଇଲି ? ଅହା !

ଗୀତ

ଅଳି ! ମୁଁ ସତେ କି ଭଲି !
ଢାଳିଦେଲି ଯା ବାଲିରେ ପୀୟୂଷ ଥାଳି । ଘୋଷା ।
କାଳିନ୍ଦୀ ଗମ୍ଭୀର ଜଳେ,   ଗଲି ନ ହୋଇ ଢଳେ,
କାଳିଅ ମଣି ମାଳକୁ ଫିଙ୍ଗିଲି । ୧ ।
ବନ୍ଧ ସନ୍ତାପ ଛାତି,   ଜଳି ଯାଉଛି ଗାତି,
ଲଳିତ ମୂର୍ତ୍ତିକି ଯା ରୋଷ ବହିଲି । ୨ ।
ଚଳପା ଧର୍ମ ମୋର,   ନଳିନ-ନେତ୍ର ନୀର,
ଗାଳି କଲେ ଯା ଅଳି ତା ନ ଦେଖିଲି । ୩ ।

ଲଳିତା – ଧନମାଳି ! ଅଉ ସନ୍ତାପ କରନାହିଁ, ତୋ ଦୁର୍ଦ୍ଦଶା ଶେଷ ହେଲାଣି ।

ବିଶାଖା—ରାଧେ ! ଏହି ସିନା କଳହାନ୍ତରିତା ଲକ୍ଷଣ । ସଖି ଗୋ ! ସ୍ଥିର ହୁଅ, ନିକଟରେ ପ୍ରାଣବନ୍ଧୁଙ୍କ ଦର୍ଶନ ପାଇବ ।

Digitized by srujanika@gmail.com

ଶ୍ରୀରାଧା—ସଖି ! ମୋ ଜୀବନ ସର୍ବସ୍ୱ କୃଷ୍ଣ ତ ମୋତେ ଉପେକ୍ଷା କରି ଚାଲିଯାଉଛନ୍ତି । ହାୟ ! ସେହି ନବନଟବର ବିରହ ଛବିଟିକୁ ଅଣିଦିଅ । ସଖି ଗୋ ! ମୋର ତ ସେହି ନୀଳ ମୂରତିଟି ପାଶୋର ହେଉନାହାନ୍ତି । ଅହା ! ଏ ଭେଳଙ୍କମନ୍ଦ ପୁଣି ମୋତେ କାଏ ଲଗେଇଦେଲା ? ସେଇ ଚନ୍ଦ୍ରବଦନ ତ ମନେ ପଡ଼ୁଛନ୍ତି !

ଗୀତ

ମନେ ପଡ଼ୁଛି ମା ! ସେହି ଚନ୍ଦ୍ରମୁଖ ।
ପାଶୋରିବା ପାଇଁ କେତେ ହେଲେହେଁ ବମୁଖ । ଘୋଷା ।
କୁଟିଳ ଅଳକାବଳୀ, ଗଣ୍ଡମଣ୍ଡଳର ଝଳି, ମା !
ନାସାପୃଷ୍ଠର ଦ୍ୱିରଦ ମୁକୁତା ମୟୂଖ । ୧ ।
ଶୋଭି ବକ୍ର କୁଣ୍ଡଳର, ବଂଶୀ ବିନ୍ୟାସ ଅଧର, ମା !
ନୂଆ ବରହ ମକୁଟ ଦରଶନ ସୁଖ । ୨ ।
ଶୁଣ ସର୍ବ ସହଚରୀ, କର କରୁଣା ମଞ୍ଜରୀ, ମା !
(ଏ) ହତଭାଗିନୀ ରାଧାର ଯିବା ଜୀବ ରଖ । ୩ ।

ବିଶାଖା—ହୁଁ, ମୁଁ ଜାଣିଲି ଯେ, ପ୍ରେମିକ ଯୋଗୀ ବୋଧହୁଏ ମୋହନୀ ମନ୍ତ୍ର ଧୂଳି ପକେଇଦେଇ ଯିବାରୁ ଉମର ଏ ଅବସ୍ଥା; ନୁହେଁ ରାଧେ ?

ଲଳିତା—ଅଗୋ, ସତ ଗୋ, ସତ !

Digitized by srujanika@gmail.com

ଶ୍ରୀରାଧା—ଲଳିତେ ! ସେ ଯୋଗୀ କଅଣ ମନ୍ତ୍ରତନ୍ତ୍ର ଜାଣନ୍ତି ? ନଇଲେ ମୋ ପ୍ରାଣ ପ୍ରତିମା କୃଷ୍ଣଙ୍କୁ ଦେଖିବାକୁ ମୁଁ ଏପରି ପାଗଳିନୀ ହୁଅନ୍ତି କିଆଁ ? ସଖି ! ମୁଁ ତ ତାଙ୍କୁ ଆଜ କେବେ ଦେଖିଲାପରି ମନେ ହେଉଛି ।

ଲଳିତା—ତାଙ୍କର ତ ଏ ବ୍ରଜରେ ଅସ୍ଥାନ, ଦେଖି ନ ଥିବ ତାଇଁକି ମ ?

ବିଶାଖା—କେତେଥର ତ ବାଟରେ, ଘାଟରେ ଦେଖା ହୋଇଛି, ଚିହ୍ନ ନ ଚିହ୍ନିଲାପରି ହେଉଥାଅ ତାଇଁକି ମ ?

ଚିତ୍ରା—ସଖି ! ସେ ଚିହ୍ନା ଖଣ୍ଡ ଯୋଗୀଟିଏ ମ !

ଲଳିତା—ଚିତ୍ରେ ! ନବରଙ୍ଗିଆ ଯୋଗୀଟିଏ ବୋଲି କହୁନାହିଁ ।

(ସଖୀଗଣ ମୁରୁକି ମୁରୁକି ହସିଲେ)

ଶ୍ରୀରାଧା—(ଉତ୍ସୁକମନେ) ସଖି ! ସତ କହ, ସେ କିଏ ?

ବିଶାଖା—ଆଉ କିଏ ? ସେ ସେଇ କଳାକାହ୍ନୁ କମଳ-ଆଖି । ମୁଁ ତାଙ୍କ ଗୁହାଁଣି ଛଟାରୁ ଜାଣି ପାରିଛି ।

ଶ୍ରୀରାଧା—(କରୁଣସ୍ୱରେ) ଅହା ! ଘନ-ସୁନ୍ଦର ହେ ! ଏ ଛାର ଅଭାଗିନୀ ଲାଗି ଏପରି ଭିଖାରୀବେଶ ଧାରଣ କରି ଆସିଥିଲ ? ହାୟ ! ମୁଁ କି ଅବିଚାର କରିଥିଲି ! (ସଖୀ ପ୍ରତି) ସଖି ଗୋ ! ମୁଁ କେଡ଼େ ମନ୍ଦପଣ କଲି ? ଦାରୁଣ ମାନ କରି କାହିଁକି ତାଙ୍କୁ ଏତେ ଦୁଃଖ ଦଆଇଲିଟି ?

Digitized by srujanika@gmail.com

ଗୀତ

ସଖି ରେ ! ମୁଁ କି ଭୁଲିଲି ?

ଦାରୁଣ ମାନକୁ ଭଜି,   ଶ୍ୟାମବନ୍ଧୁଙ୍କୁ ଗଞ୍ଜିଲି ।

(ଘୋଷା)

ବସନ୍ତ ପ୍ରସାର ମୋତେ,   ବନସ୍ଥେ ଭେଟିଲେ ଯେତେ,
ଚରଣତଳେ ପଡ଼ନ୍ତେ, ନ ଗୃହିଁ ମୁଖ ମୋଡ଼ିଲି । ୧ ।

ଅନାଦର ଦେଖି ମୋର,   ନୟନୁ ବୁହାଇ ନୀର,
ଚଳିଲେ ନାଗରବର, ଯାଇଁ ପଥ ନ ଅଟକିଲି । ୨ ।

ଲଳିତା—ସଖେ ! ଏ ବୃଥା ଅନୁତାପ ଛାଡ଼; ଆଜି ଏହି ଚଇତ୍ର-ପୂର୍ଣ୍ଣିମା ବାସନ୍ତୀ ରଜନୀରେ ବସନ୍ତ ବସନଙ୍କ ତୁମ୍ଭେ ଲେ ତୁମ୍ଭର ଶୁଭ ମିଳନ ହେବ । ଏବେ ଆସ, ସର୍ଯ୍ୟପଜା ବିଧାନ କରିବଇବ ।

ବିଶାଖା—ସଖି ! ସୁଯୋଗକୁ ସୂର୍ଯ୍ୟ ପୂଜା ସମୟ ପ୍ରବେଶ ହେଲଣି ।

ଶ୍ରୀରାଧା—ସଖି ! ଚାଲ, ପୂଜା ସମ୍ଭାର ଘେନି ସୂର୍ଯ୍ୟକୁଣ୍ଡକୁ ଠାକୁ ଯିବା ।

(ସମସ୍ତଙ୍କ ପ୍ରସ୍ଥାନ)

ପଞ୍ଚ ପରିବର୍ତ୍ତନ

Digitized by srujanika@gmail.com

ପଞ୍ଚମ ଅଙ୍କ

ତୃତୀୟ ଦୃଶ୍ୟ

ତମାଳ ବେଦୀତଳ

(ଶ୍ରୀକୃଷ୍ଣ ଯୋଗୀବେଶ ବଦଳାଇ ବୃନ୍ଦାଙ୍କ ସହିତ ପ୍ରବେଶ)

ବୃନ୍ଦା—ସୁନ୍ଦର ମୋହନ ! ମୋ କୌଶଳ ଦେଖିଲତ ? କପଟ ବୁଦ୍ଧି-ବଳଦ୍ୱାରେ ରାଧାର ଦୁର୍ଜ୍ଜୟମାନକୁ ନିମିଷକ ମଧ୍ୟରେ ତୁଟେଇ ଦେଲି ?

ଶ୍ରୀକୃଷ୍ଣ—ହଁ ବୃନ୍ଦେ ! ତୁମ୍ଭର କୃପାରୁ ମାନମୟୀର ଗାଢ଼ମାନ ଦୂର-ହେଲା ।

ବୃନ୍ଦା—ଏବେ ମୋତେ କିଛି ପୁରସ୍କାର ଦିଅ ।

ଶ୍ରୀକୃଷ୍ଣ—କି ପୁରସ୍କାର ଦେବି ବୃନ୍ଦେ ?

(ନିଜଗଳାରୁ ଫୁଲମାଳା ବାହାର କରି ହସି ହସି ବୃନ୍ଦାଙ୍କ ଗଳାରେ ଦିଓଇଦେଲେ)

ବୃନ୍ଦା—ଏହି ଏକା ମୋର ପରମ ସୌଭାଗ୍ୟ, ପ୍ରଭୁ ! ଏଇ କୃପା ସବୁଦିନେ ଥାଉ ।

(ହସି ହସି ସଖିଙ୍କୁ ଡାକି କହିଲେ)

ଗୀତ

ଏ ଶ୍ରୀଅଙ୍ଗ ଛଡ଼ା ମାଳ ପାଇଁ ସିନା ।
ଶଠିରେ, ଦାସୀପଣେ ଅଧୀନା । ଘୋଷା ।

Digitized by srujanika@gmail.com

ହେ ନୀଳକାନ୍ତ !,   ଏହ ସୁଦାନ୍ତ,
ଥାଉ ସବୁଦିନେ ମୋ କାଳିଆ ସୁନା । ୧ ।

ସଖୀଗଣ—(ନେପଥ୍ୟେ ହୁଳହୁଳି ଧ୍ୱନି)

ବୃନ୍ଦା—ନାଗର ! ରାଇ କିଶୋରୀଟି ତୁମ୍ଭ ଦର୍ଶନଆଶାରେ ତୁମ୍ଭଁ ପୂଜିବାକୁ ଆସୁଛି । ତୁମ୍ଭେ ଏହି ତମାଳ ବେଦୀ ନିକଟ ଅଶୋକ ମୂଳେ ତ୍ରିଭଙ୍ଗୀ ଠାଣିରେ ଉଭା ହୁଅ ଯା, ମୁଁ ମଧୁପାନର ଯୋଗାଡ଼ କରେଁ ।

ଶ୍ରୀକୃଷ୍ଣ—ହେଉ ତେବେ ।

(ଦୁଇ ଦିଗରେ ଦୁହେଁ ପ୍ରସ୍ଥାନ)

(ସଖୀଗଣ ଶ୍ରୀରାଧାଙ୍କୁ ଘେନି ପ୍ରବେଶ)

ଗୀତ

ଦେଖ ଦେଖ ସଜନି ! କିଏ ତମାଳ ମୂଳେ ? (ଏ କିଏ) ।
ମନ୍ଦେ ମନ୍ଦେ ହସି ଏଣେ ଡୋଳା ତ ହାଲେ । ଘୋଷା ।
ଶିଖୀଚୂଳେ ଖୋସିଅଛି ରଙ୍ଗ ଜାମ୍ବୁ ଡାଳେ ।
ଅଧରେ ମୋହନବଂଶୀ କରାଙ୍ଗୁଳି ଗୁଳେ । ୧ ।
ଗଣ୍ଡ ମଣ୍ଡଳେ ରତନ କୁଣ୍ଡଳ ଗୋ ଖେଳେ ।
ଚନ୍ଦନ-ଚର୍ଚ୍ଚିତ ବିଭୂଷିତ ବନମାଳେ । ୨ ।

Digitized by srujanika@gmail.com

ରୁଣ ଝୁଣୁ ନୂପୁରକୁ ବାଇ ତାଳେ ତାଳେ ।
ଲଳ ଲଳ ଅପୂଅଛୁ ଏ ଲତା ଗହଳେ । ୩ ।

ପ୍ରେମଯୋଗୀ ହୋଇଥିଲେ ଯେ ଗୋ ! ମାନ ଛଳେ ।
ସେହୁ ରାଧା ପ୍ରାଣବଲ୍ଲ ଦେଖ ବେନି ଡୋଳେ । ୪ ।

କା ସୁନ୍ଦର ଦଣ୍ଡେ ଅଙ୍ଗ ଝୋପି ଝୋପି ଫୁଲେ ।
ଏ ରୂପକୁ ସଖି ! ଧ୍ୟାଉଥିବା କାଳେ କାଳେ । ୫ ।

(ଶ୍ରୀକୃଷ୍ଣ ମନ୍ଦହାସରେ ପ୍ରବେଶ)

ଗୀତ

ଶ୍ରୀକୃଷ୍ଣ—ଯୋଗୀ ହୋଇଲି ବାଛନି ! ତୋ ଲାଗି,
ଶ୍ରୀରାଧା—ଏ କଳଙ୍କିନୀ ତୁମ୍ଭ ଅନୁରାଗୀ ।

ଶ୍ରୀକୃଷ୍ଣ—ଗୋଲୋକ ଛାଡ଼ିଲି ରାଧେ ! ତୋ ପାଇଁ,
ଶ୍ରୀରାଧା—ତୁମ୍ଭ ଲାଗି ଯାଏଁ ଯମୁନା ନଈ ହେ ।

ଶ୍ରୀକୃଷ୍ଣ—ତୋର ଲାଗି ନନ୍ଦ ବାଧାଟି,
ଶ୍ରୀରାଧା—ତୁମ୍ଭ ଲାଗି ଅଭିମାନିନୀ ରାଧାର
ନୀଳ ଶାଢ଼ୀରେ ଶରଧାଟି । ୧ ।

ଶ୍ରୀକୃଷ୍ଣ—ତୋତେ ଚୁହିଁ ହେଲି ବଙ୍କା ନୟନ,
ଶ୍ରୀରାଧା—ଜଗତେ ଦେଖଇ ତୁମ୍ଭ ବଦନ ।

Digitized by srujanika@gmail.com

ସଖୀଗଣ—ନୋହିଲେ କି ମନ ଦୁଃଅନ୍ତା ଛନ୍ତି ?
କୁଳମାନ ଡେଇଁ ହୋଇ ଉଛୁନ୍ତି ଗୋ ?
(ରାଧେ) ବନ୍ଧୁଁ ହୃଦେ ମହାମାନ ଗୋ !
ଭୁବନ ମୋହନ ପୀନ ସ୍ତନ ବେଶେ
କରୁଥାନ୍ତେ କି ସେବନ ଗୋ । ୨ ।

ଅସ ହେ ଗୋକୁଳ ପୂର୍ଣ୍ଣିମାଶଶି !
ଅସ ଗୋ କନକ-କାନ୍ତି ସୁହାସି !
ଅସ ବୃନ୍ଦାବନ ପ୍ରେମ ଦମ୍ପତି ।
ଅସ ଅସ ଅମ୍ଭ ନେତ୍ର ସମ୍ପତ୍ତି ହେ !
ବସ ଏ ଫୁଲ ଦୋଳରେଟି ।
ନାଶ ଅମ୍ଭ ମନୁଁ ଚିର ଦୁଃଖଯାକ,
ରସ ନିକୁଞ୍ଜ କେଳିରେଟି । ୩ ।

ଲଳିତା—(ଶ୍ରୀରାଧାଙ୍କ ପ୍ରତି) ଅସ ଗୋ ରାଧେ ! ଏ ଲାଜ କାହିଁକି ?

ବିଶାଖା—(ଶ୍ରୀକୃଷ୍ଣ କିଶୋରୀ ଦୁହିଁଙ୍କ ଘେନି ପ୍ରସ୍ଥାନ)

ସଖୀଗଣ—(ପ୍ରେମ ବହ୍ୱଳ ମନେ ଦୁଳଦୁଳି ଦେଇ ପ୍ରସ୍ଥାନ)

ପଟ୍ଟ ପରିବର୍ତ୍ତନ

Digitized by srujanika@gmail.com

ପଞ୍ଚମ ଅଙ୍କ

ଚତୁର୍ଥ ଦୃଶ୍ୟ

କୁସୁମ ଦୋଳି

(ହସି ହସି ଶ୍ରୀରାଧାଗୋବିନ୍ଦ ଝୁଲିବା ଅଭିନୟ)

ସଖୀଗଣ—(ଆନନ୍ଦରେ ହସି ହସି)

ଗୀତ

ଝୁଲୁଅ ଗୋ ! କିଶୋରୀ କାହ୍ନା ।
କିଶୋର କିଶୋରୀ ଦୋଳି କୁଞ୍ଜେ ଝୁଲୁ ଚାନା । ଘୋଷା ।
ଶ୍ୟାମ ଇନ୍ଦ୍ର ନୀଳମଣି, ଏ କିଶୋରୀ ସ୍ୱର୍ଣ୍ଣା,
ଯୁଗଳ ରୂପକୁ ସଖି, କି ଦେବା ତୁଳନା । ୧ ।
ଆରମ୍ଭ ଗୋ ନୃତ୍ୟ ଗୀତ, ହୋଇ ତୋଷମନା,
ନାଚି ଉଠୁ ବୃନ୍ଦାବନ, ନାଚୁ ଗୋ ଯମୁନା । ୨ ।
ମଙ୍ଗଳ ସଙ୍ଗୀତ ଗାଅ, ସକଳ ସୁମନା,
ଜୟ ଶ୍ରୀରାଧିକେ ଜୟ ଗୋପ କଳାସୁନା, । ୩ ।
ଅହା କେଡ଼େ ସୁନ୍ଦର ଏ ଯୁଗଳ ପ୍ରତିମା
ଏତେଦିନେ ପୂରିଲା ଗୋ ଅନ୍ତର କାମନା । ୪ ।

Digitized by srujanika@gmail.com

କୀର୍ତ୍ତନ

ରାଧେ ଗୋବିନ୍ଦ ଜୟ ରାଧେ ରାଧେ !
(ଜୟ) ରାଧେ ଗୋବିନ୍ଦ ଜୟ ରାଧେ ରାଧେ ! !
(ଜୟ) ରାଧେ ଗୋବିନ୍ଦ ଜୟ ରାଧେ ରାଧେ ! ! !
ହରିବୋଲ ! ହରିବୋଲ ! ! ହରିବୋଲ ! ! !

(ଫୁଲ ଦୋଳିରେ ଯୁଗଳମୂର୍ତ୍ତି ଝୁଲୁଥିବା,
ସଖୀଗଣ ଜୟ ସଙ୍ଗୀତ ଗାଇ ଗାଇ
ନୃତ୍ୟ କରୁଥିବା)

ଯ ବ ନି କା ପ ତ ନ

(ଇତି ଶ୍ରୀ ମାନଭଞ୍ଜନ ନାଟକ ସମ୍ପୂର୍ଣ୍ଣ)

କଟକ ଦାସପ୍ରେସରେ ଶ୍ରୀ ହରମୋହନ ଦାସଙ୍କ ଦ୍ୱାରା
ମେସିନଯନ୍ତ୍ରେ ମୁଦ୍ରିତ । ୧୯୩୨

Digitized by srujanika@gmail.com

ସମସ୍ତ ରାସଲୀଳା ନାଟକର ସୁଦକ୍ଷ ଲେଖକ ଓ ଶିକ୍ଷକ

କବିଚନ୍ଦ୍ର ଉପାଧିକ—ବ୍ରଜବାସୀ ବାବାଜୀ

ଶ୍ରୀ ବୈଷ୍ଣବ ଚରଣ ଦାସଙ୍କ ପ୍ରଣୀତ

ରାସଲୀଳା ନାଟକାବଳୀ

ଯାହାଙ୍କ ଭକ୍ତଙ୍କର ଘରେ ଘରେ ଚିର ଆଦୃତ, ପଠିତ ପ୍ରଶଂସିତ; ସେହି ସମସ୍ତ ରାସନାଟକାବଳୀ ପ୍ରକାଶିତ ହୋଇଅଛି । ନିମ୍ନରେ ସେମାନଙ୍କର ନାମ ଓ ମୂଲ୍ୟ ଦିଆଗଲା—

* ଚିନାରଙ୍ଗ ମଲାଟ ଯୁକ୍ତ ନୂତନ ରାସନାଟକାବଳୀ *

ବାଲ୍ୟଲୀଳା ନାଟକ ମୂଲ୍ୟ ଟ ୦ ।

(ଶ୍ରୀକୃଷ୍ଣଙ୍କର ବାଲ୍ୟାବସ୍ଥାର କୌତୁକ ପୂର୍ଣ୍ଣ ଲୀଳାବଳୀ)

ରାଧା ମାଧବ ନାଟକ ମୂଲ୍ୟ ଟ ୦ ।/

(ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କର ନୂତନ ମିଳନ)

ଚନ୍ଦ୍ରାବଳୀ ବିଳାସ ନାଟକ ମୂଲ୍ୟ ଟ ୦ ।/

(ଚନ୍ଦ୍ରାବଳୀଙ୍କ ସହିତ ଶ୍ରୀକୃଷ୍ଣଙ୍କର ନିକୁଞ୍ଜ ବିଳାସ)

ଶ୍ରୀ ଶ୍ରୀ ବୃନ୍ଦାବନ ଲୀଳାମୃତ ଟ ୦ ।

(ଶ୍ରୀକୃଷ୍ଣଙ୍କ ପୌଗଣ୍ଡ ଲୀଳା ବା ନୌକା ବିହାର ଏବଂ କାଳୀୟ ଦମନ)

Digitized by srujanika@gmail.com

ବଦଗ୍ଧ ଚିନ୍ତାମଣି ନାଟକ ମୂଲ୍ୟ ଟ ୦ ।୯

[ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କର ଚରିତ୍ର ଜନିତ ମିଳନ]

ଯୁଗଳ ମାଧୁରୀ ଗୀତ ମୂଲ୍ୟ ଟ ୦ ।

[ମାନଭଞ୍ଜନର ସମ୍ପୂର୍ଣ୍ଣ ସୁମଧୁର ଗୀତାବଳୀ]

ମୋହନ ମାଧୁରୀ ସଙ୍ଗୀତ ମୂଲ୍ୟ ଟ ୦ ।୯

(ନିତ୍ୟ ନୂତନ ମନୋହର ସଙ୍ଗୀତ ରାଜି)

କାଳିଆ ସୁନା ଚଉତିଶା ମୂଲ୍ୟ ଟ ୦ ୯

[ସତ୍ୟବାଦୀ ସାକ୍ଷୀଗୋପୀନାଥଜୀଉଙ୍କ ଉଦ୍ଦେଶ୍ୟ ଚଉତିଶା]

ନବକିଶୋରୀ ଚଉତିଶା ମୂଲ୍ୟ ଟ ୦ ୯

[ସଖୀଙ୍କ ପ୍ରତି ଶ୍ରୀମତୀଙ୍କ ବିରହଦଶା ବର୍ଣ୍ଣନ]

ବୈଷ୍ଣବ ଭଜନ ଶତକ ମୂଲ୍ୟ ଟ ୦ ।

[ନୂତନ ମନୋହର ଭଜନାବଳୀ]

ପ୍ରାପ୍ତିସ୍ଥାନ—**ଦଶରଥ ପୁସ୍ତକାଳୟ, କଟକ**

Digitized by srujanika@gmail.com